ବର୍ଷ-୨୬, ସଂଖ୍ୟା-୧୦୭
ଭୁବନେଶ୍ୱର
୨୦, ଏପ୍ରିଲ୍ ୨୦୨୬ ସୋମବାର
ପୃଷ୍ଠା-୦୮, ମୂଲ୍ୟ : ୨ ଟଙ୍କା

Vol.-26, Issue No. ୧୦୭
Bhubaneswar
20 April, 2026 Monday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ଦୋଷ ଲଦିଲେ ମୃଣାଳ

# ଦେଶର ପ୍ରଥମ ଅତ୍ୟାଧୁନିକ ଥ୍ରୀଡି ଚିପ୍ ପ୍ୟାକେଜିଂ ୟୁନିଟ ପାଇଁ ଶିଳାନ୍ୟାସ

- ୨ ହଜାର କୋଟି ନିବେଶ, ୨,୫୦୦ ନିଯୁକ୍ତି ସୃଷ୍ଟି କରିବ
- ଓଡ଼ିଶା ପାଇଁ ଏକ ନୂତନ ବିକାଶର ଯୁଗର ଆରମ୍ଭ ହୋଇଛି - ଅଶ୍ୱିନୀ ବୈଷ୍ଣବ
- ପୂର୍ବ ଭାରତରେ ଓଡ଼ିଶା ଆତ୍ମନିର୍ଭର ଭାରତର ଲଞ୍ଚପ୍ୟାଡ୍ ହେବ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୯।୪(ମହାଭାରତ): ଭୁବନେଶ୍ୱର ଇନଫୋଭ୍ୟାଲି ଠାରେ ଆଜି ଭାରତର ପ୍ରଥମ ଅତ୍ୟାଧୁନିକ ଥ୍ରୀଡି ଚିପ୍ ପ୍ୟାକେଜିଂ ୟୁନିଟ ପାଇଁ ଶିଳାନ୍ୟାସ କରାଯାଇଛି। ଦେଶର ସେମିକଣ୍ଡକ୍ଟର ଉତ୍ପାଦନ ଯାତ୍ରାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ରେଳ, ଇଲେକ୍ଟ୍ରୋନିକ୍ସ ଓ ଆଇଟି, ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଉପସ୍ଥିତିରେ ହେଟେରେଜେନସ୍ ଇଂଟିଗ୍ରେସନ୍ ପ୍ୟାକେଜିଂ ସଲ୍ୟୁସନ୍ସ (ଥ୍ରୀଡି ଗ୍ଲାସ୍ ସଲ୍ୟୁସନ୍) ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାନ ହୋଇଛି । ଭାରତର ପ୍ରଥମ ଅତ୍ୟାଧୁନିକ ଗ୍ଲାସ୍ ସେମିକଣ୍ଡକ୍ଟର ପ୍ୟାକେଜିଂ ୟୁନିଟ ପାଇଁ ଶିଳାନ୍ୟାସ ସହିତ ବିଶ୍ୱର ସବୁଠୁ ଆଧୁନିକ ଚିପ୍ ପ୍ୟାକେଜିଂ ପ୍ରଯୁକ୍ତିବିଦ୍ୟା ଓଡ଼ିଶା ମାଟିରେ ବିକଶିତ ହେବାକୁ ଯାଉଛି ।

ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଶିଳାନ୍ୟାସ ହୋଇଥିବା ପ୍ରକଳ୍ପକୁ ରାଜ୍ୟ ପାଇଁ ଏକ ଐତିହାସିକ ମାଇଲଖୁଂଟ ଭାବେ ଅଭିହିତ କରିଥିଲେ । କେବଳ ଓଡ଼ିଶା ନୁହେଁ ଦେଶରେ ପ୍ରଥମ ଥର ପାଇଁ ଏକ ଥ୍ରୀ ଡି ଗ୍ଲାସ୍ ସଲ୍ୟୁସନ୍ ପ୍ରକଳ୍ପ ସ୍ଥାନ ହେବା ଗୌରବର ବିଷୟ । ଇଂଟେଲ୍, ଲକହିଡ୍ ମାର୍ଟିନ୍ ଏବଂ ଆପ୍ଲାଏଡ୍ ମ୍ୟାଟେରିଆଲ୍ସ ଭଳି ଅଗ୍ରଣୀ ସଂସ୍ଥା ଥ୍ରୀଡି ଗ୍ଲାସ୍ ସଲ୍ୟୁସନ୍ସ ନିର୍ମାଣ କ୍ଷେତ୍ରରେ ଅଗ୍ରଣୀ ରହିଛନ୍ତି । ସେମାନେ ଓଡ଼ିଶାକୁ ନିଜ ସନ୍ଦଯୋଗ୍ୟ ଗନ୍ତବ୍ୟ ସ୍ଥଳୀ ରୂପେ ବାଛିବା ଖୁସିର ବିଷୟ ।

ମୁଖ୍ୟମନ୍ତ୍ରୀ କହିଥିଲେ, ଓଡ଼ିଶାରେ ନିର୍ମାଣ ହେବାକୁ ଯାଉଥିବା ଏହି ଅତ୍ୟାଧୁନିକ ସେମିକଣ୍ଡକ୍ଟର ପ୍ୟାକେଜିଂ ୟୁନିଟ୍ ରେ ପ୍ରସ୍ତୁତ ହେବାକୁ ଥିବା ଉପକରଣ ଆଗାମୀ ଦିନରେ ଆର୍ଟିଫିସିଆଲ ଇଂଟେଲିଜେନ୍ସ ସିଷ୍ଟମ, ଉଚ୍ଚ ଦକ୍ଷତା ସମ୍ପନ୍ନ କମ୍ପ୍ୟୁଟିଂ, ପ୍ରତିରକ୍ଷା ଓ ଇଲେକ୍ଟ୍ରୋନିକ୍ସ କ୍ଷେତ୍ରରେ ଉପଯୋଗ ହେବ । ଗତ କିଛି ଦିନ ତଳେ ଖୋର୍ଦ୍ଧାରେ ୪୦ ହଜାର କୋଟି ଟଙ୍କାର ନିବେଶ ସହିତ ଅନେକ ଶିଳ୍ପ ପ୍ରକଳ୍ପର ଶୁଭାରମ୍ଭ କରାଯାଇଥିଲା । ଶ୍ରୀ ମାଝୀ କହିଥିଲେ, ଇଲେକ୍ଟ୍ରୋନିକ୍ସ ଓ ସେମିକଣ୍ଡକ୍ଟର କ୍ଷେତ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆତ୍ମନିର୍ଭର ଭାରତ ସଂକଳ୍ପକୁ ସାକାର କରିବାରେ ଓଡ଼ିଶା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ । ଉତ୍କଳ ଦିବସ ଅବସରରେ ପ୍ରଧାନମନ୍ତ୍ରୀ ଏକ ପତ୍ର ଲେଖି ସେମିକଣ୍ଡକ୍ଟର କ୍ଷେତ୍ରରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ହେବାକୁ ଯାଉଛି ବୋଲି ଉଲ୍ଲେଖ କରିଥିଲେ । ଓଡ଼ିଶା ପ୍ରତି ପ୍ରଧାନମନ୍ତ୍ରୀଙ୍କର ସମ୍ପୂର୍ଣ୍ଣ ଭରସା ରହିଛି । ପୂର୍ବ ଭାରତରେ ଓଡ଼ିଶା ଆତ୍ମନିର୍ଭର ଭାରତର ଆଧାର ପାଲଟିବ ବୋଲି ମୁଖ୍ୟମନ୍ତ୍ରୀ କହିବା ସହିତ ଏଥିପାଇଁ ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ । ଶ୍ରୀ ମାଝୀ କହିଥିଲେ, ଥ୍ରୀ ଡି ଗ୍ଲାସ୍ ସେମିକଣ୍ଡକ୍ଟର କଳ୍ପ ନିର୍ମାଣ ଲାଗି କମ୍ପାନୀ ପ୍ରାୟ ୨ ହଜାର କୋଟି ଟଙ୍କାର ନିବେଶ କରିଛି । ଏଠାରେ ବାର୍ଷିକ ୭୦ ହଜାର ଗ୍ଲାସ୍ ପ୍ୟାନେଲ୍, ୫୦ ନିୟୁତ ଆସେମ୍ବଲ ୟୁନିଟ୍ ଏବଂ ୧୩ ହଜାର ଅତ୍ୟାଧୁନିକ ଥ୍ରୀଡିଆଇ ମଡ୍ୟୁଲ୍ ନିର୍ମାଣ କରାଯିବ। ଗତବର୍ଷ ଅଗଷ୍ଟ ମାସରେ କେନ୍ଦ୍ର କ୍ୟାବିନେଟ୍ ଓଡ଼ିଶାରେ ଦୁଇଟି ସେମିକଣ୍ଡକ୍ଟର ୟୁନିଟକୁ ଅନୁମୋଦନ କରିଥିଲେ । ସେପ୍ଟେମ୍ବର ମାସରେ ଅନୁମୋଦନ ଲାଭ କରିଥିବା ଦୁଇଟି ପ୍ରକଳ୍ପ ମଧ୍ୟରୁ ଗୋଟିଏର ଶିଳାନ୍ୟାସ ହୋଇସାରିଛି । ଆରଆଇଆର ପାୱାର ଇଲେକ୍ଟ୍ରୋନିକ୍ସ ମଧ୍ୟ ଓଡ଼ିଶାରେ ସିଲିକନ୍ କାର୍ବାଇଡ୍ କମ୍ପାଉଣ୍ଡିଂ ଫେବ୍ରିକେସନ୍ ପ୍ଲାଂଟ ନିର୍ମାଣ କରୁଛି । ଖୁବଶୀଘ୍ର ଏହି ପ୍ରକଳ୍ପରେ ଉତ୍ପାଦନ ଆରମ୍ଭ ହେବ । ଓଡ଼ିଶା ହେଉଛି ଦେଶର ଏକମାତ୍ର ରାଜ୍ୟ ଯେଉଁଠାରେ ପ୍ରଥମ କମ୍ପାଉଣ୍ଡ ସେମିକଣ୍ଡକ୍ଟର ଫ୍ୟାବ୍ ୟୁନିଟ୍ ଏବଂ ପ୍ରଥମ ଥ୍ରୀଡି ଗ୍ଲାସ୍ ସବଷ୍ଟ୍ରେଟ୍ ପ୍ୟାକେଜିଂ କେନ୍ଦ୍ର ସ୍ଥାନ ହେବାକୁ ଯାଉଛି । ସେ ଏଥିପାଇଁ କେନ୍ଦ୍ର ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ ।



ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ, ଓଡ଼ିଶାରେ ବିକଶିତ ହେଉଥିବା ସେମିକଣ୍ଡକ୍ଟର ଶିଳ୍ପଗୁଡ଼ିକ ରାଜ୍ୟର ଇଞ୍ଜିନିୟରିଂ, ଡିପ୍ଲୋମା ଏବଂ ଆଇଟିଆଇ ଛାତ୍ରଛାତ୍ରୀଙ୍କ ।ଇଁ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ । ଏହି ପ୍ରକଳ୍ପ ଆମ ଯୁବପିଢ଼ିଙ୍କ ପାଇଁ ହଜାର ହଜାର ଗୁଣାତ୍ମକ ନିଯୁକ୍ତି ସୃଷ୍ଟି କରିବ। ଏହା ରାଜ୍ୟକୁ ଖଣି ଆଧାରିତ ଅର୍ଥବ୍ୟବସ୍ଥା ଠାରୁ ପ୍ରଯୁକ୍ତି ଶିଳ୍ପ ଆଧାରିତ ଅର୍ଥବ୍ୟବସ୍ଥା ରୂପେ ବିକଶିତ କରିବ। ରାଜ୍ୟରେ ଯଥେଷ୍ଟ ଶକ୍ତି, ଦକ୍ଷ କାର୍ଯ୍ୟବଳ ଓ ପ୍ରଗତି ପାଇଁ ପ୍ରତିବଦ୍ଧତା ରହିଛି । ଓଡ଼ିଶା ଆଧୁନିକ ଇଲେକ୍ଟ୍ରୋନିକ୍ସ ଉତ୍ପାଦନ କ୍ଷେତ୍ରରେ ପସନ୍ଦଯୋଗ୍ୟ ନିବେଶ ସ୍ଥଳୀ ରୂପେ ବିକଶିତ ହେଉଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

କାର୍ଯ୍ୟକ୍ରମରେ ଉଦବୋଧନ ଦେଇ କେନ୍ଦ୍ର ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି, ବିତ୍ର ଅକ୍ଷୟ ତୃତୀୟା ପୂର୍ବରୁ ଓଡ଼ିଶାରେ ଆଜି ସେମିକଣ୍ଡକ୍ଟର ପ୍ଲାଂଟର ଶିଳାନ୍ୟାସ କରାଯିବା ଖୁସିର ବିଷୟ । ଏହି ପ୍ରକଳ୍ପ ଲାଗି ସହଯୋଗ ନିମନ୍ତେ ସେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଓଡ଼ିଶା ସରକାରଙ୍କୁ ଧନ୍ୟବାଦ ଜଣାଇଥିଲେ । ଭାରତରେ ସେମିକଣ୍ଡକ୍ଟର ଭଳି ଜଟିଳ ପ୍ରଯୁକ୍ତିବିଦ୍ୟା ଆଧାରିତ ଶିଳ୍ପର ବିକାଶ ଲାଗି ପ୍ରୋତ୍ସାହନ ନିମନ୍ତେ କେନ୍ଦ୍ର ମନ୍ତ୍ରୀ ଶ୍ରୀ ବୈଷ୍ଣବ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ମଧ୍ୟ ଧନ୍ୟବାଦ ଜ୍ଞାନ କରିଥିଲେ । ସେ କହିଥିଲେ, ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟି କାରଣରୁ ଓଡ଼ିଶା ସମେତ ସାରା ଦେଶରେ ଆଜି ସେମିକଣ୍ଡକ୍ଟର ଶିଳ୍ପର ଦ୍ରୁତ ବିକାଶ ହେଉଛି । ଏହି ପ୍ରକଳ୍ପ ପାଇଁ ସେ ସବୁ ଅଂଶୀଦାର ଏବଂ ଶିଳ୍ପ ପ୍ରତିନିଧିମାନଙ୍କୁ କୃତଜ୍ଞତା ଜଣାଇଥିଲେ । କେନ୍ଦ୍ର ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଥିଲେ, ଓଡ଼ିଶା ଆଇଟି ଏବଂ ସେମିକଣ୍ଡକ୍ଟର ଶିଳ୍ପର ଏକ_ମୁଖ କେନ୍ଦ୍ର ରୂପେ ବିକଶିତ ହେଉଛି । ରାଜ୍ୟରେ ବର୍ଷ ବର୍ଷ ଧରି ଖଣିଜ, ଧାତୁ ଓ ଶକ୍ତିର ପ୍ରମୁଖ ଶିଳ୍ପଗୁଡ଼ିକ ଗଢ଼ି ଉଠିଥିଲା । ଏବେ ଉଚ୍ଚପ୍ରଯୁକ୍ତି ବିଦ୍ୟା ଶିଳ୍ପ କ୍ଷେତ୍ରରେ ଓଡ଼ିଶା ଆଗକୁ ବଢ଼ୁଛି । ଆଜି ଯେଉଁ ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି ତାହା ବିଶ୍ୱର ସବୁଠୁ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଆଧାରିତ ପ୍ରକଳ୍ପ । ଆଗକୁ ଓଡ଼ିଶା ଏହି କ୍ଷେତ୍ରରେ ଆହୁରି ଆଗକୁ ବଢ଼ିବ ।

ସେ ଆହୁରି କହିଥିଲେ, ଭାରତ ଆଜି ଇଲେକ୍ଟ୍ରୋନିକ୍ସ କ୍ଷେତ୍ରରେ ଅଗ୍ରଣୀ ଦେଶ ପାଲଟିଛି । ଗତ ୧୨ ବର୍ଷ ମଧ୍ୟରେ ଭାରତରେ ଇଲେକ୍ଟ୍ରୋନିକ୍ସ ଉତ୍ପାଦନ ୬ ଗୁଣ ବୃଦ୍ଧି ପାଇଛି । ପୂର୍ବରୁ ଭାରତରୁ ପେଟ୍ରୋଲିୟମ, ଇଞ୍ଜିନିୟରିଂ ଉତ୍ପାଦନ, ଅଳଙ୍କାର ଓ ରତ୍ନ ପଥର, ବୟନଶିଳ୍ପ ଉତ୍ପାଦଗୁଡ଼ିକର ମୁଖ୍ୟତଃ ରପ୍ତାନି ହେଉଥିଲା। ଖୁସିର କଥା ହେଉଛି, ୨୦୨୫ରେ ଭାରତ ସବୁଠୁ ଅଧିକ ମୋବାଇଲ୍ ଫୋନ୍ ରପ୍ତାନି କରିଛି। ଭାରତ ଏବେ ବିଶ୍ୱର ଦ୍ୱିତୀୟ ସର୍ବବୃହତ ମୋବାଇଲ୍ ଫୋନ୍ ଉତ୍ପାଦନକାରୀ ଦେଶ ହୋଇପାରିଛି । ଭାରତର ଯୁବବର୍ଗ ଏବେ ମୋବାଇଲ ଉତ୍ପାଦନ ୟୁନିଟଗୁଡ଼ିକରେ ଦକ୍ଷତା ଓ ଗର୍ବ ଭବନା ନେଇ କାମ କରୁଥିବା କେନ୍ଦ୍ର ମନ୍ତ୍ରୀ କହିଥିଲେ। ଓଡ଼ିଶାର ଯୁବପିଢ଼ି ମଧ୍ୟ ସମାନ ଉତ୍ସାହ ନେଇ ରାଜ୍ୟରେ ବିକଶିତ ହେଉଥିବା ସେମିକଣ୍ଡକ୍ଟର ପ୍ରକଳ୍ପଗୁଡ଼ିକରେ କାମ କରିବେ ବୋଲି ସେ ଆଶା ପ୍ରକାଶ କରିଥିଲେ ।

ଶ୍ରୀ ବୈଷ୍ଣବ କହିଥିଲେ, ଇଣ୍ଡିଆ ସେମିକଣ୍ଡକ୍ଟର ମିଶନ ଅଧୀନରେ ଓଡ଼ିଶାରେ ଦୁଇଟି ସେମିକଣ୍ଡକ୍ଟର ପ୍ଲାଂଟ ଅନୁମୋଦନ ଲାଭ କରିସାରିଛି । ସେହିପରି ଇଲେକ୍ଟ୍ରୋନିକ୍ସ ଏବଂ ସେମିକଣ୍ଡକ୍ଟର ସହ ଜଡ଼ିତ ଆଉ ତିନୋଟି ପ୍ରକଳ୍ପ ମଧ୍ୟ ଓଡ଼ିଶାରେ କାର୍ଯ୍ୟକାରୀ ହେବାକୁ ଯାଉଛି। ରାଜ୍ୟରେ ବୃହତ ପ୍ରକଳ୍ପ ନିର୍ମାଣ ଲାଗି ଇଂଟେଲ୍ ଭଳି ସଂସ୍ଥା ସହ ମଧ୍ୟ କଥାବାର୍ତ୍ତା ଚାଲିଥିବା କେନ୍ଦ୍ର ମନ୍ତ୍ରୀ ସୂଚନା ଦେଇଥିଲେ । ରାଜ୍ୟରେ ରେଳ ବିକାଶ ସମ୍ପର୍କରେ ସୂଚନା ଦେଇ ଶ୍ରୀ ବୈଷ୍ଣବ କହିଥିଲେ, ଓଡ଼ିଶାରେ ବର୍ଷ ବର୍ଷ ଧରି ରେଳବାଇକୁ ଅଣଦେଖା କରାଯାଇଥିଲା ।

## ବାଣ ଫ୍ୟାକ୍ଟ୍ରିରେ ବିସ୍ଫୋରଣ, ୨୩ ମୃତ

ଚେନ୍ନାଇ୧୯।୪(ମହାଭାରତ): ତାମିଲନାଡୁର ବିରୁଧୁନଗର ଜିଲ୍ଲାରେ ଏକ ବାଣ ଫ୍ୟାକ୍ଟ୍ରିରେ ଭୟଙ୍କର ବିସ୍ଫୋରଣ ଘଟିଛି। ଏଥିରେ ଅତି କମରେ ୨୩ ଜଣ ଶ୍ରମିକଙ୍କ ଦୁଃଖଦ ମୃତ୍ୟୁ ଘଟିଛି। ଅନେକ ଆହତଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମୃତକଙ୍କ ମଧ୍ୟରେ ୧୬ ମହିଳା ସାମିଲ। ପୋଲିସ ଏବଂ ଅଗ୍ନିଶମ ବାହିନୀ ଦଳ ଉଦ୍ଧାର ଏବଂ ରିଲିଫ୍ କାର୍ଯ୍ୟରେ ନିୟୋଜିତ ଅଛନ୍ତି।ସୂଚନା ଅନୁଯାୟୀ, ବିରୁଧୁନଗର ଜିଲ୍ଲାରେ ଅନେକ ବାଣ ଫ୍ୟାକ୍ଟ୍ରି ଚାଲିଥିଲା। ଏହି ଫ୍ୟାକ୍ଟ୍ରିଗୁଡିକରେ ପୁରୁଷ ଏବଂ ମହିଳା ଶ୍ରମିକ ଭାବରେ କାମ କରନ୍ତି। ବାଣ ଉଦ୍ୟୋଗ ହିଁ ସେମାନଙ୍କର ଜୀବନ ଜୀବିକା। ଏପରି ଆଉ ଏକ ବାଣ ଫ୍ୟାକ୍ଟ୍ରି ବିରୁଧୁନଗର ନିକଟସ୍ଥ



କଟ୍ଟାନାରପଟ୍ଟିରେ ଅବସ୍ଥିତ। ଆଖପାଖ ଅଞ୍ଚଳର ଅନେକ ପୁରୁଷ ଏବଂ ମହିଳା ସେଠାରେ କାମ କରୁଥିଲେ। ରବିବାର ସକାଳେ ସବୁଦିନ ପରି କାମ କରିବାକୁ ଆସିଥିଲେ। ହେଲେ କାରଖାନା ଭିତରେ କାମ କରୁଥିବା ବେଳେ ହଠାତ୍ ଭିତରେ ବଡ ଧରଣର ବିସ୍ଫୋରଣ ଘଟିଥିଲା। ବିସ୍ଫୋରଣର ମାତ୍ରା ଅଧିକ ଥିଲା ଯେ ଆଖି ପିଛୁଳାକେ ଚାରୋଟି କୋଠା ଭୁଶୁଡ଼ି ପଡିଥିଲା। ଦୁର୍ଘଟଣାରେ ୨୦ରୁ ଅଧିକ ଶ୍ରମିକ ବାଣ କାରଖାନା ଭିତରେ ଫସି ରହିଥିଲେ। ସମଗ୍ର ଅଞ୍ଚଳ ଘନ ଧୂଆଁରେ ଆଚ୍ଛାଦିତ ହୋଇଯାଇଥିଲା। ଦେଖଣାହାରୀମାନେ ଅଗ୍ନିଶମ କେନ୍ଦ୍ର ଏବଂ ପୋଲିସକୁ ଖବର ଦେଇଥିଲେ।

## ବିରୋଧୀଙ୍କ ମୁଣ୍ଡରେ 'ମହିଳା ବିରୋଧୀ' କଳଙ୍କର ଷ୍ଟାମ୍ପ ଲାଗିଗଲା : ମୋହନ

ଭୁବନେଶ୍ୱର,୧୯।୪(ମହାଭାରତ): ଗତ ୧୭ ତାରିଖ ଭାରତୀୟ ଗଣତାନ୍ତ୍ରିକ ଇତିହାସରେ ଏକ 'କଳା ଦିବସ' ଥିଲା । ଏହି ଦିନ କଂଗ୍ରେସ ଦଳ ନେତୃତ୍ୱରେ ସମଗ୍ର ବିରୋଧୀଦଳ ମିଳିମିଶି ଦେଶର କୋଟି କୋଟି ମହିଳାଙ୍କ ସ୍ୱପ୍ନକୁ ଚୁରମାର କରି ଦେଇଥିଲେ । ସମ୍ବିଧାନର ୧୩୧ ତମ ସଂଶୋଧନକୁ ଲୋକସଭାରେ ପରାଜିତ କରି ହସଖୁସିର ସହ ଉତ୍ସବ ପାଳନ କରିଥିଲେ । ଏହା ଦେଶର ମହିଳାଙ୍କ ପରାଜୟ ନୁହେଁ, ଏହା ବିରୋଧୀଙ୍କ ଅହଂକାରକୁ ଦର୍ଶାଏ । ଏହାର ଉତର ଏ ଦେଶର ନାରୀଶକ୍ତି ନିଜ ଭୋଟ ମାଧ୍ୟମରେ ଦେବେ ବୋଲି ରାଜ୍ୟ କାର୍ଯ୍ୟାଳୟରେ "ନାରୀଶକ୍ତି ବନ୍ଦ ଅଧିନିୟମ" ଉପରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନଚରଣ ମାଝୀ କହିଛନ୍ତି ।

ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ମହିଳାଙ୍କ ସଶକ୍ତିକରଣ ପାଇଁ ମାନନୀୟ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଜୀ ଯଜ୍ଞ କରୁଥିବାବେଳେ ବିରୋଧୀମାନେ ଏହାକୁ ବିଫଳ କରିବା ପାଇଁ ଷଡ଼ଯନ୍ତ୍ର କରୁଛନ୍ତି । ଦେଶର ପ୍ରାୟ ୧୪୦ କୋଟି ଜନସଂଖ୍ୟାର ଅଧା ହେଉଛନ୍ତି କେବଳ ମହିଳା । ମହିଳାଙ୍କ ବିନା ସୃଷ୍ଟିର କଳ୍ପନା ମଧ୍ୟ କରାଯାଇ ନ ପାରେ । ଆଜି ଦେଶର ଝିଅ ଓ ମହିଳାମାନେ ସବୁ କ୍ଷେତ୍ରରେ ନିଜର ଶ୍ରେଷ୍ଠତା ପ୍ରତିପାଦନ କରିଛନ୍ତି । ଶିକ୍ଷା, ସ୍ୱାସ୍ଥ୍ୟ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା, କ୍ରିଡା, ବ୍ୟବସାୟ, ପ୍ରଶାସନ ସବୁ କ୍ଷେତ୍ରରେ ତାଙ୍କ ପ୍ରତିଭା ପ୍ରଦର୍ଶନ କରିଛନ୍ତି । ସ୍କୁଲରେ ପାଠ ପଢାଇବାରୁ ଆରମ୍ଭ କରି ଉଡାଜାହାଜ ଉଡାଇବା ତାଙ୍କ ପାଇଁ ଆଜି ସାଧାରଣ କଥା । ଅପରେଶନ ସିନ୍ଦୁର ସମୟରେ ଭାରତୀୟ 'ନାରୀଶକ୍ତି'ର ଚମତ୍କାର ସାରା ବିଶ୍ୱ ଦେଖିଥିଲା । ମାତ୍ର ବିରୋଧୀଦଳମାନଙ୍କ ପାଇଁ ମହିଳା ସଶକ୍ତିକରଣ କେବଳ ଏକ ସ୍ଲୋଗାନ ଓ ଏକ ଫେଶନ । ଯେତେବେଳେ ନାରୀମାନଙ୍କୁ ପ୍ରକୃତ ସମ୍ମାନ ଏବଂ ପ୍ରକୃତ ଅଧିକାର ଦେବାର ବେଳ ଆସିଲା, ବିଭିନ୍ନ ଆଳ ଦେଖାଇ ସେମାନେ ସେଥିରୁ ଓହରିଗଲେ ।




ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧନ କରି ସାଂସଦ ଶ୍ରୀମତୀ ବାଂସୁରୀ ସ୍ୱରାଜ କହିଛନ୍ତି ଯେ, ନାରୀଶକ୍ତି ବନ୍ଦନ ଅଧିନିୟମ ସର୍ବସମ୍ମତିକ୍ରମେ ୨୦୨୩ ସେପ୍ଟେମ୍ବରରେ ପାରିତ ହୋଇଥିଲା । ସେତେବେଳେ କଂଗ୍ରେସ ସମେତ ସମସ୍ତ ବିରୋଧୀ ଦଳଗୁଡ଼ିକ ଏହି ଅଧିନିୟମ ସପକ୍ଷରେ ସହମତି ପ୍ରକାଶ କରିଥିଲେ । ମାତ୍ର ଏହି ଅଧିନିୟମ ଲାଗୁ ହେବାବେଳକୁ କଂଗ୍ରେସ, ଡିଏମ୍‌କେ, ଟିଏମ୍‌ସି, ସମାଜବାଦୀ ପାର୍ଟିଙ୍କ ସହ ଇଣ୍ଡି ମେଂଟରେ ଥିବା ସବୁ ବିରୋଧୀଦଳଗୁଡ଼ିକ ମିଳିମିଶି ଏହି ଦେଶର ମାତୃଶକ୍ତି ସହ ବିଶ୍ୱାସଘାତ କରିଛନ୍ତି । ଏନେଇ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ସମ୍ବୋଧନରେ ନାରୀମାନଙ୍କ ପ୍ରତି ତାଙ୍କ ବେଦନା ଓ ସମ୍ବେଦନା ଦେଖିବାକୁ ମିଳିଥିଲା । ଗତ ୧୬, ୧୭, ୧୮ ଏପ୍ରିଲରେ ସଂସଦରେ ଯେତେବେଳେ ଏହି ଅଧିନିୟମ ଲାଗୁ କରିବା ଉପରେ ଚର୍ଚ୍ଚା ହୋଇଥିଲା, ସେତେବେଳେ ବିରୋଧୀମାନେ ନିଜ ପୂର୍ବ ପ୍ରତିଶ୍ରୁତିରୁ ଓହରି ଯାଇଥିଲେ । ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦିଜୀ ୨୦୨୯ରୁ ମହିଳା ସଂରକ୍ଷଣ ଲାଗୁ କରିବା ପାଇଁ ଚାହିଁଥିଲେ, ମାତ୍ର ବିରୋଧୀମାନେ ଦେଶର ମାତୃଶକ୍ତି ପିଠିରେ ଛୁରି ଭୁଷି ଦେଇଛନ୍ତି । କଂଗ୍ରେସ ଓ ବିରୋଧୀ ଦଳଗୁଡ଼ିକ ନାରୀମାନଙ୍କ ଭୂମିକା କେବଳ ମତଦାନ କେନ୍ଦ୍ରରେ ସୀମିତ ରହୁ ବୋଲି ଚାହୁଁଛନ୍ତି । ସେମାନଙ୍କୁ କେବଳ ଭୋଟବ୍ୟାଙ୍କ ଭାବେ ବ୍ୟବହାର କରିବାକୁ ଚାହୁଁଥିବା ଏଥିରୁ ସ୍ପଷ୍ଟ ହୋଇଛି । ଯେତେବେଳେ ଏହି ଅଧିନିୟମ ଲୋକ ସଭା ଓ ରାଜ୍ୟ ବିଧାନସଭାଗୁଡ଼ିକରେ ନାରୀମାନଙ୍କ ଭାଗିଦାରୀକୁ ସୁନିଶ୍ଚିତ କରାଉଥିଲା ସେତେବେଳେ ବିରୋଧି ଦଳଗୁଡ଼ିକ ମୁହଁ ମୋଡ଼ି ଦେଇଛନ୍ତି । ଦେଶର ମାତୃଶକ୍ତିକୁ ଅଧିକାର ଦେବାକୁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦିଜୀ ପ୍ରୟାସ କରୁଥିବାବେଳେ କଂଗ୍ରେସ ନେତୃତ୍ୱରେ ଇଣ୍ଡି ମେଂଟରେ ଥିବା ବିରୋଧୀ ଦଳଗୁଡ଼ିକ ବାଧା ସୃଷ୍ଟି କରିଛନ୍ତି । କଂଗ୍ରେସ ସବୁବେଳେ ଭାରତରତ୍ନ ଡ. ଭୀମରାଓ ବାବାସାହେବ ଆମ୍ବେଦକର ଓ ସମ୍ବିଧାନର କଥା କହୁଥିବାବେଳେ ନାରୀମାନଙ୍କ ଅଧିକାରର ହିସାବ ଦେବାର ସମୟ ଯେତେବେଳେ ଆସିଲା ସେତେବେଳେ ଏହି ଦଳ ସମ୍ବିଧାନର ତଂଟି ଚିପିଦେଲା । ଗତ ୪୦ ବର୍ଷ ଧରି ଦେଶର ମାତୃଶକ୍ତି ନିଜର ଅଧିକାର ପାଇଁ ଅପେକ୍ଷା କରିଥିବାବେଳେ ବିରୋଧୀମାନେ ଜାଣିଶୁଣି ବିଭିନ୍ନ ପ୍ରସଙ୍ଗ ଉଠାଇ ହୀନ ରାଜନୀତି କରି ଏହି ଅଧିନିୟମକୁ ଲାଗୁ କରେଇ ଦେଇନାହାନ୍ତି ।

## ମୂଲ୍ୟବୋଧର ଗଠନ ବିଦ୍ୟାଳୟକୁ ଜୀବନ୍ତ କରେ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୯।୪(ମହାଭାରତ): ଏହି ବିଦ୍ୟାଳୟ କେବଳ ଏକ ଶିକ୍ଷାନୁଷ୍ଠାନ ନୁହେଁ, ବରଂ ଏହା ଅଞ୍ଚଳର ସାମାଜିକ ଓ ବୌଦ୍ଧିକ ଉନ୍ନତିର ଏକ ପ୍ରମୁଖ କେନ୍ଦ୍ର ଭାବେ ପରିଚିତ ବୋଲି କଟକ ଜିଲ୍ଲାର ସୁନ୍ଦରଗ୍ରାମରେ ଅବସ୍ଥିତ ସୁନ୍ଦରଗ୍ରାମ ସରକାରୀ ହାଇସ୍କୁଲର ପ୍ଲାଟିନମ୍ ଜୁବୁଲି ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ବିଦ୍ୟାଳୟର ୭୫ ବର୍ଷର ଗୌରବମୟ ଯାତ୍ରାକୁ ସ୍ମରଣ କରି କହିଥିଲେ ।ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣରେ କହିଥିଲେ ଯେ, ୭୫ ବର୍ଷର ସଫଳ ଯାତ୍ରା କୌଣସି ସଂସ୍ଥା ପାଇଁ ଅପୂର୍ବ ସଫଳତା ଅଟେ ଏବଂ ଏହା ପଛରେ ଅନେକ ଶିକ୍ଷାନୁରାଗୀ ଓ ତ୍ୟାଗୀ ବ୍ୟକ୍ତିଙ୍କ ଅବଦାନ ରହିଛି। ସେ ବିଦ୍ୟାଳୟର ପ୍ରତିଷ୍ଠାତା ଓ ଉନ୍ନତିରେ ଅବଦାନ ରଖିଥିବା ସମସ୍ତଙ୍କୁ ସମ୍ମାନ ଜଣାଇଥିଲେ। ସେ କହିଥିଲେ ଯେ, ସାଢେ ସାତ ଦଶନ୍ଧି ପୂର୍ବ ସ୍ଥାପନ ହୋଇଥିବା ଏହି ଶିକ୍ଷାର ଚାରା ଆଜି ଏକ ବିଶାଳ ବୃକ୍ଷରେ ପରିଣତ ହୋଇ ହଜାର ହଜାର ଛାତ୍ରଛାତ୍ରୀଙ୍କୁ ଆଲୋକ ଦେଉଛି ।

ସେ ଆହୁରି କହିଥିଲେ ଯେ, ବିଦ୍ୟାଳୟର ସଫଳତାର ମୂଳ ମାପକାଠି ହେଉଛି ଏହାର ପୁରାତନ ଛାତ୍ରଛାତ୍ରୀଙ୍କ ସଫଳତା। ସୁନ୍ଦରଗ୍ରାମ ହାଇସ୍କୁଲର ଅନେକ ପୁରାତନ ଛାତ୍ର ଆଜି ବିଭିନ୍ନ ଉଚ୍ଚ ପଦବୀରେ ରହି ସମାଜ ସେବା କରୁଛନ୍ତି, ଯାହା ବିଦ୍ୟାଳୟ ପାଇଁ ଗର୍ବର ବିଷୟ। ବର୍ତ୍ତମାନ ଅଧ୍ୟୟନରତ ଛାତ୍ରଛାତ୍ରୀମାନେ ସେମାନଙ୍କୁ ଆଦର୍ଶ ଭାବେ ଗ୍ରହଣ କରି ନିଜ ଭବିଷ୍ୟତ ଗଢ଼ିବା ଉଚିତ୍ ବୋଲି ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ।

ଶିକ୍ଷାର ମହତ୍ତ୍ୱ ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଶିକ୍ଷା କେବଳ ପାଠ୍ୟଜ୍ଞାନ ନୁହେଁ, ବରଂ ଚରିତ୍ର ଗଢ଼ିବା ଓ ଜୀବନ ମୂଲ୍ୟବୋଧ ସୃଷ୍ଟିର ଏକ ମାଧ୍ୟମ। ସେ ଛାତ୍ରଛାତ୍ରୀଙ୍କୁ ଆଧୁନିକ ଯୁଗର ଚାହିଦା ଅନୁସାରେ ଦକ୍ଷତା ବିକାଶ, ସୃଜନଶୀଳତା ଓ ନବୀନ ଚିନ୍ତାଧାରାରେ ଆଗକୁ ବଢ଼ିବାକୁ ଆହ୍ୱାନ କରିଥିଲେ। ଏହା ସହ ମୋବାଇଲ ଓ ସୋସିଆଲ ମିଡିଆର ଅତିରିକ୍ତ ବ୍ୟବହାରରୁ ଦୂରେଇ ରହି, ଜ୍ଞାନାର୍ଜନରେ ଗୁରୁତ୍ୱ ଦେବାକୁ କହିଥିଲେ।



- ନୂତନ ଶିକ୍ଷାନୀତି ଓ ଡିଜିଟାଲ ଶିକ୍ଷାକୁ ଗୁରୁତ୍ୱ
- ଦକ୍ଷତା ଭିତ୍ତିକ ଶିକ୍ଷା, ସ୍ମାର୍ଟ କ୍ଲାସ୍ ରୁମ୍ ଓ ଅନଲାଇନ୍ ସିଷ୍ଟମ୍ ଉପରେ ଫୋକସ
- ଶିକ୍ଷା ପାଇଁ ୩୧,୯୯୭ କୋଟି ଟଙ୍କା—
- ରାଜ୍ୟ ସରକାରଙ୍କ ବଡ଼ ପଦକ୍ଷେପ ୨୦୨୬-୨୭ ବଜେଟରେ ଶିକ୍ଷା କ୍ଷେତ୍ରକୁ ସର୍ବାଧିକ ଆବଣ୍ଟନ

ମୁଖ୍ୟମନ୍ତ୍ରୀ ରାଜ୍ୟ ସରକାରଙ୍କ ଶିକ୍ଷା କ୍ଷେତ୍ରରେ ନିଆଯାଉଥିବା ପଦକ୍ଷେପ ବିଷୟରେ ଉଲ୍ଲେଖ କରି କହିଥିଲେ ଯେ, ନୂତନ ଶିକ୍ଷାନୀତି ୨୦୨୦ ଅନୁସାରେ ଦକ୍ଷତାମୂଳକ ଓ ଗୁଣାତ୍ମକ ଶିକ୍ଷାକୁ ଗୁରୁତ୍ୱ ଦିଆଯାଉଛି। ଡିଜିଟାଲ ଶିକ୍ଷା, ସ୍ମାର୍ଟ କ୍ଲାସରୁମ୍ ଓ ଅନଲାଇନ୍ ପାଠପଢା ପ୍ରଣାଳୀ ମାଧ୍ୟମରେ ଶିକ୍ଷାରେ ବିପ୍ଳବ ଆଣାଯାଇଛି। ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ଭଳି ପ୍ରକଳ୍ପ ମାଧ୍ୟମରେ ଗ୍ରାମୀଣ ଶିକ୍ଷାର ମୂଳ ଭିତ୍ତିକୁ ସୁଦୃଢ କରାଯାଉଛି। ଏହି ଅବସରରେ ସୁନ୍ଦରଗ୍ରାମ ଉଚ୍ଚ ବିଦ୍ୟାଳୟର ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ୪ ଜଣ ଛାତ୍ର ଛାତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କୃତ କରିବା ସହ ପ୍ଲାଟିନମ୍ ଜୁବିଲି ଅବସରରେ ଏକ ସ୍ମରଣିକା ଉନ୍ମୋଚନ କରିଥିଲେ। ବିଦ୍ୟାଳୟ ପକ୍ଷରୁ ଏହାର ଆବଶ୍ୟକତା ସମ୍ପର୍କରେ ଯେଉଁ ସବୁ ଦାବି ରହିଛି, ସରକାର ଏହାର ବିଚାର କରି ତୁରନ୍ତ ନିଷ୍ପତ୍ତି ନେବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପ୍ରାଚୀ ନଦୀର ପୁନରୁଦ୍ଧାର ନିମିତ୍ତ ୪୫୦ କୋଟି ଟଙ୍କା ଘୋଷଣା କରିଥିବାରୁ ସ୍ଥାନୀୟ ବାସିନ୍ଦା ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ। ସେ ଆହୁରି କହିଥିଲେ ଯେ, ୨୦୨୬-୨୭ ଆର୍ଥିକ ବର୍ଷରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପାଇଁ ୩୧,୯୯୭ କୋଟି ଟଙ୍କାର ପ୍ରାବଧାନ କରାଯାଇଛି, ଯାହା ମୋଟ ବଜେଟର ୧୦.୩ ପ୍ରତିଶତ। ଗତ ଦେଢ ବର୍ଷରେ ପ୍ରାୟ ୨୦ ହଜାର ଶିକ୍ଷକଙ୍କ ନିଯୁକ୍ତି ହୋଇଥିବାବେଳେ ଆଗାମୀ ଦିନରେ ଆହୁରି ନିଯୁକ୍ତି ହେବାକୁ ଯାଉଛି। ଏହା ସହ ଶିକ୍ଷାର ଭିତ୍ତିଭୂମି ଓ ଗୁଣାତ୍ମକ ମାନ ବୃଦ୍ଧି ପାଇଁ ସରକାର ପ୍ରତିବଦ୍ଧ ରହିଛି।

15001/21/2627

ପବିତ୍ର ଅକ୍ଷୟ ତୃତୀୟା ଅବସରରେ
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା



ଜୟ ଜଗନ୍ନାଥ !

କୃଷିଭିତ୍ତିକ ପର୍ବ ଅକ୍ଷୟ ତୃତୀୟା ତଥା କୃଷକ ଦିବସ ଅବସରରେ ରାଜ୍ୟବାସୀ, ବିଶେଷ କରି କୃଷକ ଭାଇ ଓ ଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । କୃଷିପ୍ରଧାନ ରାଜ୍ୟ ଓଡ଼ିଶାରେ ପବିତ୍ର ଅକ୍ଷୟ ତୃତୀୟା ଅବସରରେ କୃଷି କାର୍ଯ୍ୟର ଶୁଭାରମ୍ଭ ହୋଇଥାଏ । ଏହି ପବିତ୍ର ତିଥିରେ ଆମ ଅନ୍ନଦାତା ଅକ୍ଷିମୁଠି ଅନୁକୂଳ କରି ଖେତରେ ସୁନାର ଫସଲ ଫଳାଇବା ପାଇଁ ସଂକଳ୍ପ ନେଇଥାନ୍ତି ।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ଚଳିତ ବର୍ଷ ଅକ୍ଷିମୁଠି ଅନୁକୂଳ ଶୁଭଙ୍କର ହେଉ । ଓଡ଼ିଶା ମାଟି ଶସ୍ୟଶ୍ୟାମଳା ହେଉ । ପ୍ରତିଟି ଚାଷୀ ପରିବାର ହସଖୁସି ଓ ସମୃଦ୍ଧିରେ ଭରି ଉଠୁ, ଏହା ହିଁ ପ୍ରାର୍ଥନା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/15001/2/26-27/0021

## ଅଳସୀ ଚିଲା

ବ୍ରେକଫାଷ୍ଟ ସମସ୍ତଙ୍କ ଜୀବନରେ ବହୁତ ମହତ୍ତ୍ୱ ରଖିଥାଏ । ହେଲଦି ଏବଂ ଟେଷ୍ଟ ବ୍ରେକଫାଷ୍ଟ ଆପଣଙ୍କ ପୂରା ଦିନକୁ ହିଁ ଖୁସିରେ ଖୁସିରେ ନେଇଯାଇଥାଏ । ଏମିତିରେ ଆଜି ଆମେ ଆପଣଙ୍କ ପାଇଁ ନେଇ ଆସିଛୁ 'ଅଳସୀ ଚୀଲା' ରେସିପି । ଏହି ରେସିପି ଆପଣଙ୍କ ପାଇଁ ସ୍ୱାଦିଷ୍ଟ ହେବା ସହିତ ସ୍ୱାସ୍ଥ୍ୟକର ମଧ୍ୟ । ତେବେ ଆସନ୍ତୁ ଜାଣିବା ଏହାକୁ କେମିତି କରିବେ ପ୍ରସ୍ତୁତ ।

ଆବଶ୍ୟକୀୟ ସାମଗ୍ରୀ : ଗହମ ଅଟା-ଏକ କପ୍, ଅଳସୀ ଅଟା- ୧/୪କପ୍, ଦହି-୧/୨ କପ୍, ଅଦା ପେଷ୍ଟ- ୧ଛୋଟ ଚାମଚ, କଞ୍ଚା ଲଙ୍କା- ଗୋଟିଏ, ଗୋଲମରୀଚ- ୧/୪ଛୋଟ ଚାମଚ, ଧନିଆ ପତ୍ର- ୩ ଟେବୁଲ ଚାମଚ, ଲୁଣ- ସ୍ୱାଦ ଅନୁସାରେ

**ପ୍ରସ୍ତୁତ ପ୍ରଣାଳୀ :** ଅଳସୀର ଚୀଲା ପ୍ରସ୍ତୁତ କରିବା ପାଇଁ ଏକ ବଡ ପାତ୍ରରେ ଗହମ ଏବଂ ଅଳସୀର ଅଟାକୁ ପକାଇ ଚଲାଇ ଦିଅନ୍ତୁ । ଏହାପରେ ଏହାକୁ ଏକ ପାତ୍ରରେ ରଖି ସେଥିରେ ପୂର୍ବରୁ ରଖିଥିବା ଦହି ପକାଇ ମିଶାଇ ଦିଅନ୍ତୁ । ଏହାପରେ ଅଳ୍ପ ପାଣି ପକାଇ ମିକ୍ସ କରନ୍ତୁ । ଏହି ମିଶ୍ରଣକୁ ଭଲଭାବେ ଚଲାନ୍ତୁ ଯାହାଦ୍ୱାରା କୌଣସି ବିଣ୍ଡାର ରହବି ନାହିଁ । ଏହି ଘୋଳକୁ ଦୋଷା ଘୋଳ ଭଳି ଗାଢା ରଖନ୍ତୁ । ଏଥିରେ କଟା କଞ୍ଚା ଲଙ୍କା, ପିଆଜ, ଧନିଆ ପତ୍ର, କାଟି ରଖିଥିବା ଅଦା ଏବଂ ଗୋଲମରୀଚ ପକାଇ ମିକ୍ସଚର କରନ୍ତୁ । ଏହାପରେ ଗ୍ୟାସରେ ତାୱା ବସାନ୍ତୁ । ତାୱା ଗରମ ହେଲେ ସେଥିରେ ଏହି ଘୋଳକୁ ପକାନ୍ତୁ । ଏହାର ଦୁଇ ପାଖ ଭଲଭାବେ ସୁନେଲୀ ରଙ୍ଗ ହେବା ପର୍ଯ୍ୟନ୍ତ ଓଲଟ ପାଲଟ କରନ୍ତୁ। ଏବେ ଆପଣଙ୍କର ପ୍ରସ୍ତୁତ ହୋଇଯାଇଛି ଅଳସୀ ଚୀଲା । ଆପଣ ଏହାକୁ ଧନିଆ ଚଟଣୀ କିମ୍ବା ଟମାଟୋ ସସ୍ ସହିତ ଖାଇପାରିବେ ।



••••• ଖବର •••••

# ପୁଣି ରଣବୀର-ଦୀପିକାଙ୍କ ଘରକୁ ଆସିବେ ନୂଆ ଅତିଥି



ପୁଣି ବାପା-ମା ହେବେ ବଲିଉଡର ଚର୍ଚ୍ଚିତ ଯୋଡି ରଣବୀର ସିଂ ଏବଂ ଦୀପିକା ପାଦୁକୋନ ଆଜି ନିଜେ ଦୀପିକା

ଏହି ଖୁସି ଖବରକୁ ସୋସିଆଲ ମିଡିଆରେ ସେୟାର କରିଛନ୍ତି । ଯାହା ଏବେ ସୋସିଆଲ ମିଡିଆରେ ହଇଚଇ ସୃଷ୍ଟି କରିଛି ।ଏହି ଖୁସି ଖବର ଭାଇରାଲ ହେବା ପରେ ଫ୍ୟାନ୍ସ ସେମାନଙ୍କୁ ଶୁଭେଚ୍ଛା ଜଣାଉଛନ୍ତି ।ଆଜି ସକାଳେ ଦୀପିକା ପାଦୁକୋନ ତାଙ୍କ ଇନଷ୍ଟାଗ୍ରାମ ହ୍ୟାଣ୍ଡେଲରେ ଏକ ସ୍ୱତନ୍ତ୍ର ପୋଷ୍ଟ ସେୟାର କରିଛନ୍ତି । ଯେଉଁଥିରେ ତାଙ୍କ ଝିଅ ଦୁଆଙ୍କ ଏକ ଫଟୋ ଦେଖିବାକୁ ମିଳିଛି। ଖାସ୍ କଥା ହେଉଛି ଯେ ଦୁଆ ତାଙ୍କ ବାପା ରଣବୀର ସିଂଙ୍କ କୋଳରେ ବସି ହାତରେ ପ୍ରେଗ୍ନେନ୍ସି କିଟ୍ ଧରି ବସିଛନ୍ତି, ଯେଉଁ କିଟରେ ପ୍ରେଗ୍ନେନ୍ସି ପଜେଟିଭ୍ ଦେଖିବାକୁ ମିଳିଛି ।ଝିଅ ଦୁଆଙ୍କର ଭାଇ କିମ୍ବା ଭଉଣୀ ଆସିବାକୁ ଯାଉଛନ୍ତି ବୋଲି ଉଭୟ ଦମ୍ପତି ସ୍ପଷ୍ଟ କରିଛନ୍ତି । ଇମୋଜି ସହ ଏହି ପୋଷ୍ଟକୁ ସେୟାର କରିବା ପରେ ସେମାନଙ୍କ ପାଖକୁ ଅଭିନନ୍ଦନର ସୁଅ ଛୁଟିଛି । ବଲିଉଡର ସେଲିବ୍ରିଟିମାନେ ମଧ ସେମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।ଦୀପିକା ଏବଂ ରଣବୀର ସିଂ ୨୦୧୮ ମସିହାରେ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ । ୨୦୨୪ରେ ସେମାନେ ତାଙ୍କର ପ୍ରଥମ କନ୍ୟା ଦୁଆକୁ ସ୍ୱାଗତ କରିଥିଲେ। କ୍ୟାରିଅର କଥା ଯଦି କୁହାଯାଏ ତେବେ ଦୀପିକା ଖୁବ୍ ଶୀଘ୍ର ଶାହରୁଖ ଖାନଙ୍କ କିଂ ଏବଂ ଆଲୁ ଅର୍ଜୁନଙ୍କ ରାକା ରେ ନଜର ଆସିବେ ।ରଣବୀର ସିଂଙ୍କ ଧୁରନ୍ଧର ୨ ଲଗାତାର ବକ୍ସ ଅଫିସ ରେକର୍ଡ ଭାଙ୍ଗିବାରେ ଲାଗିଛି ।

## ଅକ୍ଷୟ ତୃତୀୟା



ବୈଶାଖ ଶୁକ୍ଳ ତୃତୀୟା ଦିନଟି ଅକ୍ଷୟ ତୃତୀୟା ଭାବେ ପରିଚିତ । ଏହି ଦିନକୁ ଔପଚାରିକ ଭାବେ ସରକାରୀ ସ୍ତରରେ କୃଷକ ଦିବସ ରୂପେ ପାଳନ କରାଯାଏ । କୃଷକମାନେ ଏହାକୁ ବଡ଼ ଶୁଦ୍ଧି ଓ ସିଦ୍ଧିର ଦିବସ ଭାବେ ପାଳନ କରିଥାନ୍ତି । କୃଷକ ଏହିଦିନ ଅମୃତ ବେଳାରେ ଅକ୍ଷିମୁଠି (ଅକ୍ଷୟମୁଠି) ଅନୁକୂଳ କରି କୃଷିକାର୍ଯ୍ୟର ଶୁଭାରମ୍ଭ କରିଥାଏ । ଶୁଭଦିନ ଭାବେ ମନେକରି ଏହିଦିନ ଗୃହନିର୍ମାଣ, ନିର୍ବନ୍ଧ, ବିବାହ, ଉପନୟନ ପ୍ରଭୃତି ଶୁଭକର୍ମ ଅନୁଷ୍ଠିତ ହୁଏ । ଚାଷୀ ନିଜ ସ୍ତ୍ରୀଠାରୁ ହଳଦୀ, ଚନ୍ଦନ, ସିନ୍ଦୂର ବୋଳା ଧାନ ବିହନପୂର୍ଣ୍ଣ ନୂଆ ଗଉଣିକୁ ଶଙ୍ଖ ହୁଳହୁଳି ମଧ୍ୟରେ ମୁଣ୍ଡରେ ଥୋଇ ଏବଂ ଅନ୍ୟ ଏକ ନୂତନ ଟୋକେଇରେ ପିଠା ନେଇ ହଳଲଙ୍ଗଳ ଧରି କ୍ଷେତକୁ ଯାଏ । ସେଠାରେ ଲକ୍ଷ୍ମୀ ଠାକୁରାଣୀଙ୍କୁ ଭୋଗଦେଇ ଉକ୍ତ ନୈବେଦ୍ୟ କିଆରୀର ଈଶାଣ କୋଣରେ ପୋତି ହଳ ବୁଲାଏ ଓ ମୁଠାମୁଠା ବିହନ କିଆରୀରେ ବୁଣେ । ଏହାକୁ ଅକ୍ଷିମୁଠି କହନ୍ତି । ସଧବା ସ୍ତ୍ରୀମାନେ ଏ ଦିନ 'ଷଠିଦେବୀ'ଙ୍କ ପୂଜା କରନ୍ତି ।

## ବାବା ବାଲି ଲୋକନାଥ

ଗଞ୍ଜାମ ବ୍ଲକର ଋଷିକୁଲ୍ୟା ନଦୀ ପାର୍ଶ୍ୱସ୍ଥ ମାଳି ଜଗନ୍ନାଥପୁର ଗାଁରେ ପ୍ରାୟ ୭ ଏକର ଜାଗାରେ ରହିଛି ବାବା ବାଲି ଲୋକନାଥଙ୍କ ମନ୍ଦିର ଯ ପୌରାଣିକ କିମ୍ବଦନ୍ତୀ କୁହେ, ପ୍ରଭୁ ରାମଚନ୍ଦ୍ର ନବାସ ସମୟରେ ଏଠି ମହାଦେବଙ୍କ ଲିଙ୍ଗ ସ୍ଥାପନ କରି ପୂଜାର୍ଚ୍ଚନା କରିଥିଲେ । କାଳକ୍ରମେ ତାହା ନଦୀ ବାଲିରେ ପୋତି ହୋଇଯାଇଥିଲା । ଏକଦା ପାରଳା ମହାରାଜା ପୁରୀରୁ ପାରଳାଖେମୁଣ୍ଡି ଅଭିମୁଖେ ଯାଉଥିବା ବେଳେ ପୋତି ହୋଇ ଯାଇଥିବା ମନ୍ଦିରର ତ୍ରିଶୂଳ ଘୋଡା ଟାପୁରେ ବାଜି ରକ୍ତସ୍ରାବ ହୋଇଥିଲା ।ପରେ ରାଜାଙ୍କ ଆଦେଶରେ ପୋତି ହୋଇଥିବା ମନ୍ଦିରର ପୁନରୁଦ୍ଧାର କରାଯାଇଥିଲା । ବାଲିରୁ ଉଦ୍ଧାର କରାଯାଇଥିବାରୁ ମହାଦେବଙ୍କୁ ବାଲି ଲୋକନାଥଙ୍କ ନାମରେ ନାମିତ କରାଯାଇଥିଲା । ଏହାର ଶ୍ରେୟ ପାଇଁ ପାରଳା ମହାରାଜା ଓ ଆଠଗଡ଼ ରାଜାଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା । ପରେ ମନ୍ଦିର ଦାୟିତ୍ୱ ଆଠଗଡ଼ ରାଜାଙ୍କୁ ହସ୍ତାନ୍ତର କରାଯାଇଥିଲା । ବାବା ବାଲି ଲୋକନାଥଙ୍କ ଭୋଗରାଗ ପାଇଁ ପାରଳା ରାଜା କିଛି ଜମି ପୂଜାରୀମାନଙ୍କୁ ପ୍ରଦାନ କରିଥିଲେ । ସେହି ଜାଗା ଏବେ ମାଳି ଜଗନ୍ନାଥପୁର ଓ କଲ୍ୟାଣପୁର ଗାଁ ନାମରେ ବେଶ ପରିଚିତ ।ସେହି ଗ୍ରାମର ପ୍ରାୟ ୮୦ ପରିବାର ନିଜ ମଧ୍ୟରେ ପାଳି କରି ବାବା ବାଲି ଲୋକନାଥଙ୍କ ପୂଜାର୍ଚ୍ଚନା କରିଆସୁଛନ୍ତି । ପ୍ରତି ମାସର ସୋମବାର, ଶନିବାର, ସଂକ୍ରାନ୍ତି, ଶିବରାତ୍ରି, କାର୍ତ୍ତିକ ଓ ଶ୍ରାବଣ ମାସର ପ୍ରତ୍ୟେକ ସୋମବାର ବହୁ ଭକ୍ତ ବାବା ବାଲି ଲୋକନାଥଙ୍କ ଦର୍ଶନ କରିଥାନ୍ତି ।ଶ୍ରାବଣ ସୋମବାରେ



କାଉଡିଆମାନେ ବାବାଙ୍କୁ ଜଳାଭିଷେକ କରିଥାନ୍ତି। ଦିନର ପ୍ରଥମ ପ୍ରହରରେ ଏଠି ବାବାଙ୍କୁ ନଡ଼ିଆ ଓ କଦଳୀ ଭୋଗ ଲାଗିକରାଯାଏ । ମଧ୍ୟାହ୍ନରେ ବାବାଙ୍କୁ ଭାତ, ଡାଲମା ଭୋଗ ଲାଗି କରାଯାଇଥାଏ ।ପାର୍ଶ୍ୱ ଦେବଦେବୀ ଭାବେ ଗଣେଶ, ପାର୍ବତୀ, କାର୍ତ୍ତିକେୟ ଓ କାଶୀବିଶ୍ୱନାଥ ପୂଜା ପାଉଛନ୍ତି ।ପାରଳା ମହାରାଜା କାଶୀବିଶ୍ୱନାଥଙ୍କୁ ବସାଇଥିଲେ । ଲୋକଙ୍କ ବିଶ୍ୱାସ ରହିଛି ଭକ୍ତଙ୍କ ଡାକ ଶୁଣି ସବୁ ସମସ୍ୟାର ସମାଧାନ କରିଥାନ୍ତି ବାବା ଲୋକନାଥ । ଆଉ ଏହି ବିଶ୍ୱାସକୁ ଆଧାର କରି ଭକ୍ତ ଛୁଟି ଆସନ୍ତି ବାବା ବାଲି ଲୋକନାଥଙ୍କ ପୀଠକୁ ।

# ଶଙ୍ଖା-ସିନ୍ଦୂର

ହାତରେ ଶଙ୍ଖା, ମଥାରେ ସିନ୍ଦୂର ଓ ପାଦରେ ଅଳତା- ଏହା ହେଉଛି ଜଣେ ବିବାହିତା ହିନ୍ଦୁ ନାରୀର ଭୂଷଣ। ଆଜିକାଲି କିନ୍ତୁ ଏହାର ମହତ୍ୱ କେହି ବୁଝୁନାହାନ୍ତି। ଅନେକେ ଏହାକୁ ହିନ୍ଦୁ ସମାଜରେ ପ୍ରଚଳିତ ଅନ୍ଧବିଶ୍ୱାସ ବୋଲି ମାନିଲେଣିୟ ହିନ୍ଦୁମାନେ ଏକ ବୈଜ୍ଞାନିକ ଜାତି- ସେମାନେ କେବେ ବି କେଣସି ଅଯଥା ଜିନିଷକୁ ତାଙ୍କ ସଂସ୍କୃତିରେ ରଖିନାହାନ୍ତି। ସକାଳୁ ଉଠି ସ୍ନାନ ସାରି ସୂର୍ଯ୍ୟଙ୍କୁ ପାଣି ଦେବା, ତୁଳସୀ ମୂଳେ ପାଣି ଦେବା ଓ ପୂଜା କରିବା, ସନ୍ଧ୍ୟାବତି ଜାଳିବା, ଗୋମାତାର ସେବା କରିବା- ଏ ସବୁ ଭିତରେ ରହିଛି ଅସୀମ ଉପାଦେୟତା ଓ ବୈଜ୍ଞାନିକ କାରଣ। ଆମ ଗୁରୁଦେବ କହନ୍ତି- ''ଲୁହା ପୋଷେ ରକ୍ତକଣା ଶଙ୍ଖ ପୋଷେ ହାଡ଼, ସିନ୍ଦୂର ତ ଶୋଭା ବାଏ ବନ୍ଧ୍ୟାର ପ୍ରତିକାର।'' (ଅନୁଶ୍ରୁତି)। ଅର୍ଥାତନାରୀମାନେ ହାତରେ ଯେଉଁ ଲୁହା ଚୁଡ଼ି ଓ ଶଙ୍ଖରେ ତିଆରି ଶଙ୍ଖା ପିନ୍ଧନ୍ତି, ତାହାର ଉପାଦେୟତା ରହିଛ। ଲୁହା ବା ଲେହସାର ଆମର ରକ୍ତକଣିକାକୁ ପୋଷଣ ଦିଏୟ କ୍ୟାଲସିୟମ କାର୍ବୋନେଟ୍ରେ ତିଆରି ଶଙ୍ଖା ଆମର ହାଡ଼କୁ ପୋଷଣ ଦିଏୟ ସିନ୍ଦୂର ନାରୀର ଶୋଭା ବୃଦ୍ଧି କରିବା ସହ ବନ୍ଧ୍ୟାଦୋଷର ନିରାକରଣ କରେୟ ସେଥିପାଇଁ ହାତରେ ଲୁହା ଓ ଶଙ୍ଖର ଚୁଡ଼ି ପିନ୍ଧିବା ଓ ମଥାରେ ସିନ୍ଦୂର ଲଗାଇବାର ପରମ୍ପରା ରହିଛି। ତା'ଛଡ଼ା ପାଦରେ ଯେଉଁ ଅଳତା ପିନ୍ଧାଯାଏ, ତାହା ସୌନ୍ଦର୍ଯ୍ୟ ବୃଦ୍ଧି କରିବା ସହ ପାଦ ଫାଟିବା ଇତ୍ୟାଦିକୁ ନିରୋଧ କରିଥାଏ। କେବଳ ଲୁହା ଓ ଶଙ୍ଖ ନୁହେଁ, ଅନ୍ୟ ଧାତୁ ଯଥା ସୁନା ଓ ରୂପାର ଚୁଡ଼ି ମଧ୍ୟ ପିନ୍ଧାଯାଏ। କମ୍ ପରିମାଣର ହେଲେ ବି ଆମ ଶରୀର ସୁନା ଓ ରୂପାର ଧାତୁସାର ମଧ୍ୟ ଆବଶ୍ୟକ କରେ। ତେବେ ସବୁଠୁ ଅଧିକ ଆବଶ୍ୟକ ଲୁହା। ଯେତେବେଳେ ଜଣେ ମହିଳା ସନ୍ତାନ ପ୍ଲାନିଂ ନେଇ ଡାକ୍ତରଙ୍କ ପାଖକୁ ଯାଏ, ଡାକ୍ତର ତା'ର ଆବଶ୍ୟକ ପରୀକ୍ଷାନିରୀକ୍ଷା କରିବା ପରେ ଅଭାବ ଥାଉ ବା ନ ଥାଉ, ଆଇରନ, କ୍ୟାଲସିୟମ୍, ଫଲିକ୍ ଏସିଡ୍ ଓ ଭିଟାମିନ୍ ଇ ଖାଇବାକୁ ଦିଅନ୍ତି। କାରଣ ଗର୍ଭବତୀ ହେଲେ ଏଇ ଧାତୁସାର ଓ ଭିଟାମିନଗୁଡ଼ିକର ଅଧିକ ଆବଶ୍ୟକତା ପଡ଼େ। କବିରାଜ ପାଠରେ ବି ମାଆମାନଙ୍କୁ ଦୂବରସ ଓ ମହୁ ଖାଇବାକୁ ପରାମର୍ଶ ଦିଆଯାଏ। ଏଥିରେ ବି ଆବଶ୍ୟକ



ଆଇରନ ଓ କ୍ୟାଲସିୟମ ରହିଛ। ସିନ୍ଦୂର ମଧ୍ୟ ନାରୀମାନଙ୍କର ଏକ ପ୍ରକାର ରକ୍ଷାକବଚ ଭାବେ କାମ କରେୟ ମଥାରେ ଦୁଇ ଭ୍ରୂଲତା ମଝିରେ ସିନ୍ଦୂର ପିନ୍ଧିବା ସୂଚାଏ, ସେ କାହାକୁ ସ୍ୱାମୀ ଭାବେ ବରଣ କରିଛି। ସିନ୍ଥିର ସିନ୍ଦୂର ଗାର ଟାଣିବା ସୂଚାଏ ସେହି ପୁରୁଷ ତାକୁ ସ୍ତ୍ରୀ ରୂପେ ଗ୍ରହଣ କରିସାରିଛି, ଅର୍ଥା ତା'ର ବିବାହ ହୋଇସାରିଛ। ତେଣୁ ମଥାରେ ଦାଉଦାଉ ହୋଇ ଜଳୁଥିବା ସିନ୍ଦୂର ମନରେ ଖରାପ ଚିନ୍ତା ରଖିଥିବା ପରପୁରୁଷମାନଙ୍କୁ ବିକର୍ଷିତ କରେ। ଜ୍ୟୋତିଷ ପାଠରେ ମଙ୍ଗଳଗ୍ରହ ସହ ନାଲିରଙ୍ଗ ଓ ରକ୍ତର ସମ୍ବନ୍ଧ ରହିଛି। ବିଜ୍ଞାନରେ ମଙ୍ଗଳଗ୍ରହକୁ ରେଡ୍ ପ୍ଲାନେଟ୍ ବୋଲି କୁହାଯାଏ। ଯେଉଁମାନଙ୍କ ଜାତକରେ ମଙ୍ଗଳଦୋଷ ଥାଏ ଏବଂ ଯେଉଁମାନେ ଜାତକରେ ମଙ୍ଗଳର ଦୁଃସ୍ଥିତିଜନିତ ପୀଡ଼ା ଭୋଗୁଥାନ୍ତି, ସେମାନଙ୍କୁ ତାହାର ପ୍ରତିକାର କରିବାକୁ ପରାମର୍ଶ ଦିଆଯାଏ। ନାଲିଧଡ଼ିର ଲୁଗା ପିନ୍ଧିବା, ଅଳତା ଓ ସିନ୍ଦୂର ପରି ନାଲି ରଙ୍ଗ ବ୍ୟବହାର କରିବା ମଧ୍ୟ ଅନେକାଂଶରେ ମଙ୍ଗଳଦୋଷର ନିବାରଣ କରିଥାଏ। ସିନ୍ଦୂର ମଧ୍ୟ ନାରୀମାନଙ୍କର ଏକ ପ୍ରକାର ରକ୍ଷାକବଚ ଭାବେ କାମ କରେ। ମଥାରେ ଦୁଇ ଭ୍ରୂଲତା ମଝିରେ ସିନ୍ଦୂର ପିନ୍ଧିବା ସୂଚାଏ, ସେ କାହାକୁ ସ୍ୱାମୀ ଭାବେ ବରଣ କରିଛି। ସିନ୍ଥିରେ ସିନ୍ଦୂର ଗାର ଟାଣିବା ସୂଚାଏ ସେହି ପୁରୁଷ ତାକୁ ପତ୍ନୀରୂପେ ଗ୍ରହଣ କରିସାରିଛି, ଅର୍ଥାତ ତା'ର ବିବାହ ହୋଇସାରିଛିୟ ତେଣୁ ମଥାରେ ଦାଉଦାଉ ହୋଇ ଜଳୁଥିବା ସିନ୍ଦୂର ମନରେ ଖରାପ ଚିନ୍ତା ରଖିଥିବା ପରପୁରୁଷମାନଙ୍କୁ ବିକର୍ଷିତ କରେ। ଆଗକାଳରେ ଦୁଷ୍ଟ ପ୍ରକୃତିର ରାଜା-ମହାରାଜାମାନେ ତଥା ମୁସଲମାନ ରାଜୁ ସମୟରେ ମୁସଲମାନ ସିପାହୀ ଓ ସୈନ୍ୟମାନେ ସୁନ୍ଦରୀ ଝିଅମାନଙ୍କ ଉପରେ ଖରାପ ନଜର ପକାଉଥିଲେ। ସେଥିପାଇଁ ଝିଅମାନଙ୍କୁ କମ୍ ବୟସରେ ବାହା କରି ଦିଆଯାଉଥିଲା, ସେମାନେ କ୍ୱଚିତ୍ ଏକୁଟିଆ ପଦାକୁ ବାହାରୁଥିଲେ ଏବଂ ଯେତେବେଳେ ବି ପଦାକୁ ବାହାରୁଥିଲେ ମଥାର ସିନ୍ଦୂର ସେମାନଙ୍କୁ ଅନେକାଂଶରେ ରକ୍ଷା କରିବାରେ ସାହାଯ୍ୟ କରୁଥିଲା। ଏହି ସିନ୍ଦୂର ମଧ୍ୟ ଏକ ସ୍ମାରକ ଭାବେ କାମ କରିଥାଏ। ଏହା ନାରୀମାନଙ୍କୁ ପ୍ରତି ମୁହୂର୍ତ୍ତରେ ସ୍ମରଣ କରାଇଥାଏ ଯେ ତୁମେ ଜଣେ ବିବାହିତା ନାରୀ, ତୁମର ଜଣେ ସ୍ୱାମୀ ଅଛି, ଦେବତାଙ୍କୁ, ଅଗ୍ନିଙ୍କୁ ସାକ୍ଷୀ ରଖି ତୁମେ ତାଙ୍କୁ ସାତଜନ୍ମ ପାଇଁ ସ୍ୱାମୀରୂପରେ ବରଣ କରିଛ- ତେଣୁ ଅନ୍ୟ ପୁରୁଷଠାରୁ ଯଥାସମ୍ଭବ ଦୂରରେ ରହିବା ଉଚିତ।

## ଅକ୍ଷୟ ତୃତୀୟା ବ୍ରତ

ବୈଶାଖ ମାସ ଶୁକ୍ଳପକ୍ଷ ତୃତୀୟା ସହିତ କୃତ୍ତିକା ବା ରୋହିଣୀ ନକ୍ଷତ୍ରଯୁକ୍ତ ହେଲେ ମହାଫଳ ପ୍ରାପ୍ତିହୁଏ । ଏହାକୁ ବ୍ରତ ରୂପେ ପାଳନ କରାଯାଏ । ବ୍ରତୀମାନେ ଶୁଦ୍ଧକାଳରେ ଏହି ବ୍ରତକୁ ଆରମ୍ଭକରି ଆଠବର୍ଷରେ ଉଦ୍‌ଯାପନ



କରନ୍ତି ।ଏହିଦିନ ଜଳଦାନ କଲେ କି ପୁଣ୍ୟଫଳ ମିଳେ ସେ ସଂପର୍କରେ ଚମତ୍କାର ଉପାଖ୍ୟାନଟି ଏହିପରି- ପୁରାକାଳରେ ଜଣେ ପାପୀ ବ୍ରାହ୍ମଣ ଥିଲା । ସେ ତା' ଜୀବନରେ କିଛି ଦାନ ଧର୍ମକାର୍ଯ୍ୟ କରି ନଥିଲା । ଥରେ ତା' ଗୃହକୁ ଅନ୍ୟ ଜଣେ ତୃଷାର୍ତ୍ତ ବ୍ରାହ୍ମଣ ଆସି ଜଳଭିକ୍ଷା କଲା । ପାପୀ ବ୍ରାହ୍ମଣ ତାକୁ ଜଳ ନଦେଇ ନିଷ୍ଠୁର ଭାବେ ଗୃହରୁ ବିତାଡିତ କଲା ସମୟରେ ସୁଶିଳା ନାମ୍ନୀ ତା'ର ସ୍ତ୍ରୀ ଆସି ସ୍ୱାମୀକୁ ସେ କାର୍ଯ୍ୟରୁ ନିବୃ□ କଲା ଓ ତୃଷାର୍ତ୍ତକୁ ଜଳଦାନ କଲା । କିଛି ବର୍ଷ ପରେ ପାପୀ ବ୍ରାହ୍ମଣର ମୃତ୍ୟୁ ହେଲା । ଯମଦୂତମାନେ ଆସି ତାକୁ ବାନ୍ଧି ନେଇଗଲେ । ଯମପୁରୀରେ ଥାଇ ଥରେ ସେ ତୃଷାର୍ତ୍ତ ହୋଇ ଯମଦୂତଙ୍କୁ ଜଳଭିକ୍ଷା କଲା। ଯମଦୂତମାନେ ତାହାକୁ ତିରସ୍କାର କରି କହିଲେ- ନିଜ ଜୀବନରେ କେବେ ଜଳଦାନ ନକରି ଜଳଭିକ୍ଷା କରୁଛୁ କିପରି, ପାପୀ ? ଏହି ସମୟରେ ସ୍ୱୟଂ ଯମରାଜ ସେଠାରେ ପହଞ୍ଚି ସ୍ୱହସ୍ତରେ ସେ ବ୍ରାହ୍ମଣକୁ ଜଳଦାନ କଲେ । ଦୂତମାନେ ଆଶ୍ଚର୍ଯ୍ୟ ହୋଇ ଏହାର କାରଣ ପଚାରିବାରୁ ଯମରାଜ କହିଲେ – ଏହି ବ୍ରାହ୍ମଣ ସାରା ଜୀବନ ପାପକର୍ମ କରିଥିଲେ ସୁଦ୍ଧା ଅକ୍ଷୟତୃତୀୟା ଦିନ ଏହାର ସ୍ତ୍ରୀ ତୃଷାର୍ତ୍ତ ବ୍ରାହ୍ମଣକୁ ଜଳଦାନ କରିଥିଲା । ସ୍ତ୍ରୀର ସେହି ପୁଣ୍ୟବଳରୁ ଏହାର ପାପ ଖଣ୍ଡନ ହୋଇଛି । ତେଣୁ ଏହାର ଆଉ ନର୍କଭୋଗ ଯୋଗ ନାହିଁ । ମହର୍ଷି ଜନକ ଭାରତୀୟ କୃଷିଜୀବୀ କୁଳର ପ୍ରତିନିଧି ରୂପେ ନିଜେ ଭୂମିପୂଜା କରି ବୀଜବପନ କରୁଥିଲେ । ଭୂମିକର୍ଷଣ ସମୟରେ ସେ ସୀତାଙ୍କୁ ଲାଭ କରିଥିବାରୁ ଋକ୍ ବେଦରେ ସୀତା ଉତ୍କୃଷ୍ଟ ବୀଜଦାତ୍ରୀ ରୂପେ ବର୍ଣ୍ଣିତ ହୋଇଛନ୍ତି । ବୈଦିକ ଋଷିମାନେ ଅକ୍ଷୟ ଶସ୍ୟ ପ୍ରଦାନ କରିବା କାମନାରେ ସୀତାଙ୍କୁ ସ୍ତୁତି କରିଛନ୍ତି । ଆଗ୍ନେୟ ପୁରାଣ, ବିଷ୍ଣୁ ଧର୍ମୋ□ର ପୁରାଣ ଓ ଭବିଷ୍ୟ ପୁରାଣାଦିରେ ଅକ୍ଷୟ ତୃତୀୟାକୁ ଗୋଟିଏ ପ୍ରଶସ୍ତ ଶୁଭଦିନ ରୂପେ ବର୍ଣ୍ଣନ କରାଯାଉଛି ।

ନଗରନକ୍ସା
ମହାନଗରର ନିଜ ଭାଷା



# ଏସଆଇଆର ମ୍ୟାପିଂ ମଡେଲ ଅଧ୍ୟୟନ କରିବେ ତେଲଙ୍ଗାନା ଟିମ୍



**ଭୁବନେଶ୍ୱର, ୧୯।୪ (ମହାଭାରତ):** ନିର୍ବାଚନ ପରିଚାଳନା କ୍ଷେତ୍ରରେ ଓଡ଼ିଶା ଦ୍ୱାରା ହାସଲ କରାଯାଇଥିବା ସଫଳତା ଏବଂ ପ୍ରଶଂସନୀୟ ମ୍ୟାପିଂ କାର୍ଯ୍ୟକୁ ଅନୁଧ୍ୟାନ କରିବା ପାଇଁ ତେଲଙ୍ଗାନାରୁ ଏକ ପ୍ରତିନିଧି ଦଳ ଭୁବନେଶ୍ୱର ଗସ୍ତରେ ଆସିଛନ୍ତି। ଏହି ଦୁଇ ରାଜ୍ୟର ଅଧିକାରୀମାନେ ଓଡ଼ିଶାର ନିର୍ବାଚନୀ ମ୍ୟାପିଂ ବ୍ୟବସ୍ଥାକୁ ତର୍ଜମା କରିବା ସହିତ ଏହାକୁ ନିଜ ରାଜ୍ୟରେ କିପରି ପ୍ରୟୋଗ କରାଯାଇପାରିବ, ସେ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଛନ୍ତି। ଏହି ଗସ୍ତ ସମୟରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର. ଏସ୍. ଗୋପାଳନ, ଓଡ଼ିଶାରେ ହେଉଥିବା ସ୍ୱତନ୍ତ୍ର ସଘନ ସଂଶୋଧନ ମ୍ୟାପିଂ କିପରି କାର୍ଯ୍ୟନ୍ୱୟନ କରାଯାଉଛି ସେ ଉପରେ ତେଲଙ୍ଗାନା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟର ଏକ ସ୍ୱତନ୍ତ୍ର ଅଧିକାରୀ ଦଳ ସହିତ ବୈଠକରେ ଆଲୋଚନା କରିଥିଲେ। ଶ୍ରୀମତୀ ଏମ୍. ସତ୍ୟବାଣୀ, ଆଇ.ଏ.ଏସ୍., ଯୁଗ୍ମ ମୁଖ୍ୟ ନିର୍ବାଚନ ଅଧିକାରୀ ତେଲଙ୍ଗାନା, ବି. ହରି ସିଂହ, ଉପ-ମୁଖ୍ୟ ନିର୍ବାଚନ ଅଧିକାରୀ ,ଶ୍ରୀମତୀ ଟି. ପଦ୍ମାବତୀ, ଏସ.ଜି.ଡି.ସି , ଡି. ବିଜୟେନ୍ଦ୍ର ରେଡ୍ଡୀ, ଅତିରିକ୍ତ ଜିଲ୍ଲାପାଳ, ମେଡଚାଲ-ମାଲକାଜଗିରି,ଶ୍ରୀମତୀ କେ. ଚନ୍ଦ୍ରକଳା ପ୍ରମୁଖ ଏହି ବୈଠକରେ ଉପସ୍ଥିତ ରହିଥିଲେ। ଏହି ଉଚ୍ଚସ୍ତରୀୟ ଟିମ୍ ୧୫ ଓ ୧୬ ଅପ୍ରେଲରେ ଓଡ଼ିଶାରେ ଚାଲିଥିବା କ୍ଷେତ୍ରସ୍ତରୀୟ ଏସଆଇଆର ମ୍ୟାପିଂ ପ୍ରକ୍ରିୟାକୁ ନିକଟରୁ ପର୍ଯ୍ୟବେକ୍ଷଣ କରିବେ । ଏହି ଗସ୍ତ କାର୍ଯ୍ୟକ୍ରମରେ ବୁଥ୍ ସ୍ତରୀୟ ଅଧିକାରୀ ମାନଙ୍କ ଭୂମିକାକୁ ବିଶେଷ ଗୁରୁତ୍ୱ ଦିଆଯାଇଛି। କ୍ଷେତ୍ରସ୍ତରରେ ଏସଆଇଆର ମ୍ୟାପିଂ କାର୍ଯ୍ୟରେ ନିୟୋଜିତ ଥିବା ବି.ଏଲ.ଓ.ମାନଙ୍କ ସହିତ ଅଧିକାରୀମାନେ ସିଧାସଳଖ ଆଲୋଚନା କରିବା ସହ ସେମାନଙ୍କ କାର୍ଯ୍ୟଦକ୍ଷତା ଓ ଅଭିଜ୍ଞତା ସମ୍ପର୍କରେ ମତ ବିନିମୟ କରିବେ। ନିର୍ବାଚନ କ୍ଷେତ୍ରରେ ଓଡ଼ିଶାର ଏହି ଅଭିନବ ପ୍ରୟାସକୁ ଅନ୍ୟ ରାଜ୍ୟଗୁଡ଼ିକ ଉଚ୍ଚ ପ୍ରଶଂସା କରିଥିବା ଜଣାପଡ଼ିଛି। ଏହି ବୈଠକରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଆର ଏସ ଗୋପଳନ, ଅତିରିକ୍ତ ସିଇଓ ସୁଶାନ୍ତ କୁମାର ମିଶ୍ର,ଡେପୁଟି ସିଇଓ ଡ଼. ଲକ୍ଷ୍ମୀପ୍ରସାଦ ସାହୁ, ଡେପୁଟି ସିଇଓ ଶ୍ରୀମତୀ ଅନାମିକା ସିଂ ଏବଂ ବିତ ପରାମର୍ଶଦାତା ସଞ୍ଜୟ କୁମାର ଲୁଗୁନ୍, ଡଃ ମନୋରଞ୍ଜନ ସାହୁ , ନିର୍ବାଚକ ପଞ୍ଜୀକରଣ ଅଧିକାରୀ ତଥା ଉପ-ଜିଲ୍ଲାପାଳ ,ଭୁବନେଶ୍ୱର (ଜୟଦେବ ବିଧାନସଭା ନିର୍ବାଚନ ମଣ୍ଡଳୀ), ମନ୍ମଥ କୁମାର ନାୟକ, ନିର୍ବାଚକ ପଞ୍ଜିକରଣ ଅଧିକାରୀ ତଥା ଜୋନାଲ ଡେପୁଟି କମିଶନର, (ଭୁବନେଶ୍ୱର ଉତ୍ତର ବିଧାନସଭା ନିର୍ବାଚନ ମଣ୍ଡଳୀ) ପ୍ରମୁଖ ଉପସ୍ଥିତ ଥିଲେ।

# ସମସ୍ତ ପୌରସଂସ୍ଥାରେ ଓସଓ୍ୱାସ କାର୍ଯ୍ୟକ୍ଷମ

**ଭୁବନେଶ୍ୱର, ୧୯।୪ (ମହାଭାରତ):** ରାଜ୍ୟର ସମସ୍ତ ୧୧୫ଟି ପୌରସଂସ୍ଥାରେ 'ଓଡ଼ିଶା ସେକ୍ରେଟେରିଏଟ୍ ୱାର୍କଫ୍ଲୋ ଅଟୋମେସନ୍ ସିଷ୍ଟମ୍' (ଓସଓ୍ୱାସ) ସଫଳତାର ସହ କାର୍ଯ୍ୟକ୍ଷମ କରାଯାଇଛି। ଏହି ପଦକ୍ଷେପ ପାରମ୍ପରିକ କାଗଜପତ୍ର ଭିତ୍ତିକ ପ୍ରଣାଳୀକୁ ପରିବର୍ତ୍ତନ କରି ଏକ ସମନ୍ୱିତ, ଦକ୍ଷ ଓ ସ୍ୱଚ୍ଛ ଡିଜିଟାଲ କାର୍ଯ୍ୟଧାରା ସ୍ଥାପନ କରିଛି।

ରାଜ୍ୟର ୫ଟି ମହାନଗର ନିଗମ, ୪୮ଟି ପୌରପାଳିକା ଏବଂ ୬୨ଟି ବିଜ୍ଞପ୍ତିତ ଅଂଚଳ ପରିଷଦରେ ଓସଓ୍ୱାସ ପ୍ଲାଟଫର୍ମ ଲାଗୁ ହୋଇଛି। ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ୍ ସେଂଟର (ଓକାକ୍)ର ବୈଷୟିକ ସହଯୋଗ ଏବଂ ଟାଟା କନସଲଟାନ୍ସି ସର୍ଭିସେସ୍ (ଟିସିଏସ୍)ଙ୍କ ସମର୍ଥନରେ ବିକଶିତ ଏହି ପ୍ଲାଟଫର୍ମ ସରକାରୀ ଫାଇଲ ପରିଚାଳନାକୁ ସମ୍ପୂର୍ଣ୍ଣ ଡିଜିଟାଲ କରିଛି। ଏହା ମାଧ୍ୟମରେ ଫାଇଲ ଗତିବିଧିର ରିଅଲ-ଟାଇମ୍ ଟ୍ରାକିଂ, ଦ୍ରୁତ ନିଷ୍ପତି ଏବଂ ସମୟବଦ୍ଧ ସେବା ପ୍ରଦାନ ସମ୍ଭବ ହୋଇପାରିଛି।

ଏହି ସଂସ୍କାରର ଗୁରୁତ୍ୱ ଉଲ୍ଲେଖ କରି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ଼ଃ କୃଷ୍ଣ ଚନ୍ଦ୍ର ମହାପାତ୍ର କହିଛନ୍ତି, "ଓସଓ୍ୱାସ ଆମ ସହରାଂଚଳ ପ୍ରଶାସନକୁ ଆଧୁନିକ ଏବଂ ଦକ୍ଷ କରିବାରେ ଏକ ମୁଖ୍ୟ ପଦକ୍ଷେପ। ଏହା ଦ୍ୱାରା ସ୍ୱଚ୍ଛତା, କ୍ଷିପ୍ରତା ଓ ଉତରଦାୟିତ୍ୱ ବଢ଼ିବା ସହ ନାଗରିକ ସେବାର ଗୁଣତ୍ୱ ଉନ୍ନତ ହେବ।"

ପୂର୍ବରୁ ପୌର ପ୍ରଶାସନରେ ମାନୁଆଲ ଫାଇଲ ପରିଚାଳନା ଓ ଅସମନ୍ୱିତ କାର୍ଯ୍ୟଧାରା ଦ୍ୱାରା ବିଳମ୍ବ ଓ ଅକ୍ଷମତା ଦେଖାଯାଉଥିଲା। ଓସଓ୍ୱାସ ଏହି ସମସ୍ୟାର ସମାଧାନ କରି ଏକ ମାନକ ପ୍ରଣାଳୀ, ଡିଜିଟାଲ ଅଡିଟ୍ ଟ୍ରେଲ୍ ଏବଂ ସ୍ୱୟଂଚାଳିତ କାର୍ଯ୍ୟଧାରାକୁ ପ୍ରଚଳିତ କରିଛି, ଯାହା ଶାସନରେ ଶୃଙ୍ଖଳା ଓ ସ୍ୱଚ୍ଛତା ଆଣିଛି।ଏହି ପ୍ରକଳ୍ପକୁ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ କରାଯାଇଥିଲା—ପ୍ରଥମେ ପ୍ରକ୍ରିୟା ଅଧ୍ୟୟନ, ପରେ ସିଷ୍ଟମ ଡିଜାଇନ୍, କ୍ଷମତା ବୃଦ୍ଧି ତାଲିମ ଏବଂ ପାଇଲଟ୍ ପରୀକ୍ଷା।

ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ କହିଛନ୍ତି, "ଓସଓ୍ୱାସ କେବଳ ଏକ ଆଇଟି ପ୍ଲାଟଫର୍ମ ନୁହେଁ, ଏହା ଏକ ବ୍ୟାପକ ପ୍ରଶାସନିକ ସଂସ୍କାର।

# ସୁଦୃଢ଼ ହେବ ରାଜ୍ୟର ପ୍ରାକ୍-ପ୍ରାଥମିକ ଶିକ୍ଷା ଭିତିଭୂମି

**ଭୁବନେଶ୍ୱର,୧୯।୪ (ମହାଭାରତ):** ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷର ଶୁଭ ଅବସରରେ ଭୁବନେଶ୍ୱରସ୍ଥିତ ଆଇସିଡବ୍ଲୁଏସ ପରିସରରେ ଅଭିନବ କାର୍ଯ୍ୟକ୍ରମ 'ଆରୋହଣ' ଆନୁଷ୍ଠାନିକ ଭାବେ ଉଦଘାଟିତ ହୋଇଯାଇଛି। ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଆୟୋଜିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମକୁ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶୁଭାରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଉପ-ମୁଖ୍ୟମନ୍ତ୍ରୀ କୁନି କୁନି ପିଲାମାନଙ୍କୁ ତିଳକ ଲଗାଇ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଆଶୀର୍ବାଦ ପ୍ରଦାନ କରିବା ସହ ଏହି ନୂତନ ଯାତ୍ରା ପାଇଁ ଶୁଭେଚ୍ଛା ଜଣାଇଥିଲେ। "ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ପାଦେ ଆଗକୁ" ସ୍ଲୋଗାନ ସହ ଆରମ୍ଭ ହୋଇଥିବା ଏହି ଅଭିଯାନ ପ୍ରତ୍ୟେକ ଶିଶୁର ସର୍ବାଙ୍ଗୀନ ବିକାଶ ଦିଗରେ ଏକ ସାମୂହିକ ପ୍ରୟାସ ବୋଲି ସେ ମତବ୍ୟକ୍ତ କରିଛନ୍ତି। ଏହି ଅଭିଳାଷୀ କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ହେଉଛି ରାଜ୍ୟରେ ପ୍ରାକ୍-ପ୍ରାଥମିକ ଶିକ୍ଷାର ଭିତିଭୂମିକୁ ସୁଦୃଢ଼ କରିବା। ବିଶେଷ କରି ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ ପ୍ରାକ୍-ପ୍ରାଥମିକ ଶିକ୍ଷା ଶେଷ କରିବା ପରେ ପିଲାମାନେ ଯେପରି ସହଜରେ ଶିଶୁ ବାଟିକା-୩ ରେ ନାମ ଲେଖାଇ ଶିକ୍ଷା ଗ୍ରହଣ କରିପାରିବେ, ତାହା ଏହି ଯୋଜନା ମାଧ୍ୟମରେ ନିଶ୍ଚିତ କରାଯିବ।

ଏହି ଅବସରରେ ଉପସ୍ଥିତ ପିଲା ଓ ଅଭିଭାବକମାନଙ୍କୁ ସମ୍ବୋଧିତ କରି ଉପ-ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଶିଶୁର ଜନ୍ମଠାରୁ ପ୍ରଥମ ଛଅ ବର୍ଷ ତା'ର ମସ୍ତିଷ୍କର ବିକାଶ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମୟ। ସେଥିପାଇଁ 'ପୋଷଣ ପକ୍ଷ-୨୦୨୬' ଅବସରରେ ସରକାର ପ୍ରାକ୍-ପ୍ରାଥମିକ ବିକାଶକୁ ସର୍ବାଧିକ ପ୍ରାଧାନ୍ୟ ଦେଉଛନ୍ତି। ଏହି କାର୍ଯ୍ୟକ୍ରମ କେବଳ ସରକାରଙ୍କର ଦାୟିତ୍ୱ ନୁହେଁ, ବରଂ ଶିଶୁର ଉଜ୍ଜ୍ୱଳ ଭବିଷ୍ୟତ ଗଠନ ପାଇଁ ପରିବାର ଓ ସମାଜ ତଥା ଅଭିଭାବକମାନଙ୍କର ସକ୍ରିୟ ଅଂଶଗ୍ରହଣ ଏବଂ ସହଯୋଗ ଅତ୍ୟନ୍ତ ଜରୁରୀ ବୋଲି ସେ ଗୁରୁତ୍ୱାରୋପ କରିଛନ୍ତି। କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ଡଃ.ମୃଣାଳିନୀ ଦାର୍ସୱାଲ ଅଙ୍ଗନବାଡ଼ିକେନ୍ଦ୍ରକୁ ଅଧିକ ସକ୍ଷମ କରିବା ସହିତ ଶିଶୁମାନଙ୍କ ସାମୁହିକ ବିକାଶ କ୍ଷେତ୍ରକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ସମସ୍ତ ଅନାଗଓ୍ୱାଡ଼ି କର୍ମୀ ଓ ସମସ୍ତ ଅଧିକାରୀଙ୍କ ସକ୍ରିୟ ସହଯୋଗ ଉପରେ ଗୁରୁତ୍ୱ ଦେଇଥିଲେ। ଏହି ସମାରୋହରେ ମହିଳା ଓ ଶିଶୁ ବିକାଶ ବିଭାଗର ଅତିରିକ୍ତ ଶାସନ ସଚିବ ତଥା ଭାରପ୍ରାପ୍ତ ନିର୍ଦ୍ଦେଶିକା ସ୍ୱୟଂ ପ୍ରଭା ମହାନ୍ତି, ଅତିରିକ୍ତ ଶାସନ ସଚିବ ଶ୍ରୀମତୀ ଇତିଶ୍ରୀ ଦାସ, ଏବଂଏନ୍. ସି. ଜ୍ୟୋତି ରଞ୍ଜନଙ୍କ ସମେତ ବିଭାଗୀୟ ବରିଷ୍ଠ ପଦାଧିକାରୀ ଓ ସହଯୋଗୀ ସଂଗଠନର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ସଂସଦରେ ନବୀନଙ୍କ ପ୍ରସ୍ତାବ ଗ୍ରହଣ କର: ବିଜେଡି

**ଭୁବନେଶ୍ୱର, ୧୯।୪ (ମହାଭାରତ):** ଡିଲିମିଟେସନ ପରେ ଦେଶର ସଂସଦରେ ଓଡ଼ିଶାର ପ୍ରତିନିଧିତ୍ୱ କମିଯିବ ବୋଲି ଯେଉଁ ଆଶଙ୍କା ପ୍ରକାଶ ପାଇଛି ତାକୁ ନେଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ ଓଡ଼ିଶାର ଏମପିମାନଙ୍କୁ ଲେଖିଥିବା ଚିଠି ଉପରେ ବିଜେପି ନେତୃବୃନ୍ଦମାନେ ଦେଇଥିବା ପ୍ରତିକ୍ରିୟା ଉପରେ ବିଜେଡି ପାଲଟା ଜବାବ ରଖିଛି । ନବୀନ ଉଠାଇଥିବା ପ୍ରସଙ୍ଗ ରାଜ୍ୟର ହିତ ଦୃଷ୍ଟିରୁ ଅତ୍ୟନ୍ତ ପ୍ରାସଙ୍ଗିକ ହୋଇଥିବା ବେଳେ, ବିଜେପି ନେତୃବୃନ୍ଦଙ୍କ ପ୍ରତିକ୍ରିୟା କେବଳ ତାଙ୍କର ହୀନମନ୍ୟତାର ପରିଚୟ ବୋଲି ବିଜେଡି କହିଛି । ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ, ଦଳର ଗଣମାଧ୍ୟମ ସଂଯୋଜକ ତଥା ମୁଖପାତ୍ର ଡ଼ ଲେନିନ ମହାନ୍ତି ଓ ଦଳର ମୁଖପାତ୍ର ଶ୍ରୀ ମିହିର ରାୟ ରାଜ୍ୟର ସ୍ୱାର୍ଥ ଦୃଷ୍ଟିରୁ କେନ୍ଦ୍ରର ନିଷ୍ପତ୍ତି ବିରୋଧରେ ରାଜ୍ୟ ବିଜେପି ସରକାର ବାରମ୍ବାର ବିଫଳ ହେଉଛନ୍ତି ବୋଲି ଅଭିଯୋଗ କରିଥିଲେ । ଏହି ପରିପ୍ରେକ୍ଷୀରେ, ରାଜ୍ୟର ସ୍ୱାର୍ଥ ଦୃଷ୍ଟିରୁ ନବୀନ ପଟ୍ଟନାୟକ ଉଠାଇଥିବା ପ୍ରସଙ୍ଗ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିବା ବେଳେ, ପ୍ରସଙ୍ଗ ଉପରେ ମନ୍ତବ୍ୟ ନରଖି ନବୀନଙ୍କ ଚିଠି ଉପରେ ଟିପ୍ପଣୀ ଦେବା, ତାଙ୍କର ଦାୟିତ୍ୱହୀନତା ଓ



ହୀନମନ୍ୟତାର ପରିଚୟ ଦେଇଛି ।

ଡ. ଲେନିନ ମହାନ୍ତି ଆହୁରି ମଧ କହିଛନ୍ତି, ମହିଳା ମାନଙ୍କୁ ସାମ୍ବିଧାନିକ ପଦବୀରେ ସଂରକ୍ଷଣ ପ୍ରଦାନ କ୍ଷେତ୍ରରେ, ସମଗ୍ର ଦେଶରେ ପ୍ରଥମେ ପ୍ରବାଦ ପୁରୁଷ ବିଜୁ ବାବୁ ଓ ପରେ ତାଙ୍କର ସୁପୁତ୍ର ନବୀନ ପଟ୍ଟନାୟକଙ୍କ ଅବଦାନ ଅତୁଳନୀୟ । ମହିଳା ମାନଙ୍କୁ ସଂସଦ ଓ ବିଧାନସଭା କ୍ଷେତ୍ରରେ ୩୩ ପ୍ରତିଶତ ସଂରକ୍ଷଣ ପ୍ରଦାନ ପାଇଁ ଦେଶରେ ପ୍ରୟାସ ଆରମ୍ଭ ହେବାବେଳେ, ୨୦୧୮ ମସିହାରେ ରାଜ୍ୟ ବିଧାନସଭାରେ ଏକ ସଙ୍କଳ୍ପ ପାରିତ କରିବା ସହିତ ଦେଶର ୨୨ଟି ରାଜନୈତିକ ଦଳର ନେତୃତ୍ୱଙ୍କୁ ବିଜେଡିର ପ୍ରତିନିଧି ମଣ୍ଡଳୀ ଭେଟି, ଏହାକୁ ସମର୍ଥନ କରିବା ପାଇଁ ପ୍ରବର୍ତ୍ତାଇଥିଲେ ।

ଡ଼ ମହାନ୍ତି କହିଥିଲେ, ଡିଲିମିଟେସନ ମାଧ୍ୟମରେ ସଂସଦର ଆସନ ସଂଖ୍ୟା ବୃଦ୍ଧି ପ୍ରସ୍ତାବ ପ୍ରସଙ୍ଗରେ, ନବୀନ ପଟ୍ଟନାୟକ ପ୍ରାୟ ଏକ ବର୍ଷ ତଳୁ ଜନସଂଖ୍ୟା ଆଧାରରେ ଆସନ ବୃଦ୍ଧି ହେଲେ ଓଡ଼ିଶାର ପ୍ରତିନିଧିତ୍ୱ କମିବାର ଆଶଙ୍କା ରହିଛି, ଯାହା ଆଦୌ ଗ୍ରହଣୀୟ ନୁହେଁ । ତେଣୁ, ନବୀନ ପଟ୍ଟନାୟକ ତାଙ୍କ ଚିଠିରେ ସଂସଦରେ ଓଡ଼ିଶାର ପ୍ରତିନିଧିତ୍ୱ ୫୪୩ରୁ ୨୧ ସାଂସଦ ଥିଲା ବେଳେ ଏହା ୩.୯ପ୍ରତିଶତ ଥିଲା ବେଳେ ନୂତନ ପ୍ରସ୍ତାବ ଅନୁଯାୟୀ ସାଂସଦ ସଂଖ୍ୟା ୮୫୦କୁ ବୃଦ୍ଧି ପାଇବାକୁ ଯାଉଥିବା ବେଳେ ଓଡ଼ିଶାର ସାଂସଦ ସଂଖ୍ୟା ୨୯କୁ ବୃଦ୍ଧି ପାଇବ, ଯାହା ସମୁଦାୟ ସାଂସଦର ୩.୪ ପ୍ରତିଶତ । ଏଥିରୁ ଓଡ଼ିଶାର ପ୍ରତିନିଧିତ୍ୱ ୦.୫ ପ୍ରତିଶତ କ୍ଷତି ହେଉଥିବା ସ୍ପଷ୍ଟ ହେଉଛି । ଏହି ପରିପ୍ରେକ୍ଷୀରେ, ରାଜ୍ୟର ହିତ ଦୃଷ୍ଟିରୁ ପଦକ୍ଷେପ ନେବା ପରିବର୍ତ୍ତେ, ବିଜେପି ନେତୃବୃନ୍ଦ ଯଥା, ରାଜସ୍ୱ ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୂଳ ପ୍ରସଙ୍ଗ ଉପରେ ନିରବ କେବଳ ଟୀକା ଟିପ୍ପଣୀରେ ସୀମିତ ରଖିଛନ୍ତି, ଯାହାକୁ ଆମେ ନିନ୍ଦା କରୁଛୁ ।

ଶ୍ରୀ ମିହିର ରାୟ କହିଥିଲେ, ନବୀନ ପଟ୍ଟନାୟକଙ୍କ ଦ୍ୱାରା ମୁଖ୍ୟମନ୍ତ୍ରୀ ଓ ରାଜ୍ୟର ସାଂସଦ ମାନଙ୍କୁ ଲେଖିଥିବା ଚିଠିରେ ସାଂସଦରେ ଓଡ଼ିଶାର ପ୍ରତିନିଧିତ୍ୱ ହ୍ରାସ ପାଉଥିବା କଥା ଉଲ୍ଲେଖ କରିବା ସହିତ ଏହାକୁ ମିଳିତ ଭାବେ କିପରି ବିରୋଧ କରାଯାଇ ପାରିବ, ସେନେଇ ପ୍ରସ୍ତାବ ରଖିଛନ୍ତି । ରାଜ୍ୟର ସ୍ୱାର୍ଥ ବ୍ୟାହତ ହେଉଥିବା ନବୀନଙ୍କ ଚିଠିରୁ ସ୍ପଷ୍ଟ ହେଉଥିବା ବେଳେ, ରାଜ୍ୟବ୍ୟାପୀ ବିଭିନ୍ନ ବର୍ଗରୁ ଏହା ଉପରେ ପ୍ରତିକ୍ରିୟା ପ୍ରକାଶ ପାଇଛି ।

# ରାଇରଙ୍ଗପୁରରେ ଏମ୍ସ ସହଯୋଗରେ ମିଳିବ ଉନ୍ନତ ସ୍ୱାସ୍ଥ୍ୟ ସେବା



**ଭୁବନେଶ୍ୱର, ୧୯।୪ (ମହାଭାରତ):** ରାଇରଙ୍ଗପୁର, ମୟୂରଭଞ୍ଜ ଆଖପାଖ ଅଂଚଳର ଲୋକମାନଙ୍କୁ ଏମ୍ସ ଭୁବନେଶ୍ୱର ସହାୟତରେ ବିଭିନ୍ନ ପ୍ରକାରର ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବ। ଏଥି ନିମନ୍ତେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗଙ୍କ ଉପସ୍ଥିତରେ ଆଜି ରାଜ୍ୟ ଲୋକସେବା ଭବନ ସଭା ଗୃହରେ ଭୁବନେଶ୍ୱର ଏମ୍ସ ଏବଂ ଓଡିଶା ସରକାର ଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମଧ୍ୟରେ ଏକ ଗୁରୁତ୍ୱପୁର୍ଣ୍ଣ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଯାଇଛି। ଏ ବିଷୟରେ ସୂଚନା ଦେଇ ମନ୍ତ୍ରୀ ଡଃ ମହାଲିଙ୍ଗ କହିଥିଲେ ଯେ ପ୍ରଧନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏବଂ ଆମର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ପ୍ରେରଣାରେ ଆଜି ଏକ ଐତିହାସିକ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହା ଫଳରେ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟରେ ଏମ୍ସ ଭୁବନେଶ୍ୱରଙ୍କ ସହଯୋଗିତାରେ ଉନ୍ନତ ସ୍ୱାସ୍ଥ୍ୟ ସେବା ମିଳିପାରିବ । ରାଇରଙ୍ଗପୁର ଅଞ୍ଚଳ ସହିତ କେନ୍ଦୁଝର, ମୟରଭଞ୍ଜ ଓ ଆଖପାଖ ଜିଲ୍ଲାର ଅଧିବାସୀ ମାନେ ଉପକୃତ ହେବେ। ରାଇରାଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟରେ ୧୦୦ ଶଯ୍ୟାବିଶିଷ୍ଟ ନୂତନ ହସ୍ପିଟାଲ୍ ନିର୍ମାଣ ରେ ଏମ୍ସ ଭୁବନେଶ୍ୱର ସହାୟତା ଯୋଗାଇବ।

ଏହା ସହ ରୋଗୀଙ୍କର ଚାହିଦା ଅନୁଯାୟୀ ବିଭିନ୍ନ ସ୍ପେଶିଆଲିଷ୍ଟ ବିଭାଗର ବହିଃ-ରୋଗ ଚିକିତ୍ସା ସେବା,ମାସିକ/ଦ୍ୱିମାସିକ ଭିତିରେ ମେଡିକାଲ କ୍ୟାମ୍ପ ,ଦନ୍ତ ଚିକିତ୍ସା ଶିବିର, ଚକ୍ଷୁ ଚିକିତ୍ସା, ସଂକ୍ରାମକ ରୋଗ ସେବା ଶିବିର ଆଦିର ଆୟୋଜନ କରାଯିବ। ଟେଲି ଯୋଗାଯୋଗ ମାଧ୍ୟମରେ ପରାମର୍ଶ ଓ ଚିକିତ୍ସା ଏବଂ ଜରୁରୀ ସ୍ଥିତିରେ ଭୁବନେଶ୍ୱର ଏମ୍ସକୁ ରୋଗୀଙ୍କ ସ୍ଥାନାନ୍ତର ସୁଗମ ଓ ସହଯୋଗ କରିବା ଆଦି ଏହି ବୁଝାମଣା ପତ୍ରର ମୁଖ୍ୟ ଅଂଶ। ଏହି ବୁଝାମଣା ପତ୍ର ମାଧ୍ୟମରେ ସଂପୃକ୍ତ ଅଞ୍ଚଳ ରେ ସ୍ୱାସ୍ଥ୍ୟ ସେବା ରେ ବଡ଼ଧରଣର ରୂପାନ୍ତରଣ ହେବ । ଏମ୍ସ ତରଫରୁ ନିର୍ଦ୍ଦେଶକ ପ୍ରଫେସର ଆଶୁତୋଷ ବିଶ୍ୱାସ ଏବଂ ଓଡିଶା ସରକାର ଙ୍କ ତରଫରୁ ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ଡ଼ ପ୍ରଦୀପ ଗୁରୁ ବୁଝାମଣାପତ୍ର ସ୍ୱାକ୍ଷର କରିଥିଲେ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ଏସ୍. ଅଶ୍ୱଥିଙ୍କ ସମେତ ବିଭାଗର ବରିଷ୍ଠ ଅଧିକାରୀ ଓ ନିର୍ଦ୍ଦେଶକମାନେ ବୁଝାମଣା ପତ୍ର ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଉପ ଶାସନ ସଚିବ ଅରୁଣା ତ୍ରିପାଠୀ ସଭା ଆୟୋଜନର ସଂଯୋଜନା କରିବା ସହ ଧନ୍ୟବାଦ ଜ୍ଞାପନ କରିଥିଲେ।

# ନ୍ୟୁଜ ଅଫ ତାରିଣୀ ଖବରକାଗଜ ଉନ୍ମୋଚିତ

**ଭୁବନେଶ୍ୱର, ୧୯।୪ (ମହାଭାରତ):** ରାଜ୍ୟରେ ଏକ ପ୍ରମୁଖ ସାମାଜିକ ଓ ପ୍ରେରଣାଦାୟକ ଅଭିଯାନ ଭାବେ ପରିଚିତ ହେଉଛି। 'ହେଲ୍ପିଙ୍ଗ ହ୍ୟାଣ୍ଡସ୍' ଓ 'ନ୍ୟୁଜ୍ ୧୬' ପକ୍ଷରୁ ଆୟୋଜିତ ଏହି ଭବ୍ୟ କାର୍ଯ୍ୟକ୍ରମ ଭୁବନେଶ୍ୱରରେ ଆଜି ଗମ୍ଭୀର ଓ ଆକର୍ଷଣୀୟ ପରିବେଶରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମର ଶୁଭାରମ୍ଭ ମା' ତାରିଣୀଙ୍କ ଆଶୀର୍ବାଦ ସହ ଦୀପ ପ୍ରଜ୍ୱଳନ ମାଧ୍ୟମରେ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଓଡିଶା ସରକାରଙ୍କ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଉପସ୍ଥିତ ଥିଲେ। ସେଥିପାଇଁ ମଞ୍ଚରେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଏମ୍ସ ଭୋପାଳର ନିର୍ଦ୍ଦେଶକ ଓ ପ୍ରସିଦ୍ଧ ଅଙ୍କ ?ଲୋଜିଷ୍ଟ ଡା. ମାଧବାନନ୍ଦ କର, 'ଉଦୟ ଇଣ୍ଡିଆ ନ୍ୟୁଜ୍ ?'ର ସମ୍ପାଦକ ଦୀପକ କୁମାର



ରଥ, 'ନ୍ୟୁଜ୍ ୧୬'ର ପ୍ରତିଷ୍ଠାତା ଓ ସମ୍ପାଦକ ଗତି କୃଷ୍ଣ ଦାସ ଏବଂ 'ନ୍ୟୁଜ୍ ଅଫ୍ ତାରିଣୀ'ର ସମ୍ପାଦିକା ସୁଚିସ୍ମିତା ମହାନ୍ତ ଉପସ୍ଥିତ ଥିଲେ। ଏହି ଅବସରରେ ଓଡିଆ ସମ୍ବାଦପତ୍ର 'ନ୍ୟୁଜ୍ ଅଫ୍ ତାରିଣୀ'ର ଶୁଭ ଲୋକାର୍ପଣ ମନ୍ତ୍ରୀ ଶ୍ରୀ ମଲ୍ଲିକଙ୍କ କରକମଳରେ ହୋଇଥିଲା। ଏହି ପତ୍ରିକା ଓଡିଆ ଭାଷା, ସଂସ୍କୃତି ଓ ଜନସେବା ମୂଳକ ସମ୍ବାଦକୁ ଗୁରୁତ୍ୱ ଦେବ। ଏହାର ସ୍ଲୋଗାନ୍ "ଆଜିର ଖବର, ଆଗାମୀର ଦୃଷ୍ଟି" ରହିଛି। କାର୍ଯ୍ୟକ୍ରମର ଅଂଶ ଭାବେ "ସ୍ୱାସ୍ଥ୍ୟ କ୍ଷେତ୍ରରେ ବିକଶିତ ଓଡିଶା ୨୦୩୬" ବିଷୟରେ ଏକ ହେଲଥ କନକ୍ଲେଭ୍ ଆୟୋଜିତ ହୋଇଥିଲା। ଏହାର ଅଧ୍ୟକ୍ଷତା ଡା. ମାଧବାନନ୍ଦ କର କରିଥିଲେ ଓ ରାଜ୍ୟର ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଆଗକୁ ନେବା ନେଇ ଗୁରୁତ୍ୱପୂର୍ଣ୍ଣ ଆଲୋଚ଼ନା ହୋଇଥିଲା।

# ଜୟ ବଜରଙ୍ଗବାଲି ମନ୍ଦିରର ପ୍ରତିଷ୍ଠା ଉତ୍ସବ

**ଭୁବନେଶ୍ୱର, ୧୯।୪ (ମହାଭାରତ):** ନୀଳାଦ୍ରି ବିହାର ସେକ୍ଟର ତିନି ଛକ ସ୍ଥିତ ଜୟ ବଜରଙ୍ଗବାଲି ମନ୍ଦିରର ୨୪ତମ



ପ୍ରତିଷ୍ଠା ଉତ୍ସବ ମୋହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଦୁଇ ଦିନ ଧରି ଚାଲିଥିବା ଏହି ଧାର୍ମିକ ଉତ୍ସବରେ ରବିବାର ସନ୍ଧ୍ୟାରେ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ସୋମବାର ପବିତ୍ର ମହା ବିଷୁବ ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ଦିନ ସକାଳୁ ଯଥା ବିଧି ଓ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ପୂର୍ବକ ସୂର୍ଯ୍ୟପୂଜା, ଯଜ୍ଞାରମ୍ଭ ହୋଇ ସନ୍ଧ୍ୟାରେ ଆଳତୀ ଓ ପୂର୍ଣ୍ଣାହୂତି ଅନୁଷ୍ଠିତ ହୋଇଥିଲା। ଏହି ବାର୍ଷିକ ଉତ୍ସବରେ ଉ□ର ବିଧାୟକ ସୁଶାନ୍ତ କୁମାର ରାଉତ, ପୂର୍ବତନ ବିଧାୟକ ତଥା ବିଜେପି ନେତା ପ୍ରିୟଦର୍ଶୀ ମିଶ୍ର, ଯୁବନେତା ମନୋଜ କୁମାର ସାହୁ, ବରିଷ୍ଠ ସ୍ତମ୍ଭକାର ସୁଧାଂଶୁ ମହାପାତ୍ର, ନୀଳାଦ୍ରିବିହାର ଯୁବ ସଂସ୍କୃତିକ ସଂଘର ସଭାପତି ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଦର୍ଶନ କରିବା ସହିତ ବଜରଙ୍ଗବାଲିଙ୍କ ଆଶୀର୍ବାଦ ଗ୍ରହଣ କରିଥିଲେ । ସନ୍ଧ୍ୟାରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ସହିତ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ବଜରଙ୍ଗବାଲି ମନ୍ଦିର ପରିଚାଳନା କମିଟିର ସଭାପତି ସୁକାନ୍ତ କୁମାର ରାଉତ, ପ୍ରସାନ୍ତ କୁମାର ସାହୁ, ସତ୍ୟବ୍ରତ ଦାସ, ରଂଜିତ ସାହୁ, ମନୋଜ ସାମଲ, ତ୍ରିନାଥ ଲେଙ୍କା, ବାବୁଲି ସାହୁ, ପାରଦାନ୍ ପୂ□, ଶରତ ଖଟୁଆ, ସୁକାନ୍ତ ଲେଙ୍କା ଓ ଅନ୍ୟାନ୍ୟ ସଦସ୍ୟ ମାନେ ପରିଚାଳନା କରିଥିବା ବେଳେ ସ୍ଥାନୀୟ ଅ□ଳର ଭକ୍ତମାନେ ସାହାର୍ଯ୍ୟ ସହଯୋଗ କରିଥିଲେ।

# ଡୋର-ଟୁ-ଡୋର ଡିଜିଟାଲ ଜନଗଣନା ଆରମ୍ଭ

**ଭୁବନେଶ୍ୱର,୧୯।୪ (ମହାଭାରତ):** ଓଡ଼ିଶାରେ ଗୁରୁବାର ରାଜ୍ୟବ୍ୟାପୀ ଡୋର-ଟୁ-ଡୋର ଡିଜିଟାଲ ଜନଗଣନା ଆରମ୍ଭ ହୋଇଛି। ଏହା ଏକ ବଡ଼ ପ୍ରଶାସନିକ ଅଭିଯାନ, ଯାହାର ଉଦ୍ଦେଶ୍ୟ ସମଗ୍ର ରାଜ୍ୟରେ ବିସ୍ତୃତ ଜନସାଂଖ୍ୟିକ ତଥ୍ୟ ସଂଗ୍ରହ କରିବା। ଏହି ପ୍ରକ୍ରିୟା ମେ ୧୫ ପର୍ଯ୍ୟନ୍ତ ଚାଲିବ। ଏହି ଅଭିଯାନ ପାଇଁ ରାଜ୍ୟସାରା ୯୦,୦୦୦ ରୁ ଅଧିକ କର୍ମଚାରୀଙ୍କୁ ନିଯୁକ୍ତ କରାଯାଇଛି, ଯେଉଁମାନେ ଘରକୁ ଘର ଯାଇ ସୂଚନା ସଂଗ୍ରହ କରିବେ। ନିରୀକ୍ଷଣ ପାଇଁ ୧୫,୧୪୦ ଜଣ ସୁପରଭାଇଜର ନିଯୁକ୍ତ ହୋଇଛନ୍ତି। ପ୍ରାଥମିକ ବିଦ୍ୟାଳୟର ଶିକ୍ଷକମାନଙ୍କୁ ଗଣନାକର୍ତ୍ତା (ଏନ୍ୟୁମେରେଟର) ଏବଂ ଉଚ୍ଚ ବିଦ୍ୟାଳୟର ଶିକ୍ଷକମାନଙ୍କୁ ସୁପରଭାଇଜର ଭାବେ ଦାୟିତ୍ୱ ଦିଆଯାଇଛି। ପ୍ରତ୍ୟେକ ଗଣନାକର୍ତ୍ତାଙ୍କୁ ପ୍ରାୟ ୮୦୦ ଜଣଙ୍କର ତଥ୍ୟ ସଂଗ୍ରହ କରିବା ଲକ୍ଷ୍ୟ ଦିଆଯାଇଛି। ପାଖାପାଖି ଜଣେ କର୍ମଚାରୀ ଏହି ସମୟରେ ୧୫୦ ରୁ ୨୦୦ଟି ଘରର ସର୍ଭେ କରିବେ। ଏହା ସହିତ ଘରଗୁଡିକର ତାଲିକା ପ୍ରସ୍ତୁତ, ନମ୍ବରିଂ କରିବା ଏବଂ ପ୍ରତ୍ୟେକ



ପରିବାରର ମୁଖିଆଙ୍କ ସହ କଥାହେବା ମାଧ୍ୟମରେ ସୂଚନା ଲେଖିବା କାମ ମଧ କରାଯିବ।

ଏହି ଜନଗଣନାରେ ମୋଟ ୩୩ଟି ପ୍ରଶ୍ନ ସହିତ ଏକ ଗଠିତ ପ୍ରଶ୍ନାବଳୀ ରହିଛି। ଏଥିରେ ବାସସ୍ଥାନର ଅବସ୍ଥା, ନିର୍ମାଣ ସାମଗ୍ରୀ, ପରିବାରମାନଙ୍କ ଖାଦ୍ୟ ଅଭ୍ୟାସ ଏବଂ ଦୁଇଚକିଆ ଓ ଚାରିଚକିଆ ଯାନ ମାଲିକାନା ଭଳି ସାମାଜିକ-ଆର୍ଥିକ ପ୍ରସଙ୍ଗର ସୂଚନା ସଂଗ୍ରହ କରାଯିବ।

ପୂର୍ଣ୍ଣ ସର୍ଭେ ଆରମ୍ଭ ପୂର୍ବରୁ କର୍ମଚାରୀମାନଙ୍କୁ ତିନି ଦିନର ମ୍ୟାପିଂ କାମ ଦିଆଯାଇଛି। ଏହି ସମୟରେ ସେମାନେ ନିଜ ନିର୍ଦ୍ଧାରିତ ଅଞ୍ଚଳକୁ ଚିହ୍ନଟ କରିବେ, ସ୍ଥାନୀୟ ପରିସ୍ଥିତିକୁ ବୁଝିବେ ଏବଂ ଘର ଓ ପରିବାର ସଂଖ୍ୟାର ଆନୁମାନ କରିବେ। ଏହି ପ୍ରାରମ୍ଭିକ ପର୍ଯ୍ୟାୟ ୧୮ ଏପ୍ରିଲ ପର୍ଯ୍ୟନ୍ତ ଚାଲିବ। ମ୍ୟାପିଂ କାମ ସମ୍ପୂର୍ଣ୍ଣ ହେବା ପରେ ବାସ୍ତବ ଜନଗଣନା ପ୍ରକ୍ରିୟା ଆରମ୍ଭ ହେବ। ସମସ୍ତ ସଂଗ୍ରହିତ ତଥ୍ୟକୁ ଡିଜିଟାଲ ଆକାରରେ ସଂରକ୍ଷିତ କରାଯିବ, ଯାହା ଫଳରେ ପ୍ରକ୍ରିୟା ଅଧିକ ସୁସଂଗଠିତ, ସଠିକ୍ ଓ ପ୍ରଶାସନିକ ବ୍ୟବହାର ପାଇଁ ସହଜ ହେବ। ଅଧିକାରୀମାନଙ୍କ କହିବା ଅନୁସାରେ, ଏହି ଡିଜିଟାଲ ପ୍ରଣାଳୀ ପାରଦର୍ଶିତା ଓ କାର୍ଯ୍ୟକୁଶଳତା ବଢାଇବାରେ ସହାୟକ ହେବ ଏବଂ ରାଜ୍ୟରେ ତଥ୍ୟ-ଆଧାରିତ ପ୍ରଶାସନକୁ ସୁଦୃଢ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସାବ୍ୟସ୍ତ ହେବ।

# ଦୁର୍ବଳ ବିଚାର ବ୍ୟବସ୍ଥା

କୋର୍ଟରେ ନିଜକୁ ନିର୍ଦ୍ଦୋଷ ବୋଲି ସାବ୍ୟସ୍ତ କରିବାକୁ ସେମାନେ ସବୁ ପ୍ରକାର ପ୍ରୟାସ କୀରୁଛନ୍ତି। ଅନେକ ସମୟରେ ନ୍ୟାୟିକ ପ୍ରକ୍ରିୟା ଏତେ ବିଳମ୍ବ ହେଉଛି ଯେ, ଏଥିରେ ନ୍ୟାୟର ମାନେ ଆଉ କିଛି ରହୁ ନାହିଁ। ଆଉ ଅନେକ ନିଜ ବୁଦ୍ଧିରେ କୋର୍ଟକୁ ବାଟବଣା କରିବାରେ ମଧ୍ୟ ସଫଳ ହେଉଛନ୍ତି। ନିକଟରେ ଆହ୍ଲାବାଦ ହାଇକୋର୍ଟର ବିଚାରପତି ଜଷ୍ଟିସ ଯଶଓ୍ୱନ୍ତ ବର୍ମା ଠିକ ଏହି ବାଟରେ ନିଜକୁ ରକ୍ଷା କରିବାର ଉପାୟ ବାଛି ନେଇଛନ୍ତି। ନିଜ ବୁଦ୍ଧି ବଳରେ ସେ ଆଇନକୁ ନିଜ ଇଚ୍ଛାରେ ପରିଚାଳିତ କରିବା ସହ ସୁପ୍ରିମକୋର୍ଟଙ୍କ ମଧ୍ୟ ବିଭ୍ରାନ୍ତ କରିଛନ୍ତି। ଏହାକୁ କହନ୍ତି ଧର୍ମକୁ ଆଖିଠାର। ସେଥିପାଇଁ ଅନେକ କହନ୍ତି ଭାରତରେ ନ୍ୟାୟିକ ବ୍ୟବସ୍ଥା ବିଫଳ ହୋଇଛି, ଏହା ବିଶ୍ୱର ସବୁଠାରୁ ଦୁର୍ବଳ ବିଚାର ବ୍ୟବସ୍ଥା। ଗତ ବର୍ଷ ଜଷ୍ଟିସ ବର୍ମା ଦିଲ୍ଲୀ ହାଇକୋର୍ଟର ବିଚାରପତି ଥିବା ବେଳେ ତାଙ୍କ ଘରୁ ପୁଳା ପୁଳା ଅଧାପୋଡ଼ା ଟଙ୍କା ମିଳିଲା। ଏହା ସମ୍ପୂର୍ଣ୍ଣ ଭାବେ ହିସାବ ବହିର୍ଭୂତ ସମ୍ପତ୍ତି ଥିଲା। ଅଧାପୋଡ଼ା ଟଙ୍କା ଯେ କଳା ଟଙ୍କା ଥିଲା, ସେଥିରେ ସନ୍ଦେହ ନାହିଁ। ଏହି ପରିସ୍ଥିତିରେ ଜଷ୍ଟିସ ବର୍ମାଙ୍କୁ ଗିରଫ କରାଯିବା ପରିବର୍ତ୍ତେ ତାଙ୍କୁ ଦିଲ୍ଲୀରୁ ଆହ୍ଲାବାଦ ହାଇକୋର୍ଟକୁ ବଦଳି କରାଗଲା। ଏହା ଥିଲା ଚୋରକୁ ପୁରସ୍କାର ଭଳି। ଆଜିକୁ ବର୍ଷେ ହେବ ସେ ବିନା କାମରେ ଦରମା ନେଉଥିଲେ। ତାଙ୍କ ବିରୋଧରେ ତଦନ୍ତ କମିଟି ଗଠନ କରାଗଲା। ତଦନ୍ତ କମିଟି ଆଗରେ ଯେଉଁଦିନ ଜଷ୍ଟିସ ବର୍ମା ହାଜର ହେବା କଥା, ଠିକ ତା ପୂର୍ବଦିନ ସେ ତାଙ୍କ ପଦରୁ ଇସ୍ତଫା ଦେଲେ। ଏହା ଫଳରେ ତାଙ୍କ ବିରୋଧରେ ସଂସଦରେ ଆଗତ ମହାଭିଯୋଗ ଉପରେ ଆଲୋଚନା ହୋଇପାରିବନି। ତାଙ୍କୁ ସମସ୍ତ ପ୍ରକାର ଅବସରକାଳୀନ ସୁବିଧା ସୁଯୋଗ ମିଳିବ। ବାସ୍ତବରେ ଜଷ୍ଟିସ ବର୍ମାଙ୍କ ଇସ୍ତଫା ଗ୍ରହଣ ନକରି ତାଙ୍କୁ ଚାକିରୀରୁ ସସପେଣ୍ଡ କରିବାର ଥିଲା। ଜଣେ ସାଧାରଣ ସରକାରୀ କର୍ମଚାରୀଙ୍କ ଘରୁ ଯଦି ଏତେ ପରିମାଣର ହିସାବ ବହିର୍ଭୂତ ଟଙ୍କା ମିଳିଥାଆନ୍ତା ତେବେ କ'ଣ ତାଙ୍କୁ ଏପରି ଆରାମରେ ଜୀବନ କାଟିବାକୁ, ବିନା କାମରେ ଦରମା ନେବାକୁ ସୁଯୋଗ ଭ ମିଳିଥାଆନ୍ତା ? କେବେ ନୁହେଁ। ତେଣୁ ଭାରତରେ ଆଇନ ସମସ୍ତଙ୍କ ପାଇଁ ସମାନ ବୋଲି କହିବା ଭୁଲ। ଏହା ଏକ ଅବାସ୍ତବ ପରିକଳ୍ପନା ମାତ୍ର। ଏଠାରେ ସରକାରଙ୍କ ଭୂମିକା ନେଇ ମଧ୍ୟ ପ୍ରଶ୍ନ ଉଠିବା ସ୍ୱାଭାବିକ। ବର୍ଷେ ହେଲାଣି ଜଷ୍ଟିସ ବର୍ମାଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଉପରେ କାହିଁକି ଚର୍ଚ୍ଚା ହେଲା ନାହିଁ ? ଏହାର ଜବାବ ସଂସଦୀୟ ବ୍ୟାପାର ମନ୍ତ୍ରୀ ଦେବା ଉଚିତ। ଜଷ୍ଟିସ ବର୍ମାଙ୍କ ବିରୋଧରେ ହେଯଉଁ ଗୁରୁତର ଅଭିଯୋଗ ରହିଛି ତାହାର ବିଚାର ଯୁଦ୍ଧକାଳୀନ ଭିତ୍ତିରେ ହେବା ଉଚିତ। ତାଙ୍କ ଦୁର୍ନୀତି ଦ୍ୱାରା ଅନେକ ନିର୍ଦ୍ଦୋଷ ଦଣ୍ଡ ପାଇଥାଇପାରନ୍ତି, ଅନେକ ଦୋଷୀ ଖସି ଯାଇଥାଇପାରନ୍ତି। ତାଙ୍କ ବିରୋଧରେ ଆସିଥିବା ଅଭିଯୋଗ ଅତି ଜଘନ୍ୟ। ଏହାର ବିଚାର ଫାଷ୍ଟଟ୍ରାକ କୋର୍ଟରେ ହେବା ଉଚିତ। ତାଙ୍କୁ ଜଣେ ଦେଶଦ୍ରୋହୀ ଭାବେ ବିଚାର କରାଯିବା ଉଚିତ। ଏଥିଲାଗି ଆବଶ୍ୟକ ପଡ଼ିଲେ ସମ୍ବିଧାନ ସଂଶୋଧନ କରାଯିବା ଉଚିତ। ଯିଏ ଯେତେ ଅଧିକ କ୍ଷମତାଶାଳି ତାଙ୍କ ବିରୋଧରେ ଆସିଥିବା ଅଭିଯୋଗକୁ ସେତେ ଗମ୍ଭୀରତାର ସହ ବିଚାର କରାଯିବା ଉଚିତ ଏବଂ ଏହାର ତ୍ୱରିତ ବିଚାର ହେବା ଉଚିତ। ବିଚାର ବିଭାଗ, ପୋଲିସ ଏବଂ ସେନା ବାହିନୀର ବରିଷ୍ଠ ଅଧିକାରୀଙ୍କ ବିରୋଧରେ ଯଦି ଦୁର୍ନୀତି ଅଭିଯୋଗ ଆସୁଛି, ତେବେ ଏହାର କିପରି ତ୍ୱରିତ ବିଚାର ହୋଇପାରିବ ତାହାର ବ୍ୟବସ୍ଥା ହେବା ଉଚିତ। ଭାରତୀୟ ସମ୍ବିଧାନ ଏବଂ ଆଇନ ବ୍ୟବସ୍ଥାରେ ଥିବା ଦୁର୍ବଳତାକୁ ଦୂର କରାଯିବା ଉଚିତ। ଭାରତରେ ଯେଉଁଦିନ ଜଷ୍ଟିସ ବର୍ମାଙ୍କ ଭଳି ଜଣେ ଦୁର୍ନୀତିଗ୍ରସ୍ତ ବିଚାରପତି ଦଣ୍ଡିତ ହେବେ ସେହିଦିନ ସମ୍ବିଧାନ ପ୍ରଣୟନ ସଫଳ ହେଲା ବୋଲି ବିଚାର କରିବାକୁ ପଡ଼ିବ।

# ସଂସାର ଥିବା ଯେତେ ଦିନ......

**॥ ଡ଼ଃ. ଦିଲ୍ଲୀପ କୁମାର ମହାରଣା ॥**

> "ଆମ ବିଧି ବ୍ୟବସ୍ଥାରେ ଏପରିକି ଆଇନ କାନୁନରେ ବି ଘରର କର୍ମଜୀବୀ ବାପା ବା ମାଆଙ୍କର କର୍ମ କ୍ଷେତ୍ରରେ ପରଲୋକ ପରେ ଥଇଥାନ ବ୍ୟବସ୍ଥା ଅନୁଯାୟୀ ପିଲାମାନଙ୍କୁ ଚାକିରୀ ମିଳିଥାଏ। ଆପଣ କେଉଁଠି ଶୁଣିଛନ୍ତି ଜଣେ ସେଇ ଥଇଥାନ ସୁଯୋଗର ସମସ୍ତ ସରକାରୀ ସୁବିଧା ନେଇ ମଧ ଛୁ ମନ୍ତର କରି ଆଇନକୁ ନିଜ ପକେଟରେ ପୁରାଇ ପୁଣି ସରକାରୀ ସୁବିଧା। ଆମ ରାଜ୍ୟରେ କୁଆଡ଼େ କଣ ମୁଖିଆ ସବୁବେଳେ କୁହନ୍ତି ଆଇନ ତା ବାଟରେ ଯିବ। ଆଇନଟା କେଉଁ ବାଟ ଦେଇକି ଯାଉଛି ତାହା ଆମପରି କୋଟି କୋଟି ମୂର୍ଖ କିନ୍ତୁ ବୁଝି ପାରୁନାହାଁନ୍ତି।

ସଂସାର ଥିବା ଯେତେ ଦିନ.... ଆନନ୍ଦରେ କାଟୁଥିବା ଦିନ। ଏହା ତ ନିର୍ଘାତ ସତ କିନ୍ତୁ ସତ ପଛର ଆଉ ଏକ ଘଟଣା ବି ରହିଛି। ଅର୍ଥାତ୍ ଆନନ୍ଦ ବୋଇଲେ ଯେଉଁ ପ୍ରକାର ଆନନ୍ଦ ହୋଇପାରେ। କାହାକୁ ତଣ୍ଟିଆ ମାରି ହୋଇପାରେ, କାହାର ତଣ୍ଟି ଚିପି ହୋଇପାରେ, କାହାକୁ ଖାଲରେ ପକାଇ ହୋଇପାରେ, କାହା ବିରୁଦ୍ଧରେ ମିଛ ର୍ଦୁନାମ ଯୋଡ଼ି ବି ହୋଇପାରେ। ତେବେ ଆଜିର ସଂସାରକୁ ଦେଖିଲେ ଆପଣ ବିଚିତ୍ର ବିଚିତ୍ର ଲୋକ ସବୁ ଦେଖିବାକୁ ପାଇବେ। ଦୁନିଆରେ ଧର୍ମଡଙ୍ଗା ତ ପୁଣି ଚାଲୁଛି ନାଁ। ତାହାଲେ କ'ଣ ଭଲ ଲୋକଙ୍କର ସ୍ଥାନ ନାହିଁ ? ଆମେ ଏ ଘଟଣା ଅବତାରଣ କାହିଁକି କରୁଛୁ ତାହା ଟିକିଏ ଚୁମ୍ବକରେ ପାଠକବର୍ଗଙ୍କୁ ଜଣାଇବା ପାଇଁ ଚାହୁଁ। ଆମ ହାତ ପାହାନ୍ତାରେ ଏପରି ଫୋରଟ୍ୱିଣ୍ଟି ସବୁ ରହିଛନ୍ତି ସେମାନେ ମଣିଷକୁ କ'ଣ, ଆଇନର କାଠଗଡ଼ା ଠାରୁ ଏ ସରକାରଙ୍କୁ ବି ବିକିଦେବେ। ଦିନ ଅଧରେ ଭଦ୍ର ଧୋବାଧାରୀ ଲୋକ ବୋଲାଇ ଶୁଖୁଆ କଣ୍ଟା ଗେଞ୍ଜି ତୁମକୁ ଏପରି ଜଳକା ବନାଇ ଦେବେ ଯେ ତୁମେ କେତେ ପୁରୁଷ ପଛରେ ଛାଡ଼ିକି ଆସିଛ ନିହାତି ଖରାବେଳେ ଗଣୁଥିବ।

ଆମ ବିଧି ବ୍ୟବସ୍ଥାରେ ଏପରିକି ଆଇନ କାନୁନରେ ବି ଘରର କର୍ମଜୀବୀ ବାପା ବା ମାଆଙ୍କର କର୍ମ କ୍ଷେତ୍ରରେ ପରଲୋକ ପରେ ଥଇଥାନ ବ୍ୟବସ୍ଥା ଅନୁଯାୟୀ ପିଲାମାନଙ୍କୁ ଚାକିରୀ ମିଳିଥାଏ। ଆପଣ କେଉଁଠି ଶୁଣିଛନ୍ତି ଜଣେ ସେଇ ଥଇଥାନ ସୁଯୋଗର ସମସ୍ତ ସରକାରୀ ସୁବିଧା ନେଇ ମଧ ଛୁ ମନ୍ତର କରି ଆଇନକୁ ନିଜ ପକେଟରେ ପୁରାଇ ପୁଣି ସରକାରୀ ସୁବିଧା। ଆମ ରାଜ୍ୟରେ କୁଆଡ଼େ କଣ ମୁଖିଆ ସବୁବେଳେ କୁହନ୍ତି ଆଇନ ତା ବାଟରେ ଯିବ। ଆଇନଟା କେଉଁ ବାଟ ଦେଇକି ଯାଉଛି ତାହା ଆମପରି କୋଟି କୋଟି ମୂର୍ଖ କିନ୍ତୁ ବୁଝି ପାରୁନାହାଁନ୍ତି। ଆଇନଟା ଜାତୀୟ ରାଜପଥ ଦେଇ ଯାଉଛି କି ଗ୍ରାମୀଣ ରାଜପଥ ଦେଇ ଯାଉଛି କି ବାଟ ଖରାପ ପଡ଼ିଛି ବୋଲି ଝୁଣ୍ଟି ପଡ଼ି ଯାଉଛି ତାହା ଜଣାପଡୁନାହିଁ। ଆମେ ଆଇନ ବ୍ୟବସ୍ଥାକୁ ଅତ୍ୟନ୍ତ ସମ୍ମାନ ଦେଉଛୁ। କାରଣ ଭାରତର ବିଧି ବ୍ୟବସ୍ଥା ସମ୍ବିଧାନ ଓ ଆଇନକୁ ନେଇ ଚାଲିଛି। ଏହି ଲେଖାଟି ଏହି ଲେଖକ ଲେଖିଲା ବେଳକୁ ରାଜ୍ୟର ଏକ ବହୁ ଚର୍ଚ୍ଚିତ ହତ୍ୟାକାଣ୍ଡ ଘଟଣାରେ ଜଣେ ପୂର୍ବତନ ପ୍ରଭାବଶାଳୀ ମନ୍ତ୍ରୀଙ୍କୁ କୋର୍ଟ ସମନ କରାଯାଇଛି। ତାହାହେଲେ କ'ଣ ଆମେ କାହି ପାରିବୁ ଆଇନର ଶାସନ ନାହିଁ ବୋଲି ? ଏହି ବ୍ୟବସ୍ଥା ସମ୍ପର୍କରେ ଜାଣିବା ପାଇଁ ଜଣେ ଭଦ୍ରବ୍ୟକ୍ତି ସୂଚନା ଅଧିକାର ଆଇନ ବ୍ୟବସ୍ଥାରେ ଜାଣିବା ପାଇଁ ଚାହିଁଲେ କିନ୍ତୁ ତଥ୍ୟର ପଦ୍ମ ଘୁଞ୍ଚି ଘୁଞ୍ଚି ଯାଉଛି। ହୁଏତ ଅଭିଯୋଗ ଉଠୁଥିବା ବାବୁ ଜଣଙ୍କ ଆରାମରେ ତାଙ୍କ ଚାକିରୀ ସମୟ ସାରି ପେନସନ ପାଇବା ପାଇଁ ବି ଯୋଗ୍ୟ ହୋଇଯିବେ।

ଭାରତର ଗଣତନ୍ତ୍ର ସମସ୍ତଙ୍କୁ ନେଇ, ସମସ୍ତଙ୍କ ପାଇଁ। ସମ୍ଭବତଃ ଏହି ସଗର୍ବ ଅଖଣ୍ଡ ଭାରତୀୟତା ଆମ ଜାତି ପ୍ରେମକୁ ଉଜ୍ଜୀବିତ କରେ। ତେବେ ବେଳେବେଳେ ସମ୍ବିଧାନ ସଙ୍କଟରେ ପଡ଼ିଯାଏ ବା କିଛି ଘଟଣା ଗୋଳମାଳିଆ ପରିସ୍ଥିତି ସୃଷ୍ଟି କରେ। ଆଇନର ଶାସନ ବେଳେ ବେଳେ କିଭଳି କିଛି ମନମୁଖି ଓ ସ୍ୱାର୍ଥଲିପ୍ସୁମାନେ ମୋଡ଼ି ପାରନ୍ତି ଅନେକ ଉଦାହରଣ ରହିଛି। ଭାତ ହାଣ୍ଡିରୁ ଗୋଟିଏ ପରି ଓଡ଼ିଶା ସରକାରଙ୍କ ରାଜସ୍ୱ ପର୍ସଦ ଅଧୀନରେ ପରିସର-୧ରୁ ବଦଳି ହୋଇ ପରିସର-୩ରେ ଅବସ୍ଥାପିତ ହୋଇ ପୁନଶ୍ଚ ଓଡ଼ିଶା ରାଜସ୍ୱ ପର୍ସଦକୁ ଡେପୁଟେସନରେ ଆସି ବର୍ତ୍ତମାନ କାର୍ଯ୍ୟ କରୁଅଛନ୍ତି। ସେହି ମହୋଦୟ ସମୀପେଷୁଙ୍କ ନାମ ହେଉଛି ଚିନ୍ମୟ ପଣ୍ଡା। ସତକଥା ନାମଟି ଚିନ୍ମୟ ନା, ଏ ଯୁଗରେ ଚିନ୍ମୟ ଚିନ୍ତନର ଏ ଭଦ୍ର ବ୍ୟକ୍ତି ସତକଥା ନିହାତି କରିତକର୍ମା ହୋଇଥିବେ। ଯିଏ ବୃତ୍ତି ଆଉ ପ୍ରବୃତ୍ତି ଓ ପରିଶେଷର ହୁଏତ ନିଷ୍କୃତି ଯୋଗରୁ ଚିନ୍ତନର ଜଣେ ମସ୍ତବଡ଼ ଅନୁଭବୀ ହୋଇଥିବେ। ଏ ସମ୍ବନ୍ଧୀୟ ତଥ୍ୟ ରାଜସ୍ୱ ବିଭାଗର ସଚିବ, ନିର୍ଦ୍ଦେଶକ ଚକବନ୍ଦୀ ରାଜସ୍ୱ ପର୍ସଦ, ସଦସ୍ୟ ରାଜସ୍ୱ ପର୍ସଦ, ସଚିବ କେନ୍ଦ୍ରାଞ୍ଚଳ ରାଜସ୍ୱ ବିଭାଗ, ସଚିବ ଗୃହ ବିଭାଗ, ସଚିବ ଅର୍ଥ ବିଭାଗ, ସଚିବ ସାଧାରଣ ପ୍ରଶାସନ ବିଭାଗ ବାରମ୍ବାର ଅବଗତ କରିଥିଲେ ମଧ ବର୍ତ୍ତମାନ ସୁଦ୍ଧା ଏ ବାବଦରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏଥିରେ ତାଙ୍କୁ ପୃଷ୍ଠପୋଷକତା କରୁଛନ୍ତି ରାଜସ୍ୱ ପର୍ସଦର ଅତିରିକ୍ତ ସଚିବ ଶ୍ରୀମତୀ ସିଓନା ମିଶ୍ର ଏବଂ ଉପବିଭାଗ ଅଧିକାରୀ ଭାଗ୍ୟଧର ସାହୁ। ଓଡ଼ିଆରେ ଏକ କଥା ଅଛି 'ତୁ ଗୁହାରୀ ଯାହାକୁ ମୁଁ.....' ଅର୍ଥାତ୍ ଅଭିଯୋଗ କରିବ ତ ? କାହା ପାଖକୁ ଯିବ ? କେତେ ଦମ ନେଇ କେତେ ବାଟ ଯାଇପାରିବ ? ଆଉ ଆମେ ଏ ରାସ୍ତାରେ ଯିଏ ଅଛୁ ଆମେ କ'ଣ ଚୁଡ଼ି ପିନ୍ଧି ମଠ ଡାଲମା ଖାଇ ଝାଞ୍ଜ ବାଡ଼ଉଛୁ। ଏପରି ଆଇନକୁ ମୋଡି ମକଚି ନିଜ ପକେଟରେ ନିୟମକୁ ରଖିପାରୁଥିବାର ଦୁଃସାହାସ ରଖୁଥିବା ବ୍ୟକ୍ତି ହେଉଛନ୍ତି ଚିନ୍ମୟ ପଣ୍ଡା। ଏହି ଚିନ୍ମୟ ପଣ୍ଡା ବ୍ୟକ୍ତିଙ୍କର ସାତଖୁରାକୁ ସତ କଥା ଜୁହାର। ସରକାରଙ୍କ ରାଜସ୍ୱ ବିଭାଗ ୫-ଟି ଅଧୀନରେ ଆସୁଛି। ୫-ଟିର ମୁଖିଆ ରାଜ୍ୟ ସାରା ବୁଲି ପ୍ରଜା ଶାସନ କରି ନିର୍ମଳ ଶାସନ ଓ ସରକାରଙ୍କ ସ୍ୱଚ୍ଛ ପ୍ରଶାସନିକ ବ୍ୟବସ୍ଥାର ନାରା ଲୋକଙ୍କୁ ଦେଉଛନ୍ତି ଆଉ ଶିଖାଉଛନ୍ତି। ତାହାହେଲେ ଚିନ୍ମୟ ପଣ୍ଡା ଏହି ୫-ଟି ବିଭାଗର ଜଣେ ଅତ୍ୟନ୍ତ ଗୁଣଗ୍ୟ ଛାତ୍ରଭାବେ ବିବେଚନା କରାଯିବ। ଏମାନେ ସବୁ ଟପ୍ପର ଲିଷ୍ଟରେ ଯିବେ। ଏହି ପରି ଦୁଇ ଚାରିଟି ଗାତୁଆ ମୂଷା ଯଦି ରାଜସ୍ୱ ବିଭାଗରେ ରହିଯିବେ ତାହାହେଲେ କେତେ ବେଳେ ଏ ବିଭାଗ କ'ଣ ଏ ରାଇଜ ବି ଗୋଲ ହୋଇଯିବ। ବର୍ତ୍ତମାନର ସୂଚନା ପ୍ରଯୁକ୍ତିର ଯୁଗ ଆଶ୍ଚର୍ଯ୍ୟର କଥା ସକ୍ରିୟତା ପ୍ରତି ମୁହୂର୍ତ୍ତରେ ସତ୍ୟକୁ ଲୋକ ଲୋଚନକୁ ନେଇ ଆସୁଛି। ଲୋକମାନେ ଆଉ ଅନ୍ଧାରରେ ରହିବାର ସମୟ ବି ନାହିଁ। ତଥାପି ବନ ଆଶ୍ଚଯ୍ୟ କଥା ଏ ବାବୁ ନିଜ ପଦ ପଦବୀ କର୍ମକ୍ଷେତ୍ରକୁ ନେଇ ନିଧଡ଼କରେ ବସୁଛନ୍ତି ତେଣୁ ଏହିପରି ଗାତୁଆ ମୂଷାକୁ ବଡ଼ ବଡ଼ ମୂଷାସବୁ ଦାନା ଆଉ ପାଣି ଦେଉଥିବେ।

ଯନ୍ତା ଏଠି ଆଣି କିଏ ବସାଇବ। ଢ଼ୋଲ ଭିତରେ ମୂଷା ପରି ସରକାରଙ୍କ ଅତ୍ୟନ୍ତ ସମ୍ବେଦନଶୀଳ ଓ ଗୁରୁତ୍ୱପୂର୍ଣ୍ଣ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରସମନ ବିଭାଗର ଏପରି କରିତକର୍ମା ମୂଷା ମାନଙ୍କୁ ଗତ ଗଣେଶ ପୂଜାରେ ନିଶ୍ଚିନ୍ତ କିଏ ପୂଜା କରିଥିବେ ଯେ ? ଶାସନ ବ୍ୟବସ୍ଥାର ଦ୍ୱାହି ଭିତରେ ଅନେକ ମେଧାବୀ ଚାକିରୀ ଖଣ୍ଡେ ପାଉନାହାଁନ୍ତି, ଅନେକଙ୍କ ଘର କର୍ମ ସଂସ୍ଥାନ ଅଭାବରୁ ଛିନଛତର ହୋଇଯାଉଛି। କିନ୍ତୁ ଆଇନକୁ ହାତକୁ ନେଇ, ଆଇନକୁ ମୋଡ଼ି ସମସ୍ତଙ୍କୁ ହାତରେ ରଖି ଆଇନର ଧଜିଆ ଉଡାଉଥିବା ଲୋକମାନଙ୍କ ପାଇଁ ଆଇନର ବାଟ ଟା କ'ଣ ତାହାକୁ ଅପେକ୍ଷା କରାଯାଉଛି। ଯଦିଓ ବର୍ତ୍ତମାନ ଦେଖାଯାଉଛି ହାତୀ ଗଳି ଯାଉଛି କିନ୍ତୁ ପିମ୍ପୁଡ଼ି ପାଇଁ ବାଟ ବନ୍ଦ। କୋଟି କୋଟି ଟଙ୍କା ହରିଲୁଟ କରି ବିଦେଶରେ କିଛି ଧର୍ଣ୍ଣାଢ଼୍ୟ ମୌଜ ମଜଲିସ କରୁଛନ୍ତି କିନ୍ତୁ ଟଙ୍କା ଦଶଟା ପାଇଁ ଏଠି ଜଣେ ଦାଦନ ପାଲଟୁଛି ଆଉ ତା ପିଲାଛୁଆଙ୍କୁ ବନ୍ଧା ପକାଉଛି। ଏହି ଭୋକର ଭୂଗୋଳ ଓଡ଼ିଶାରେ। ତେଣୁ ସରକାରୀ ବ୍ୟବସ୍ଥାରେ ତଥ୍ୟ ସୂଚନା ଅଧିକାର ବଳରେ ସମସ୍ତଙ୍କୁ ଆଇନର ବ୍ୟବସ୍ଥାକୁ ସାର୍ବଜନୀନ କରାଯାଇ ସମସ୍ତଙ୍କ ପାଇଁ ଆଇନର ବାଟ ଯେ ଗୋଟିଏ ସମ୍ବିଧାନର ଏହି ମୂଲ୍ୟବାନ ସୁରକ୍ଷିତ ବାଣୀକୁ ସମସ୍ତଙ୍କୁ ଆଲୋକର ରାସ୍ତା ଦେଖାଇବାର କାର୍ଯ୍ୟ ହେଉଛି ଗଣତନ୍ତ୍ରର ଅର୍ଥାତ୍ ଆମ ଗଣତନ୍ତ୍ରର ଧ୍ୱଜାଧାରୀ ମାନଙ୍କର!!

ଶିଖରପୁର ଉପରସାହି, କଟକ,

# ଡ଼େଙ୍ଗୁ ଓ ଯକୃତ ସଂକ୍ରମଣ

**॥ ଉମେଶ ଚନ୍ଦ୍ର ପାତ୍ର ॥**

ହାଡ଼ଭଙ୍ଗା (ବ୍ରେକ ବୋନ ଫିଭର୍) ବା ଡେଙ୍ଗୁଜ୍ୱର ସାଧାରଣତଃ ଗ୍ରୀଷ୍ମମଣ୍ଡଳ ବା କ୍ରାନ୍ତି ବଳୟରେ ଦେଖାଯାଇଥାଏ। ପ୍ରତିବର୍ଷ ପାଞ୍ଚଶହ ଲକ୍ଷ ଲୋକ ଡେଙ୍ଗୁଜ୍ୱରରେ ଆକ୍ରାନ୍ତ ହେଉଛନ୍ତି ଓ ପାଞ୍ଚଲକ୍ଷ ଲୋକ ଚିକିତ୍ସାଳୟରେ ଭର୍ତ୍ତି ହେଉଛନ୍ତି। ସମଗ୍ର ଦକ୍ଷିଣ ଏସିଆ, ଆଫ୍ରିକା ଓ ଆମେରିକାରେ ଏହି ରୋଗର ପ୍ରାର୍ଦୁଭାବ ଦେଖାଯାଏ। ପୁଣି ସେହି ଦେଶକୁ ଯେଉଁମାନେ ବୁଲିବାକୁ ଯାଆନ୍ତି ସେମାନେ ମଧ ଏ ରୋଗରେ ଆକ୍ରାନ୍ତ ହେବାର ସମ୍ଭାବନା ଅଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ପରିସଂଖ୍ୟାନ ଅନୁଯାୟୀ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ପ୍ରତି ବର୍ଷ ବଢ଼ିବାରେ ଲାଗିଛି। ୧୯୯୦ରୁ ୧୯୯୯ ମଧରେ ପ୍ରତିବର୍ଷ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ୪.୭ଲକ୍ଷ ଥିଲାବେଳେ ୨୦୦୦ରୁ ୨୦୦୫ ମଧରେ ଏହି ସଂଖ୍ୟା ପ୍ରାୟ ଦୁଇଗୁଣ ବଢ଼ି ୯.୨ ଲକ୍ଷ ହୋଇଛି। ଏହି ଜ୍ୱର ଏଡ଼ିସ୍ ମଶା କାମୁଡ଼ିବା ଦ୍ୱାରା ହୋଇଥାଏ। ମ୍ୟାଲେରିଆ ଓ ଡେଙ୍ଗୁ ଉଭୟେ ମଶା ଦ୍ୱାରା ସଂକ୍ରମିତ ହୁଏ। ଏହି ଜ୍ୱର ଫ୍ଲେଭିଭାଇରସ୍ ଭୂତାଣୁ ଦ୍ୱାରା ହୋଇଥାଏ । ଏହା ଏକ ଆରଏନ୍ଏ ଭୂତାଣୁ ଓ ଏହାର ଜିନୋମ୍ ଏକଧାରାବାହୀ। ସମ୍ପ୍ରତି ଡେଙ୍ଗୁର ଭୟାବହତା ରାଜ୍ୟର କେତେକ ସ୍ଥାନରେ ଦେଖାଯାଇଛି। ଏହି ଭୂତାଣୁକୁ ବହନ କରୁଥିବା ମଶା ହେଉଛି ଏଡ଼ିସ୍ ଇଜିପ୍ଟି ଏବଂ ଏଡ଼ିସ୍ ଆଲବୋପିକ୍ଟସ୍ । ଦେଖିବାକୁ କଳା ରଙ୍ଗର ଏବଂ ସେମାନଙ୍କ ଉପରେ ଧଳା ଦାଗ ଥିବାରୁ ଏହି ମଶାକୁ ବାଘୁଆ ମଶା କୁହାଯାଏ । ଏହି ମଶାମାନେ ବିଶେଷକରି ସନ୍ତସନ୍ତିଆ ଜାଗା, ପାଣି ଜମା ହୋଇଥିବା ସ୍ଥାନ ଏବଂ ଆବର୍ଜନା ଜମି ଥିବା ସ୍ଥାନରେ ବଂଶ ବୃଦ୍ଧି କରିଥାନ୍ତି । ଦେଖାଯାଇଥାଏ ଏହି ମଶା କାମୁଡ଼ିବାର ପାଞ୍ଚଛଅ ଦିନ ପରେ ଡ଼େଙ୍ଗୁର ଲକ୍ଷଣ ଦେଖାଯାଇଥାଏ । ଏହି ଭୂତାଣୁ ଶରୀରରେ ଚାରିରୁ ଦଶଦିନ ପର୍ଯ୍ୟନ୍ତ ରହିଥାଏ । ଡ଼େଙ୍ଗୁ ଭୂତାଣୁ ଶରୀରର ବିଭିନ୍ନ ଅଙ୍ଗକୁ ଅଚଳ କରିଥାଏ । ଡେଙ୍ଗୁ ଯୋଗୁଁ ରକ୍ତଚାପ କମିଯାଏ, ଶରୀରରେ ପ୍ଲାଟିଲେଟ ହ୍ରାସ ପାଇଥାଏ । ଡେଙ୍ଗୁ ଭୂତାଣୁ ଜଣ୍ଡିସ୍‌ରୋଗ ସୃଷ୍ଟି କରିବାର ସମ୍ଭାବନା ବି ରହିଛି। ଏହା ଯକୃତ, ବୃକକ୍, ଓ ମସ୍ତିଷ୍କ ଉପରେ ପ୍ରଭାବ ପକାଇଥାଏ । କେବଳ ସେତିକି ନୁହେଁ ଡେଙ୍ଗୁ ଯୋଗୁଁ ମଲ୍ଟି ଅର୍ଗାନ ଫେଲୁଅର ହେବାର ସମ୍ଭାବନା ବି ରହିଛି। ଡେଙ୍ଗୁ ଭୂତାଣୁ ଯକୃତ ଉପରେ ବିଶେଷ ପ୍ରଭାବ ପକାଇଥାଏ। ଯକୃତର ଏନ୍‌ଜାଇମ ଗୁଡ଼ିକ ବଢ଼ିଯାଏ। ଜଣ୍ଡିସ୍ ଦେଖାଦିଏ ଓ ଜଣ୍ଡିସ୍ ବଢ଼ିଗଲେ ଯକୃତ ପୁରାପୁରି ଅକାମି ହୋଇଯାଏ। ଏହାକୁ ଏକ୍ୟୁଟ୍ ଲିଭର ଫେଲୁଅର କୁହନ୍ତି। ଏହି ଜ୍ୱରର ଯନ୍ତ୍ରଣା ଦାୟକ ଅବଧି ତିନିଦିନରୁ ଦୁଇସପ୍ତାହ ରହିଥାଏ । କିନ୍ତୁ ବିଶେଷକରି ପାଞ୍ଚଛଅ ଦିନ ପ୍ରାରମ୍ଭିକ ଅବସ୍ଥାରେ ମାଂସପେଶୀ ଓ ଗଣ୍ଠି ବ୍ୟଥା ହୋଇ ଯନ୍ତ୍ରଣାଦାୟକ ହୁଏ। ରୋଗୀର ମୁଣ୍ଡବିନ୍ଧା ଓ ଆଖିର ପଛପଟ ବିନ୍ଧା ହେବା ସହ ଖାଇବା ପ୍ରତି ଆଗ୍ରହ କମିଯାଏ । ଖାଦ୍ୟର ସ୍ୱାଦ ରୋଗୀଟି ଜାଣିବାକୁ ସମର୍ଥ ହୋଇନଥାଏ । କେତେକ ରୋଗୀଙ୍କ କ୍ଷେତ୍ରରେ ମୁହଁ ଲାଲ ଦିଶିଥାଏ । ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଜ୍ୱର ହେବାର ଦିନେ ଦୁଇଦିନ ଭିତରେ ଶରୀରର ବିଭିନ୍ନ ଅଂଶରେ ଲାଲି ରଙ୍ଗର ମିଳିମିଳା ଭଳି ଚାରିଆଡ଼େ ଫଳି ଯାଏ । ରୋଗୀଟିକୁ ଜ୍ୱର ପ୍ରାୟତଃ ଲାଗି ରହିଥାଏ । ନାକରୁ ପାଣି ବୋହିବା ସହ ଖାଦ୍ୟନଳୀରେ ଯନ୍ତ୍ରଣା ଦେଖାଯାଏ ଏବଂ ବେଳେବେଳେ ପତଳା ଝାଡ଼ା ମଧ ହୋଇଥାଏ । ଦେହରୁ ଯଥେଷ୍ଟ ପରିମାଣରେ ଝାଳ ବୋହିବା ଦ୍ୱାରା ରୋଗୀ ଜଣଙ୍କ ଅତ୍ୟନ୍ତ ଦୁର୍ବଳ ଅନୁଭବ କରିଥାନ୍ତି । ଏହି ସମ୍ବେଦନଶୀଳ ରୋଗ ହୋଇଥିଲେ ଏ କ୍ଷେତ୍ରରେ ସତର୍କତା ଅବଲମ୍ବନ କରିବା ଜରୁରୀ । ବିଶ୍ୱସ୍ୱାସ୍ଥ୍ୟ ସଂଗଠନ ଡେଙ୍ଗୁର ପାର୍ଦୁଭାବକୁ ଚାରିଟି କ୍ରମରେ ବିଭକ୍ତ କରିଛନ୍ତି । ଏହି କ୍ରମ ଗୁଡ଼ିକ ହେଲା - ଜ୍ୱର ସହିତ କିଛି କ୍ଷେତ୍ରରେ ବାନ୍ତି ହେବା ସହ ନିଦ୍ରା ହୋଇନଥାଏ । ରୋଗୀଟି ପ୍ରାୟତଃ ଅସ୍ଥିର ରହି ଦୀର୍ଘ ସମୟ ଧରି କାନ୍ଦି ଥାଏ । ନିଶ୍ୱାସ ନେବାରେ କଷ୍ଟ ହେବା ସହ ଦ୍ୱିତୀୟ କ୍ରମରେ ଶରୀରର ନାକ, ପାଟି, ଦାନ୍ତମାଢ଼ିରୁ ରକ୍ତସ୍ରାବ ହୋଇଥାଏ । ତୃତୀୟ କ୍ରମରେ ରକ୍ତଚାପ କମିଯିବା ସହ ନାଡ଼ିର ଗତି ଦୁର୍ବଳ ହୋଇଥାଏ । ଚତୁର୍ଥ କ୍ରମରେ ନାଡ଼ିର ସ୍ପନ୍ଦନ ଜଣା ନପଡ଼ିଲେ ଏବଂ ରକ୍ତଚାପ କମିଗଲେ ଏହା ନିୟନ୍ତ୍ରଣ ବାହାରକୁ ଚାଲିଯିବାର ଭୟ ବି ରହିଥାଏ । ଏହାକୁ ଯଥାକ୍ରମେ ଡେଙ୍ଗୁ ଜ୍ୱର ଓ ଡେଙ୍ଗୁ ରକ୍ତଜ୍ୱର ଓ ଡେଙ୍ଗୁ ସକ୍‌ସିଣ୍ଡ୍ରୋମ କୁହାଯାଏ। ଲିଭର ସଂକ୍ରମଣ ସାଧାରଣତଃ ମହିଳା ଓ ଶିଶୁମାନଙ୍କ ଠାରେ ବିଶେଷ ଭାବେ ଦେଖାଦିଏ ଏବଂ ଏମାନଙ୍କ କ୍ଷେତ୍ରରେ ଡେଙ୍ଗୁର ପ୍ରାର୍ଦୁଭାବ ବେଶୀ। ଡାଇବେଟିସ୍, ଆଜ୍‌ମା, କ୍ରୋନିକ୍ ଲିଭର ଡିଜିସ୍ ଓ ଅନ୍ୟାନ୍ୟ ରୋଗୀଙ୍କୁ ଡେଙ୍ଗୁ ହେଲେ ଡେଙ୍ଗୁର ପ୍ରାର୍ଦୁଭାବ ବିଶେଷ ଭାବେ ଉପଲବ୍ଧି ହୁଏ। ଯକୃତ ଆକ୍ରାନ୍ତ ହେଲେ ପେଟ ବ୍ୟଥା ହୁଏ, ଭୋକ କମିଯାଏ, ବାନ୍ତି ହୁଏ, ପେଟରେ ଓ ଛାତିରେ ପାଣି ଜମିଯାଏ। ଯକୃତ ଫୁଲିଯାଏ ଓ ବେଳେ ବେଳେ ବ୍ରେନ୍ ଓ ହୃତ୍‌ପିଣ୍ଡ ମଧ ଆକ୍ରାନ୍ତ ହୁଏ। ଏହି ଭୂତାଣୁ ସିଧାସଳଖ ଲିଭରକୁ ଆକ୍ରମଣ କରନ୍ତି। ବେଳେ ବେଳେ ରୋଗପ୍ରତିରୋଧକ ଶକ୍ତିର ପରିବର୍ତ୍ତନ ଯୋଗୁଁ ମଧ ଲିଭର କୋଷ ଆକ୍ରାନ୍ତ ହୁଏ। ଦେହରେ ଆଲବୁମିନ୍ କମିଯାଏ ଓ ଦେହ ହାତ ଫୁଲିଯାଏ। ରକ୍ତଜମାଟ ବାନ୍ଧିବା ପଦ୍ଧତି ବା ସ୍ପନ୍ଦନରେ ମଧ ତ୍ରୁଟି ଦେଖାଦିଏ। ଯକୃତ ଖରାପ ହେବା ଯୋଗୁଁ ଶରୀରରେ ସ୍ପନ୍ଦନ ଉପାଦାନ କମିଯାଏ ଓ ରକ୍ତ ଜମାଟ ବାନ୍ଧି ନପାରି ବିଭିନ୍ନ ଅଂଶରେ ବ୍ଲିଡିଂ ବା ରକ୍ତସ୍ରାବ ହୁଏ।

ଯଦିଓ ଏହା ଏକ ଭୟାବହ ରୋଗ କିନ୍ତୁ ଅଧିକାଂଶ କ୍ଷେତ୍ରରେ ରୋଗୀମାନେ ଆରୋଗ୍ୟ ଲାଭ କରନ୍ତି। ଏହି ରୋଗର ଲକ୍ଷଣ ଅନୁଯାୟୀ ଚିକିତ୍ସା କରାଯାଏ। ଶରୀରରେ ପ୍ଲାଟିଲେଟ ଓ ସ୍ପନ୍ଦନ ଉପାଦାନ କମିଗଲେ ରୋଗୀକୁ ପ୍ଲାଟିଲେଟ ଦିଆଯାଏ। ବେଳେ ବେଳେ ଆଲବୁମିନ୍ ମଧ ଦେବାକୁ ପଡ଼େ। ଜଣ୍ଡିସ୍ ରୋଗର ଚିକିତ୍ସା ମଧ କରିବାକୁ ପଡ଼ିଥାଏ। ବାନ୍ତି, ଜ୍ୱର ଓ ଡିହାଇଡ୍ରେସନ୍ ହେଲେ ତଦନୁଯାୟୀ ଚିକିତ୍ସା କରିବାକୁ ପଡ଼େ। ବେଳେ ବେଳେ ଗୁରୁତର ରୋଗୀଙ୍କୁ ଆଇସିୟୁରେ ମଧ ରଖାଯାଏ। ଯକୃତ ଅକାମି ହେଲେ ଭେଣ୍ଟିଲେସନ୍‌ର ମଧ ଆବଶ୍ୟକତା ରହିଛି। ଡେଙ୍ଗୁ ଆକ୍ରାନ୍ତ ହେଲେ ତୁରନ୍ତ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ । ବିଶେଷ ଭାବରେ ଭୟଭୀତ ନହୋଇ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର କିମ୍ବା ହସ୍‌ପିଟାଲରେ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ । ଘର ପରିବେଶରେ ଅଳିଆ ଆବର୍ଜନାକୁ ତୁରନ୍ତ ସଫା କରନ୍ତୁ । ଦୀର୍ଘ ଦିନ ଧରି ଜମି ରହିଥିବା ଜଳୀୟଆବର୍ଜନାର ନିଷ୍କାସନ ବ୍ୟବସ୍ଥା କରନ୍ତୁ । ମଶା ମାରିବା ପାଇଁ ତୁରନ୍ତ ସ୍ପ୍ରେ ବ୍ୟବସ୍ଥା ଏବଂ ସନ୍ଧ୍ୟାରେ ମଶା ଧୂଆଁ ଦିଅନ୍ତୁ । ପରିବାରରେ ସମସ୍ତେ ମଶାରୀ ଟାଙ୍ଗି ଶୋଇବା ଖୁବ୍ ଭଲ । ଘରେ ଥିବା ଛୋଟ ପିଲାମାନଙ୍କୁ ଫୁଲ୍ ହାତ ଓ ଫୁଲ୍ ଗୋଡ଼ ପର୍ଯ୍ୟନ୍ତ ଲମ୍ବା ପ୍ୟାଣ୍ଟ ସାର୍ଟ ପିନ୍ଧାନ୍ତୁ । ଧୂଳି, ଧୂଆଁ ଓ ଆବର୍ଜନା ଠାରୁ ରୋଗୀଟିକୁ ଦୂରେଇ ରଖନ୍ତୁ । ଗରମ ଖାଦ୍ୟ ଖାଇବାକୁ ଦେବା ସହ ନିର୍ଦ୍ଧାରିତ ସମୟ ବ୍ୟବଧାନରେ ଯଥେଷ୍ଟ ପରିମାଣରେ ରୋଗୀଟିକୁ ପିଇବା ପାଣି ଦିଅନ୍ତୁ । ତାଙ୍କର ପିନ୍ଧିବା ଲୁଗାପଟା ଠାରୁ ସେ ବିଶ୍ରାମ ନେଉଥିବା ବିଛଣା ପତ୍ର ମଧ ଭଲଭାବରେ ସଫାସୁତୁରା ହୋଇ ଖରାରେ ଶୁଖାଇବା ଜରୁରୀ । ଗାଧୋଇବା ସମୟରେ ପରିଷ୍କାର ପରିଚ୍ଛନ୍ନ କରି ବିଶୋଧିତ ଜଳରେ ପିଲାଟିକୁ ସ୍ନାନ କରାନ୍ତୁ । ରୋଗୀଟିକୁ ଭଲ ଭାବରେ ଯେପରି ନିଦ ହୁଏ ସେଥିପ୍ରତି ଯତ୍ନବାନ ହୁଅନ୍ତୁ । ପରିବେଶର ସ୍ୱଚ୍ଛତା ଓ ପରିଷ୍କାର ପରିଚ୍ଛନ୍ନ ଉପରେ ଡେଙ୍ଗୁର ନିରାକରଣ ନିର୍ଭର କରେ। ଡ୍ରେନ୍ ମାନଙ୍କରେ ମଶାମରା ଔଷଧ ଓ ମଶା ଧୂଆଁ ଦେବାର ବନ୍ଦୋବସ୍ତ ହେଲେ ଭଲ। ଶିଳ୍ପାଞ୍ଚଳ ଓ ଖଣିଖାଦାନରେ ପାଣି ନ ଜମିବା ଓ ବୃକ୍ଷରୋପଣ ଇତ୍ୟାଦିର ବନ୍ଦୋବସ୍ତ କଲେ ମଶାମାନେ ବଢ଼ିପାରିବେ ନାହିଁ। ସ୍ୱଚ୍ଛ ଭାରତ ଯୋଜନାର ଉପଯୁକ୍ତ ରୂପାୟନରେ ଡେଙ୍ଗୁର ନିରାକରଣ ହୋଇପାରିବ। ଡେଙ୍ଗୁ ପାଇଁ ସମ୍ପ୍ରତି ସରକାର ଗ୍ରାମାଞ୍ଚଳର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଠାରୁ ଜିଲ୍ଲାସ୍ତରୀୟ ହସ୍‌ପିଟାଲ ଏବଂ ବଡ଼ ମେଡ଼ିକାଲ ସବୁଠି ପର୍ଯ୍ୟାପ୍ତ ବ୍ୟବସ୍ଥା କରିଛନ୍ତି। ରୋଗୀମାନଙ୍କୁ ମାଗଣାରେ ଚିକିତ୍ସା ଯୋଗାଇ ଦେବା ପାଇଁ ମାନ୍ୟବର ସ୍ୱାସ୍ଥ୍ୟମନ୍ତ୍ରୀ ଡାକ୍ତରଖାନା ପରିଦର୍ଶନ କରି ସମସ୍ତ ପ୍ରକାର ଆନୁସଙ୍ଗିକ ଚିକିତ୍ସା ବ୍ୟବସ୍ଥା କରିଛନ୍ତି। ସ୍ୱାସ୍ଥ୍ୟକର୍ମୀଙ୍କ ଦ୍ୱାରା ବିଭିନ୍ନ ସଚେତନଧର୍ମୀ ସୂଚନା ପ୍ରଦାନ ସହ ଡ୍ରେନ୍‌ରେ ମଶା ତେଲ ଓ ସନ୍ଧ୍ୟାବେଳେ ମଶାଧୂଆଁର ବ୍ୟବସ୍ଥା କରାଯାଇଛି

ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ କଲେଜ, କଟକ
ଦୂରଭାଷ : ୯୪୩୭୦୫୧୯୫୭

# 'ମା'ର ଏକ ବିଶ୍ଳେଷଣ

**॥ ଅନୀତା ପଟ୍ଟନାୟକ ॥**

ଢ଼ିଙ୍କିଶାଳରୁ ଢ଼େଙ୍କାନାଳ ନାମକ ଏକ ସଂସ୍ଥା ଥରେ ସାଧୁସନ୍ଥ ମାନଙ୍କର ଏକ ସମ୍ମିଳନୀ ଡାକିଲେ। ପରେ ପରେ ପାଶ୍ଚାତ୍ୟ ସଭ୍ୟତାର ପ୍ରଭାବରେ ନାରୀମାନେ ପୁରୁଷପରି ବ୍ୟବହାର କରିବା, ବ୍ୟଭିଚାର ବଳାତ୍କାର, ନାରୀ ଜାତି ପ୍ରତି ଅସମ୍ମାନ, ଘୃଣାଭାବ ଏହି ସଂସ୍ଥାଟିକୁ ବ୍ୟଥିତ କରୁଥିବାରୁ ସେମାନେ ସାଧୁସନ୍ଥଙ୍କର ସମ୍ମିଳନୀ ଡାକିବା ପାଇଁ ସ୍ଥିର କଲେ। ଭବ୍ୟସଭାର ଆୟୋଜନ କରାଗଲା ସହରର ମାନଗଣ୍ୟ ବ୍ୟକ୍ତି, ସ୍ତ୍ରୀ ପୁରୁଷ ଉଭୟେ ଏ ସଭାରେ ଯୋଗ ଦେଇଥିଲେ। ପ୍ରଥମ ଦିନର ବ୍ୟକ୍ତା ଥିଲେ ସ୍ୱାମୀ ପ୍ରେମାନନ୍ଦ। ସେ କହିଲେ ପୃଥିବୀରେ ମାର ପ୍ରେମ ଠାରୁ ଆଉ କିଛି ବଡ଼ ନୁହେଁ। ପ୍ରେମରୁ ଜ୍ଞାନ ଜାଗ୍ରତ ହୁଏ। ପ୍ରକୃତ ଜ୍ଞାନରୁ ଧର୍ମ ଭାବ ଆସେ। ତାହା ହିଁ ମନୁଷ୍ୟର ପ୍ରକୃତ ସମ୍ପତ୍ତି। ପ୍ରେମ ଦ୍ୱାରା ମନୁଷ୍ୟ ସତ୍ୟକୁ ଉପଲବ୍ଧି କରିଥାଏ। ମଣିଷ କିଛି ତା ଜୀବନରେ ଅନେକ କିଛି ସୁଖ ମାଆ ଦ୍ୱାରା ପାଇଥାଏ। ସନ୍ନ୍ୟାସୀ ବ୍ରହ୍ମାନନ୍ଦ କହିଲେ 'ରାମ କୌଶଲ୍ୟାଙ୍କ ପରି ମାଙ୍କ ଯୋଗୁଁ ଦିବ୍ୟତ୍ୱ ହାସଲ କରିଥିଲେ। ଲବକୁଶ ସୀତା ଦେବୀଙ୍କ ଯୋଗୁ ବୀର ହୋଇପାରିଥିଲେ। ମା ଜୀବନ ସାରା ପିଲାମାନଙ୍କର ମଙ୍ଗଳ କାମନା କରିଥାଏ। ତେଣୁ ପ୍ରତ୍ୟେକ ପିଲା ମାକୁ ଭଲପାଇବା ଉଚିତ।'

ସ୍ୱାମୀ ସୁଧାନନ୍ଦ କହିଲେ ପୃଥିବୀରେ ମହାନ ପୁରୁଷମାନେ ମାଙ୍କର ଆଶୀର୍ବାଦ ଯୋଗୁ ମହାନ କାର୍ଯ୍ୟ କରିଛନ୍ତି। ମା ଗୌରୀଙ୍କର ଆଶୀର୍ବାଦ ନେଇ କାର୍ତ୍ତିକେୟ ତାରକାସୁର ପରି ଅସୁର ସହିତ ଯୁଦ୍ଧକରି ବିଜୟ ଲାଭ କରିଥିଲେ। ପରଶୁରାମ ଶତ୍ରୁ ମାନଙ୍କ ସହ ଯୁଦ୍ଧ କରିବା ପୂର୍ବରୁ ମାଆଙ୍କର ଆଶୀର୍ବାଦ ଭିକ୍ଷା କରିଥିଲେ। ବିନୀତା ତାଙ୍କ ପୁତ୍ର ଗରୁଡ଼କୁ ଆଶୀର୍ବାଦ କରିଥିଲେ। ସବୁ ମା ମାନେ ଆଶୀର୍ବାଦ ଦେବା ପୂର୍ବରୁ କହିଥାନ୍ତି ଶ୍ରୀରାମ ରକ୍ଷ। ଗାନ୍ଧାରୀ ଜାଣିଥିଲେ ତାଙ୍କର ପୁତ୍ର ଦୁର୍ଯ୍ୟୋଧନ ଧର୍ମ ମାର୍ଗରେ ରହି ନଥିଲା ଯୋଗୁଁ ବିଜୟ ଲାଭ କରିପାରିବ ନାହିଁ ତେଣୁ ସେ ଆଶୀର୍ବାଦ ସୂଚକ ଭାଷା ବ୍ୟବହାର କରି କହିଥିଲେ 'ଅକ୍ଷୟ ହେଉ ପୂଣ୍ୟ ଜଗତେ ଧର୍ମର ହେଉ ଜୟ'।

ଏଥର ନିଶ୍ଚଳାନନ୍ଦ କହିଲେ ଶଙ୍କରାଚାର୍ଯ୍ୟ ହୃଦୟଙ୍ଗମ କରିଥିଲେ ଯେଉଁ ପୁତ୍ର ମାର ସ୍ନେହ ପାଇ ଜୀବନର ଲକ୍ଷ୍ୟର ପ୍ରକୃତ କାର୍ଯ୍ୟରେ କୃତକାର୍ଯ୍ୟ ହେବ ସେ ପାପତାପ ଗ୍ରସ୍ତ ସଂସାରରୁ ମୁକ୍ତି ପାଇ ପୁନର୍ଜନ୍ମରୁ ମୁକ୍ତ ହେବ। ତେଣୁ ମାତୃଭକ୍ତି ପାଇଁ ହୃଦୟରେ ସ୍ଥାନ ରହିବା ଉଚିତ। କୀର୍ତ୍ତନନ୍ଦ ଯେ କି ଶ୍ରୀରାମଙ୍କ ଭକ୍ତ ଥିଲେ ସେ କହିଲେ 'ରାମଙ୍କ ଆଡ଼କୁ ବାଣ ଉଠାଇବା ପୂର୍ବରୁ ଲବକୁଶ ପ୍ରାର୍ଥନା କରିଥିଲେ ତାଙ୍କର ମା ଯଦି ସାଧ୍ୱୀ ହୋଇଥିବେ ତେବେ ବୀରପୁରୁଷ ଅଚେତ ହୋଇଯିବେ ଏବଂ ତାହା ହିଁ ହୋଇଥିଲା। ଲବକୁଶ ବାଣ ନିକ୍ଷେପ କରିବା କ୍ଷଣି ଶ୍ରୀରାମ ଅଚେତ ହୋଇ ପଡ଼ିଥିଲେ। ଏଥିରୁ ମାକୁ ସ୍ମରଣ କରିବାର ଶକ୍ତି କେତେ ତାହା ଅନୁମେୟ। ଏଥର ଜ୍ଞାନାନନ୍ଦ କହିଲେ 'ପୂର୍ବରୁ ମାତା ମତାକି ତାଙ୍କର ସନ୍ତାନ ଧର୍ମମାର୍ଗରେ ପରିଚାଳିତ ହେଲେ ଖୁସି ହେଉଥିଲେ। କାରଣ ସେମାନଙ୍କର ସନ୍ତାନମାନେ ଭଗବାନଙ୍କ ପ୍ରତି ଅନୁଗତ ହୋଇ ଭଲ ମଣିଷ ହୋଇପାରିବେ ବୋଲି ଚିନ୍ତା କରୁଥିଲେ। କିନ୍ତୁ ବର୍ତ୍ତମାନ ସେପରି ଦେଖାଯାଉନାହିଁ। ପୂର୍ବରୁ ମା ମାନେ ପିଲାମାନଙ୍କୁ ଠିକ ରାସ୍ତାରେ ଚାଲିବାର ଉପଦେଶ ଦେଉଥିଲେ। ଏଥର ସନ୍ଥ ପଦ୍ମପାଦଙ୍କ ପାଳି ପଡ଼ିଲା। ସେ କହିଲେ ଆର୍ଯ୍ୟାମା ଶଙ୍କରଙ୍କୁ ପ୍ରତିଶ୍ରୁତି ଦେଇଥିଲେ ମାର ଆଶୀର୍ବାଦ ଫଳରେ ତାଙ୍କ ଜୀବନର ସମସ୍ତ ଶୂନ୍ୟସ୍ଥାନ ପୂରଣ ହୋଇପାରିବ। ଶଙ୍କରାଚାର୍ଯ୍ୟ ଦେବୀଙ୍କ କୃପାରୁ ତାଙ୍କ ଜୀବନର ସମସ୍ତ ଶୂନ୍ୟସ୍ଥାନ ପୂରଣ କରିପାରିଥିଲେ। ସାଧ୍ୱୀ ରତଚାରା କହିଲେ ମାର ପ୍ରେମ ଗୋଟିଏ ସାଧାରଣ ଘରକୁ ଗୃହରେ ପରିଣତ କରେ। ଆମେ ଯେଉଁଠାରେ ବୁଲୁ ନା କାହିଁକି ଆମର ପରିଚୟ ଯାହା ହେଉନା କାହିଁକି ମା ଯୋଗୁ ତିଆରି ହୋଇଥିବା ଗୃହଟି ସଦା ସ୍ମରଣୀୟ ହୋଇରହେ। ମାର ଧୈର୍ଯ୍ୟ ପିଲାଟିକୁ ଠିକ ଭାବରେ ଗଢ଼ି ତୋଳେ। ତାର ହସ ହସ ମୁହଁ ଓ ସାହାସିକତା ଏକ ଅନ୍ଧକାର ଦିନକୁ ଆଲୋକରେ ଭରିଦିଏ। ଏଥର ପଡ଼ିଲା ଅଦଭୁତାନନ୍ଦଙ୍କର ପାଳି ସେ କହିଲେ ଆଜିର ସଭାର ଉଦ୍ଦେଶ୍ୟରୁ ଆମେ ବାହାରି ଯାଉଚେ ଓ ମାର ଗୁଣଗାନ କରୁଛେ। ସଭାର ଉଦ୍ଦେଶ୍ୟ ହେଉଛି କିପରି ବ୍ୟଭିଚାର, ବଳାତ୍କାର, ନାରୀ ଜାତି ପ୍ରତି ଅସମ୍ମାନ କମିବ ସେ ବିଷୟରେ ଆଲୋଚନା କରିବା। ସେ କହିଲେ ମୁଁ ପଚାରୁଛି 'ଯଦି ସବୁ ସ୍ତ୍ରୀଲୋକ ମାନେ କର୍ମଜୀବୀ ହୋଇଯିବେ ତେବେ ଘରେ ରହିବ କିଏ ? ଯଦି ସ୍ୱାମୀ ସ୍ତ୍ରୀ ଉଭୟେ କର୍ମକ୍ଷେତ୍ରକୁ ଯିବେ ତେବେ ଘର ସମ୍ଭାଳିବ କିଏ ? ଯଦି ସ୍ତ୍ରୀଲୋକମାନେ ଅନ୍ୟର ପିଲାମାନଙ୍କୁ ପଢ଼ାଇବା ପାଇଁ ସ୍କୁଲକୁ ଯାଆନ୍ତି ତେବେ ନିଜ ପିଲାଙ୍କୁ ପଢ଼ାଇବ କିଏ ? ହାତରେ ପୁସ୍ତକ ଧରି ସ୍ତ୍ରୀଲୋକ ମାନେ ଯଦି ପୁରୁଷ ମାନଙ୍କ ପରି ବାହାରକୁ ଯାଆନ୍ତି ତେବେ ରୋଷେଇ କାର୍ଯ୍ୟ କରିବ କିଏ ? ଆର୍ଥିକ ଅବସ୍ଥାରେ ସ୍ତ୍ରୀଲୋକମାନେ ସ୍ୱଚ୍ଛଳତା ଆଣିଲେ ମଧ ସ୍ତ୍ରୀର ଶୂନ୍ୟ ସ୍ଥାନକୁ ପୂରଣ କରିବ କିଏ ? ସ୍ତ୍ରୀଲୋକମାନେ କର୍ମକ୍ଷେତ୍ରକୁ ଗଲେ ସୁଖୀ ସଂସାର ସ୍ୱପ୍ନ ହୋଇଯିବ କି ? ପଛ ପଟରୁ ଘୋର ପାଟି ତୁଣ୍ଡ ହେବାରୁ ଅଦଭୁତାନନ୍ଦଙ୍କ ପ୍ରବଚନ ବନ୍ଦ କରିବାକୁ ପ୍ରଯୋଜକ ବାଧ ହେଲେ। ଏଥର ଆନନ୍ଦାନନ୍ଦ କହିଲେ ମୋର ଗଭୀର ଚିନ୍ତା ସନ୍ତାନର ଗଭୀର ଭାବେ କ୍ଷତବିକ୍ଷତ ହୃଦୟକୁ ସଜାଡ଼ିପାରେ। ମାର ଜ୍ଞାନକୌଶଳ ଓ ସହନଶୀଳତା ପୁତ୍ରର ଛୋଟ ହୃଦୟକୁ ବଦଳାଇଥାଏ। ମାର ଦୟାଭାବ ଆମର ଭୁଲକୁ କ୍ଷମା କରିଥାଏ। ଅସୁବିଧାରେ ମା ପିଠି ଆପୁଡ଼େଇ ଦେଇ ମୁଣ୍ଡକୁ ନୁଆଁଇ ଭଗବାନଙ୍କୁ ପ୍ରାର୍ଥନା କରେ। ମାର ଜ୍ଞାନ ପ୍ରକୃତରେ କଣ ଆମେ ଚାହିଁ ତାହା ବୁଝାଇ ଦେଇଥାଏ।



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ଖଣ୍ଡପଡ଼ା ଏସ୍‌ଡିପିଓ ଙ୍କ ବିରୋଧରେ ଜଣେ ମହିଳା ସାଂଘାତିକ ଅଭିଯୋଗ : ରାତି ବିତେଇବାକୁ ମହିଳାଙ୍କୁ ଚାପ, ଖଣ୍ଡପଡ଼ା ବିଧାୟକ ଖାସ୍ ବୋଲି ଶୃଙ୍ଖଳା ମାନୁନାହାନ୍ତି

ନୟାଗଡ଼, (ମହାଭାରତ) : ନୟାଗଡ଼ର ଖଣ୍ଡପଡ଼ା ଏସ୍‌ଡିପିଓଙ୍କ ବିରୋଧରେ ଜଣେ ମହିଳା ସାଂଘାତିକ ଅଭିଯୋଗ ଆଣିବା ସହ ପ୍ରମାଣ ସ୍ୱରୂପ ଫୋନ୍ ବାର୍ତ୍ତାଳାପ, ହ୍ୱାଟସ୍‌ଆପ୍ ଚାଟ୍ ଦାଖଲ କରିଛନ୍ତି। ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନାରେ ଖଣ୍ଡପଡ଼ା ଏସ୍‌ଡିପିଓ ମଦନ ମୋହନ ପ୍ରଧାନଙ୍କ ନାମରେ ଲିଖିତ ଅଭିଯୋଗ କରିବା ସହ ଏନେଇ ପୁଲିସ ମହାନିର୍ଦ୍ଦେଶକ ଓ ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଅଭିଯୋଗ କରିଛନ୍ତି। ନୟାଗଡ଼ ଜିଲ୍ଲା ଫତେଗଡ଼ ଗ୍ରାମର ବଣ୍ଟି କହଁରଙ୍କ ପତ୍ନୀ ରଶ୍ମିତା କହଁର ଏଭଳି ଅଭିଯୋଗ କରିଛନ୍ତି। ଫତେଗଡ଼ ଥାନାରେ ରହିଥ ?ବା ଏକ ପୁରୁଣା ମାମଲା ନଂ ୨୧୨/୨୫ ତଥା ଜିଆର ନଂ ୨୦୩/୨୫ ର ସମାଧାନ କରିବା ପାଇଁ ଖଣ୍ଡପଡ଼ା ଏସଡିପିଓ ମଦନ ମୋହନ ପ୍ରଧାନ ଉକ୍ତ ମହିଳାଙ୍କୁ ବାରମ୍ବାର ନିଜ କାର୍ଯ୍ୟାଳୟକୁ ଡାକି ପ୍ରେମ ଜାଲରେ ଫସାଇବାକୁ ଚେଷ୍ଟା କରିଥିଲେ। ଏପରିକି, ମାନସିକ ଚାପ ମଧ୍ୟ ସୃଷ୍ଟି କରିଛନ୍ତି। ତାଙ୍କ ସ୍ୱାମୀକୁ କୌଣସି ଏକ









ମିଥ୍ୟା ମାମଲାରେ ଗିରଫ କରିବା ପାଇଁ ଧମକ ଦେଇ ମାନସିକା ନିର୍ଯାତନା ଦେଇ ଆସୁଛନ୍ତି। ମହିଳା ଜଣଙ୍କୁ ଖଣ୍ଡପଡ଼ା ଏସ୍‌ଡିପିଓ ମଦନ ମୋହନ ପ୍ରଧାନ ଶାଢ଼ି ଖୋଲିବା ଅବସ୍ଥାରେ ଫଟୋ ମାଗିବା ସହ ବାରମ୍ବାର ତାଙ୍କ ସହ ଅନୈତିକ ସମ୍ପର୍କ ରଖିବା ପାଇଁ ବାଧ କରୁଥିବା ମହିଳା ଜଣଙ୍କ ଅଭିଯୋଗ କରିଛନ୍ତି। ଏପରିକି, ଏସ୍‌ଡିପିଓ ମଦନ ମୋହନ ପରୋକ୍ଷରେ ତାଙ୍କ ସହ ରାତି ବିତାଇବା ପାଇଁ ଡାକିଥିବାର ଏକ ଅଡିଓ-କ୍ଲିପ୍ ମଧ୍ୟ ମହିଳା ଙ୍କ ଠାରୁ ମିଳିଛି। ସେଥିରେ ଏସ୍‌ଡିପିଓ ମଦନ ମୋହନ ଅଟୋରେ ଆସି ରାତିରେ ରହିବାକୁ କହୁଥିବା ଏବଂ ସମ୍ପର୍କ ରଖିଲେ କିଛି ଅସୁବିଧା ହେବ କି ବୋଲି ପ୍ରଶ୍ନ କରିଥିବା ଶୁଣାଯାଇଛି। ଉକ୍ତ ମହିଳା ଏହାକୁ ବାରମ୍ବାର ବିରୋଧ କରିବା ସହ ଅନେକ ସମୟରେ ଏଡ଼ାଇ ଯିବାକୁ ବାଧ ହୋଇଥିଲେ ବି ଏସ୍‌ଡିପିଓ ମଦନ ମୋହନ ତାଙ୍କ ପିଛା ଛାଡୁନଥିବା ମହିଳା ଜଣଙ୍କ ଅଭିଯୋଗ କରିଛନ୍ତି। ଏନେଇ ମହିଳା ଜଣଙ୍କ ପୁଲିସ ମହାନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟକୁ ଯାଇ ଘଟଣା ସମ୍ପର୍କରେ ଅଭିଯୋଗ କରିଛନ୍ତି। ଖଣ୍ଡପଡ଼ା ଏସ୍‌ଡିପିଓ ମଦନ ମୋହନ ଙ୍କୁ ସୋମବାର ଦିନ ଡିଜିଙ୍କୁ ଭେଟିବାକୁ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ସେପଟେ ଏହି ଅଭିଯୋଗ କୁ ନେଇ ଖଣ୍ଡପଡ଼ା ଏସଡିପିଓ ମଦନ ମୋହନ ପ୍ରଧାନ ମୁଁ ଖୋଲିଛନ୍ତି। କି ମହିଳା ଆଣିଥିବା ଅଭିଯୋଗ ଭିତ୍ତିହୀନ। ମୋ କାର୍ଯ୍ୟାଳୟ ସହ ମୋ ଉପଖଣ୍ଡ ପୋଲିସ ଷ୍ଟେସନରେ ବହୁତ ମହିଳା କର୍ମଚାରୀ କାମ କରନ୍ତି। ମୁଁ କେବେ କାହାରିକୁ ଖରାପ ନଜରରେ ଦେଖିନି କି କହିନି। ମୁଁ ମୋ କାମ କୁ ବିଶ୍ୱାସ କରେ। ଭାଇରାଲ ଅଡିଓ ରେକର୍ଡ ବିଷୟ ମୁଁ କିଛି ଜାଣିନି କି ସେ ବିଷୟରେ ମୁଁ କିଛି କହିବାକୁ ଚାହେଁନି ବୋଲି ଏସଡିପିଓ ମଦନ ମୋହନ ପ୍ରଧାନ କହିଛନ୍ତି। ସେପଟେ ନୟାଗଡ଼ ଏସ୍ପି ଏସ୍ ସୁଶ୍ରୀ ଏହି ଘଟଣାର ତଦନ୍ତ ଭାର ଅତିରିକ୍ତ ଏସ୍ପି ସୁବାସ ପଣ୍ଡା ଙ୍କୁ ଦେଇଥିବା ଜଣାପଡ଼ିଛି। ତଦନ୍ତ ପରେ ଉଚିତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଶେଷ ସୂତ୍ରରୁ ଖବର ମିଳିଛି। ଖଣ୍ଡପଡ଼ା ଏସଡିପିଓ ମଦନ ମୋହନ ପ୍ରଧାନ ଏହା ପୂର୍ବରୁ ମଧ୍ୟ ଫତେଗଡ଼ ଥାନା ଅନ୍ତର୍ଗତ ଭଗବନାପୁର ଗ୍ରାମର ମଞ୍ଜୁ ଦଳେଇ ନାମକ ଜଣେ ମହିଳାଙ୍କୁ ଲାଞ୍ଚ ମାଗିବା ସହ ଅନୈତିକ କାର୍ଯ୍ୟ କରିବାକୁ ବାଧ କରୁଥିବାର ଅଭିଯୋଗ ହୋଇଥିଲା। ଏନେଇ ମଞ୍ଜୁ ନୟାଗଡ଼ ଜିଲ୍ଲାପାଳ, ଏସ୍‌ପି ଏବଂ ପୁଲିସ ମହାନିର୍ଦ୍ଦେଶକଙ୍କୁ ଅଭିଯୋଗ କରିଥିଲେ। ସୂଚନା ମୁତାବକ ଖଣ୍ଡପଡ଼ା ଏସ୍‌ଡିପିଓ ହେଉଛି ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ବହୁତ ଖାସ୍ ଅଟନ୍ତି। ଖଣ୍ଡପଡ଼ା ବିଧାୟକଙ୍କ ସହ ତାଙ୍କର ଘନିଷ୍ଠତା ନିବିଡ଼ ହୋଇଥିବାରୁ ସେ ଏଠାରେ ଅନେକ ବିଶୃଙ୍ଖଳିତ କାର୍ଯ୍ୟ କରୁଛନ୍ତି ବୋଲି ବାରମ୍ବାର ଅଭିଯୋଗ ହୋଇଆସୁଛି। ତଥାପି ପୁଲିସ ବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ବେଳେ ଆଜି ସାମ୍ନାକୁ ଆସିଥିବା ଘଟଣାକୁ ନେଇ ଜିଲ୍ଲାରେ ଅସନ୍ତୋଷର ନିଆଁ ଜଳିବା ଆରମ୍ଭ ହୋଇଛି। ଉକ୍ତ ମହିଳାଙ୍କୁ ନ୍ୟାୟ ପ୍ରଦାନ ଏବଂ ଏସ୍‌ଡିପିଓ ମଦନ ମୋହନ ପ୍ରଧାନ ଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହେଉଛି। ନତୁବା ବିଭିନ୍ନ ସଂଗଠନ ନୟାଗଡ଼ରୁ ରାଜଧାନୀ ମହିଳା ଶୋଭାଯାତ୍ରା କରିବେ ବୋଲି ପ୍ରସ୍ତୁତି ହେଉଥିବା ଜଣାପଡ଼ିଛି।

## ଶନିଶ୍ଚର ଦେବଙ୍କ ତୃତୀୟ ବାର୍ଷିକ ଉତ୍ସବ

ଦଶପଲ୍ଲା,(ମହାଭାରତ): ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଟାକରା ଗ୍ରାମ ପଂଚାୟତର ଗୋପାଳପୁର ଠାରେ ଶନିଶ୍ଚର ଦେବଙ୍କ ତୃତୀୟ ବାର୍ଷିକ ଉତ୍ସବ ଧୁମଧାମର ସହିତ ପାଳିତ ହୋଇଯାଇଛି।ବ୍ରାହ୍ମଣ ମାନଙ୍କ ବେଦମନ୍ତ୍ର ଉଚ୍ଚାରଣ ପୂର୍ବକ ସକାଳୁ ଅଧିବାସ,କଳସଯାତ୍ରା, ସୂର୍ଯ୍ୟପୂଜା ଓ ଗ୍ରହରାଜ ଶନିଶ୍ଚରଙ୍କ ଷୋଡ଼ଶ ଉପଚାର ପୂଜା, ଗ୍ରହଯଜ୍ଞ ଆଦି ଅନୁଷ୍ଠିତ ହେବା ସହିତ ପ୍ରସାଦସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।ଉତ୍ସବରେ ଅଂଚଳର ହଜାରହଜାର ଶ୍ରଦ୍ଧାଳୁ ଉପସ୍ଥିତ ରହି ଶନିଶ୍ଚରଦେବଙ୍କ ଦର୍ଶନ କରିବା ସହିତ ପ୍ରସାଦସେବନ କରିଥିଲେ। ମିଳିଥିବା ସୂଚନା ଅନୁଯାୟୀ ଦୀର୍ଘ ୧୫ବର୍ଷ ପୂର୍ବେ ସ୍ଥାନୀୟ ଅଂଚଳର ସ୍ୱର୍ଗତ ଅନନ୍ତ ଆଚାର୍ଯ୍ୟ ଅଞ୍ଚଳର ୧୫ଜଣ ମହିଳାଙ୍କୁ ନେଇ ଗୋପାଳପୁର ଗ୍ରାମ ମଧ୍ୟରେ ଥିବା ଏକ ବରଗଛମୂଳେ ଶନିଶ୍ଚରଦେବଙ୍କୁ ସ୍ଥାପନ କରି ପୂଜାର୍ଚ୍ଚନା କରିଆସୁଥିଲେ। ପର୍ଯ୍ୟାୟକ୍ରମେ ୨୦୧୭ ମସିହାରେ ଶନିଶ୍ଚର ଦେବଙ୍କ ମନ୍ଦିର ନିର୍ମାଣ କରିବା ପାଇଁ ଗ୍ରାମବାସୀ ଉଦ୍ୟମ ଆରମ୍ଭ କରିଥିଲେ ପରିଶେଷରେ ବଦାନ୍ୟ ବ୍ୟକ୍ତିଙ୍କ ସହାୟତାରେ ୨୦୨୩ ମସିହାରେ ଗୋପାଳପୁର ଠାରେ ନୂତନ ଭାବେ ଶନିଶ୍ଚରଦେବଙ୍କ ମନ୍ଦିର ଗଢି ଉଠିଥିଲା।ପ୍ରତ୍ୟକ ଦିନ ଶନିଶ୍ଚରଦେବଙ୍କୁ ଦର୍ଶନ କରିବା ପାଇଁ ଶତାଧିକ ଭକ୍ତ ଆସୁଥିବାବେଳେ ଠାକୁରଙ୍କର ସ୍ଥାୟୀ ଯଜ୍ଞ ମଣ୍ଡପ ଟିଏ ନିର୍ମାଣ କରିବା ପାଇଁ ସ୍ଥାନୀୟ ଅଂଚଳବାସୀ ଦୀର୍ଘଦିନରୁ ଦାବୀ କରି ଆସୁଥିଲେ ସୁଦ୍ଧା ତାହା ଏଯାବତ ସମ୍ପୂର୍ଣ୍ଣ ହୋଇପାରିନାହିଁ। ତେବେ ତୁରନ୍ତ ଶନିଶ୍ଚରଦେବଙ୍କ ମନ୍ଦିର ପାର୍ଶ୍ୱରେ ଗୋଟିଏ ସ୍ଥାୟୀ ଯଜ୍ଞମଣ୍ଡପ ନିର୍ମାଣ ପାଇଁ ନିବେଦନ ରଖିଛନ୍ତି ସ୍ଥାନୀୟ ଲୋକେ।ପ୍ରତ୍ୟକଦିନ ଶନିଶ୍ଚରଙ୍କ ଦର୍ଶନ ପାଇଁ ଶତାଧିକ ଶ୍ରଦ୍ଧାଳୁ ଆସୁଥିବା ବେଳେ ଆଜି ଶନିଶ୍ଚର ଦେବଙ୍କ ୩ୟ ବାର୍ଷିକ ଉତ୍ସବ ଧୁମଧାମର ସହିତ ପାଳନ ହୋଇଯାଇଛି।

## ସିଏମ୍ ଟ୍ରୋଫି ଭଲି ବଲ – ଇଣ୍ଟର ଡିଷ୍ଟ୍ରିକ୍ଟ ପ୍ରତିଯୋଗିତା

ଗଜପତି, (ମହାଭାରତ) : ମୁଖ୍ୟମନ୍ତ୍ରୀ କପ୍ (ସିଏମ୍ ଟ୍ରୋଫି)–୨୦୨୬ ଅବସରରେ ଓଡ଼ିଶାର ଏବହବକ୍ତ୍ରବଘ୍ସ ଜିଲ୍ଲାରେ ୧୪ ବର୍ଷରୁ କମ ଭଲିବଲ ପ୍ରତିଯୋଗିତା ଏପ୍ରିଲ ୧୭ ଏବଂ ୧୮ ତାରିଖ ରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟର ଗ୍ରାମୀଣ ଓ ସହର ଅଞ୍ଚଳର ଯୁବ ଖେଳାଳୀମାନଙ୍କୁ ଖେଳକୁଦ ମାଧ୍ୟମରେ ଆଗକୁ ଆଣିବା, ତାଙ୍କ ଲୁକାଇଥିବା ପ୍ରତିଭାକୁ ଉନ୍ମୋଚନ କରିବା ଓ ଭବିଷ୍ୟତରେ ରାଜ୍ୟ ଓ ଜାତୀୟ ସ୍ତରରେ ଖେଳିବାକୁ ସକ୍ଷମ ଖେଳାଳୀ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି ବୃହତ୍ କ୍ରୀଡ଼ା ଅଭିଯାନ ଆୟୋଜନ କରାଯାଇଥିଲା । ବିଭିନ୍ନ ବ୍ଲକ ରୁ ମୋଟ ଆଠୋଟି ଗ୍ରୁପ୍ ବିଭକ୍ତ ଦଳମାନେ ନିଜ ନିଜ ମ୍ୟାଚ୍ ?ରେ ଉତ୍କୃଷ୍ଟ ଖେଳ ପ୍ରଦର୍ଶନ କରିଥିଲେ। ନକଆଉଟା ପର୍ଯ୍ୟାୟରେ ୪ ଟି ମ୍ୟାଚ, ସେମିଫାଇନାଲ ରେ ୨ ଟି ମ୍ୟାଚ ଏବଂ ଗୋଟିଏ ଫାଇନାଲ ମ୍ୟାଚ ଖେଳାଯାଇ ଥିଲା . ସେମିଫାଇନାଲ ରେ କାଶୀନଗର ଏବଂ ଗୋଶାଣି ଦଳ ଉତୀର୍ଣ୍ଣ ହୋଇ ଫାଇନାଲ ରେ ପ୍ରବେଶ କରିଥିଲେ. ଫାଇନାଲ ମ୍ୟାଚ ରେ କାଶୀନଗର ବ୍ଲକ ଗୋଶାଣି ବ୍ଲକ ମଧ୍ୟରେ କଡା ଟକ୍କର ହୋଇଥିଲା ଏବଂ କାଶୀନଗର ବ୍ଲକ ଗୋଶାଣି ବ୍ଲକ କୁ ୩ ଟି ମ୍ୟାଚ ରୁ ୨ ଟି ରେ ହରାଇ ହରାଇ ଚାମ୍ପିୟନ ହୋଇଥିଲା। ପ୍ରତିଯୋଗିତାରେ ସମସ୍ତ ଦଳ ଉତ୍କୃଷ୍ଟ କ୍ରୀଡ଼ା କୌଶଳ, ଦଳୀୟ ସମନ୍ୱୟ ଓ ଶୃଙ୍ଖଳାବଦ୍ଧ ଖେଳ ପ୍ରଦର୍ଶନ କରିଥିଲେ। ଆୟୋଜକମାନଙ୍କ ପକ୍ଷରୁ ମାଇଦାନ ବ୍ୟବସ୍ଥା, ରେଫେରୀ ପରିଚାଳନା, ସମୟ ସୂଚୀ ପାଳନ ଓ ଖେଳ ପରିଚାଳନା ସୁଚାରୁ ଭାବରେ କରାଯାଇଥିଲା। ଖେଳାଳୀମାନଙ୍କ ପାଇଁ ଆବଶ୍ୟକ ସୁବିଧା ସହିତ ନିରାପତ୍ତା ବ୍ୟବସ୍ଥା ମଧ୍ୟ ନିଶ୍ଚିତ କରାଯାଇଥିଲା। ଦର୍ଶକମାନେ ଉତ୍ସାହର ସହ ଖେଳକୁ ଉପଭୋଗ କରିଥିଲେ। ଉଝଡଂ, ଏବହବକ୍ତ୍ରବଘ୍ସ ଖେଳାଳୀମାନଙ୍କୁ ଶୁଭେଚ୍ଛା ଜଣାଇ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ କାମ। ଏହିପରି ପ୍ରତିଯୋଗିତା ମାଧ୍ୟମରେ ଜିଲ୍ଲା ଓ ଗ୍ରାମୀଣ ସ୍ତରର ପ୍ରତିଭାମାନେ ଆଗକୁ ଆସି ଭବିଷ୍ୟତରେ ରାଜ୍ୟ ଓ ଜାତୀୟ ସ୍ତରରେ ଓଡ଼ିଶାର ନାମକୁ ଉଜ୍ଜ୍ୱଳ କରିବେ ବୋଲି ସେ ଆଶା ପ୍ରକାଶ କରିଥିଲେ।

## ଇନ୍ଦିପଟାରେ ବିଶ୍ୱଶାନ୍ତି ମହାଯଜ୍ଞର ପ୍ରସ୍ତୁତ ବୈଠକ

ଗଣିଆ,(ମହାଭାରତ): ନୟାଗଡ ଜ?ିଲ୍ଲା ଗଣିଆ ବ୍ଲକ ଅତର୍ଗତ ଇନ୍ଦିପଟା ବାବା ବିଶ୍ୱନାଥଙ୍କ ମନ୍ଦିର ପରିସରରେ ୫୧ତମ ବାର୍ଷିକ ଉତ୍ସବ ଉପଲକ୍ଷେ ନାମ ଯଜ୍ଞ, ଘୃତଯଜ୍ଞ, ସାଧୁ ଯଜ୍ଞ ଓ ଅର୍ନ୍ନ ଯଜ୍ଞ ଆଦି ଧୂମଧାମରେ ପାଳନ କରାଯିବା ପାଇଁ ପ୍ରସ୍ତୁତି ବୈଠକ କରାଯାଉଥିଲା। ବିଶ୍ୱଶାନ୍ତି ପାଇଁ ଇନ୍ଦିପଟା ଗ୍ରାମବାସୀ ପ୍ରତେକ ବର୍ଷ ଏହି ଯଜ୍ଞ କରାଯାଇଥାଏ । ଏହି ଯଜ୍ଞ ସମ୍ପୂର୍ଣ ଚାରି ଦିନ ଧରି ହେବ। ଏଥିରେ ପ୍ରତ୍ୟେକ ଦିନ ରୁଦ୍ରାଭିସେଖ ଓ ସପ୍ତଶତୀଚଣ୍ଡୀ ପାଠ, ୭୨ ପ୍ରହର ନାମଯଜ୍ଞ କୁ ବିଭିନ୍ନ ଗ୍ରାମରୁ ସଙ୍କୀର୍ତ୍ତନ ଦଳ, ଯଜ୍ଞରେ ଆଖପାଖ ଅଞ୍ଚଳରୁ ବହୁ ସଂଖ୍ୟାରେ ଭକ୍ତ ସମାଗମ ଆଖି ଆଗରେ ରଖି ସମସ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା ଆଦି କରାଯିବା ପାଇଁ ସ୍ଥିର କରାଯାଇଥିଲା। ଉକ୍ତ ବୈଠକ ରେ ଗ୍ରାମ ସଭାପତି ଆଖିଳବିହାରି ପାଣିଗ୍ରାହୀ, ସଂପାଦକ ନିରଞ୍ଜନ ବାରିକ ଓ କମିଟିର ସମସ୍ତ ସଦସ୍ୟଙ୍କ ସହିତ ସାତମୈଜାୟ ମୁରବୀ ମାନେ ଉକ୍ତ ବୈଠକରେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ପଦାମୃତ ନୃତ୍ୟାୟନର ସଫଳତା

ଗଜପତି, (ମହାଭାରତ) : ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ସହରର ଅଗ୍ରଣୀ ନୃତ୍ୟ ଅନୁଷ୍ଠାନ ପଦାମୃତ ନୃତ୍ୟାୟନ ପାଇଛି ଆଉ ପାଦେ ସଫଳତା, କେନ୍ଦ୍ର ସରକାରଙ୍କ ସଂସ୍କୃତି ମନ୍ତ୍ରାଳୟ ପକ୍ଷରୁ ସଦ୍ୟ ପ୍ରକାଶିତ ସାଂସ୍କୃତିକ ପ୍ରତିଭା ବୃତ୍ତି ଯୋଜନା ରେ କନିଷ୍ଠ ବିଭାଗ ରେ ଓଡ଼ିଶୀ ନୃତ୍ୟ ପାଇଁ ଅନୁଷ୍ଠାନର ଜାଗୃତି ଜୀବନ ଜ୍ୟୋତି ମୋନନିତ ହୋଇଛନ୍ତି। ଜାଗୃତି କେନ୍ଦ୍ର ସରକାରଙ୍କ ଏହି ସମ୍ମାନିତ କଳା ବୃତ୍ତି ପାଇବା ପରେ ତାଙ୍କୁ ଏହି ଯୋଜନା ଅଧୀନରେ ବିଭିନ୍ନ ସରକାରୀ ସୁବିଧା ମିଳିପାରିବ।ତାଙ୍କ ଏହି ସଫଳତା ପଛରେ ତାଙ୍କ ନୃତ୍ୟ ପ୍ରଶିକ୍ଷିକା ଗୁରୁ ବିନ୍ଦୁପ୍ରିୟା ବେହେରା ଓ ପ୍ରିତିପ୍ରିୟା ବେହେରାଙ୍କୁ ନୃତ୍ୟ ଶିଳ୍ପୀ କୃତଜ୍ଞତା ଜଣାଇଛନ୍ତି। ଏହି ସଫଳତା ପାଇଁ ତାଙ୍କୁ ଶୁଭେଚ୍ଛା ସୁଅ ଛୁଟୁଛି, ଅନୁଷ୍ଠାନର ସଭାପତି କେ.ରାମସ୍ୱାମୀ, ଉପଦେଷ୍ଟା ନୃସିଂହ ଚରଣ ପଟ୍ଟନାୟକ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ଗୁରୁ ରଘୁନାଥ ପାତ୍ର, ମନୋଜ ପାଢ଼ୀ, ଆଦର୍ଶ ଦାସ, ଘନଶ୍ୟାମ ବେହେରା, ହିମାଂଶୁ ପଟ୍ଟନାୟକ, ଶୁଭ୍ରାଂଶୁ ଶେଖର ପଟ୍ଟନାୟକ ପ୍ରମୁଖ ଓଡ଼ିଶୀ ନୃତ୍ୟ ଶିଳ୍ପୀ ଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଦାମୀକାରରେ ଚାଲୁଥିଲା ଗଞ୍ଜେଇ ବେପାର, ମାଡି ବସିଲା ପୋଲିସ

ପାରାଦୀପ, (ମହାଭାରତ) : ଦୀର୍ଘଦିନ ଧରି କୁଜଙ୍ଗ ବଜାର ରେ ଭାଙ୍ଗ ସହିତ ଗଞ୍ଜେଇ ସିଗାରେଟ ଓ ଗଞ୍ଜେଇ ସହିତ ବେପାରୀ କୁ ଗିରଫ କରି କୋର୍ଟ ଚାଲାଣ କରିଛି କୁଜଙ୍ଗ ପୋଲିସ । ଗତକାଲି ସନ୍ଧ୍ୟା ସମୟରେ ଏକ ଟାଟା ଟିଆଗୋ ଗାଡ଼ିରେ ଗଞ୍ଜେଇ ଚାଲାଣ କରାଯାଉଥିବା ନେଇ କୁଜଙ୍ଗ ଥାନାଅଧିକାରୀ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲେ। ଯାହାକୁ ନେଇ କୁଜଙ୍ଗ ଥାନା ର ସବଇନ୍ସପେକ୍ଟର ରଶ୍ମିରଞ୍ଜନ ସାହୁ ଙ୍କ ନେତୃତ୍ୱ ରେ ପୋଲିସ ଟିମ କୁଜଙ୍ଗ ଥାନା ଅଧୀନ ଘୋଡ଼ାମରା ଗ୍ରାମର ନିଲୁ ଜେନା ଙ୍କୁ ମାଡିବସିବା ସହିତ ବିପୁଳ ପରିମାଣ ର ଲକ୍ଷାଧିକ ଟଙ୍କା ର ଗଞ୍ଜେଇ ଜବତ କରିବା ସହିତ କୁଜଙ୍ଗ କେନାଲ ପାର୍ଶ୍ୱରେ ରହିଥିବା ଭାଙ୍ଗ ଦୋକାନ ରୁ ଗଞ୍ଜେଇ ଓ ଗଞ୍ଜେଇ ସିଗାରେଟ ସହିତ, ନଗଦ ଟଙ୍କା,ଏକ ଟାଟା ଟିଆଗୋ କାର ଜବତ କରାଯିବା ସହିତ ଅଭିଯୁକ୍ତ କୁ କୋର୍ଟ ଚାଲାଣ କରାଯାଇଛି । ତେବେ କୁଜଙ୍ଗ ହେଉ କିମ୍ବା ପାରାଦୀପ ଅଞ୍ଚଳ ରେ ଅବକାରୀ ବିଭାଗ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇ ରହିଥିବା ବେଳେ ଅବକାରୀ ବିଭାଗ ର କାର୍ଯ୍ୟ ପୋଲିସ କରୁଛି, ବ୍ରାଉନ ସୁଗାର, ଚୋରାମଦ, ଗଞ୍ଜେଇ ସହିତ ବିଭିନ୍ନ ମାଦକଦ୍ରବ୍ୟ ଜବତ କରିବା ସହିତ ଚଢ଼ାଉ କରୁଛି ପୋଲିସ । ଏହି କୁଜଙ୍ଗ ବଜାର ରୁ ଭାଙ୍ଗ ଦୋକାନ ଆଳରେ ନକଲି ଗଞ୍ଜା ସିଗାରେଟ, ଗଞ୍ଜେଇ ବିକ୍ରି ଅବସ୍ଥା ରେ ଜବତ କରାଯାଇଥିବା ବେଳେ ଏହି ବେଆଇନ ଭାବରେ ଚାଲିଥିବା ଭାଙ୍ଗ ଦୋକାନ କୁ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ ଭାବରେ ହଟାଇବାକୁ ଜନସାଧାରଣ ଦାବି କରିଛନ୍ତି ।

## ଖୋର୍ଦ୍ଧାଜିଲ୍ଲା ପ୍ରେସକ୍ଲବ ପକ୍ଷରୁ ଦିବଙ୍ଗତ ସାମ୍ବାଦିକଙ୍କ ପରିବାରକୁ ଆର୍ଥିକ ସହାୟତା

ଖୋର୍ଦ୍ଧା : (ମହାଭାରତ ) ଦୀର୍ଘଦିନ ଧରି ଅସୁସ୍ଥ ରହି ଚିକିତ୍ସିତ ହେଉଥିବା ସାପ୍ତାହିକ ଖବର କାଗଜ ' ପ୍ରଥମ' ର ଖୋରଧା ଜିଲ୍ଲା ପ୍ରତିନିଧି ଭାବରେ କାର୍ଯ୍ୟ କରୁଥିବା ସାମ୍ବାଦିକ ଅୟସ କାନ୍ତ ମହାନ୍ତିଙ୍କ ଦେହାନ୍ତ ହୋଇଥିଲା । ଅୟସ ଏକଧାରାରେ ଅନେକ ପ୍ରତିଭାର ଅଧିକାରୀ ହୋଇ ପାରିଥିଲେ । ଅନେକ ଗୁଡିଏ ଓଡ଼ିଆ ସିରିଏଲରେ ଅୟସ ସହକାରୀ ନିର୍ଦ୍ଦେଶକ ଭାବରେ କାର୍ଯ୍ୟ କରିଥିଲେ । ତାଙ୍କର ଅକାଳ ବିୟୋଗରେ ଖୋର୍ଦ୍ଧାଜିଲ୍ଲା ପ୍ରେସକ୍ଲବ ପକ୍ଷରୁ ସମସ୍ତ ସଦସ୍ୟଙ୍କୁ ନେଇ ଏକ ଶୋକସଭା ଅନୁଷ୍ଠିତ ହୋଇଥିବା ବେଳେ ସାମ୍ବାଦିକ ପ୍ରକାଶ କୁମାର ହାତୀଙ୍କ ନେତୃତ୍ୱରେ ଜିଲ୍ଲା ପ୍ରେସ କ୍ଲବର ଏକ ପ୍ରତିନିଧି ମଣ୍ଡଳୀ ଗତକାଲି ଅୟସକାନ୍ତଙ୍କ ବାସଭବନକୁ ଯାଇ ତାଙ୍କ ପରିବାର



ସଦସ୍ୟଙ୍କୁ ସମବେଦନା ଜଣାଇବା ସହିତ ସଦସ୍ୟ ମାନଙ୍କ ଦ୍ୱାରା ସଂଗୃହିତ ଅର୍ଥ ରାଶି ୧୧୫୦୦ ଟଙ୍କା ତାଙ୍କ ଭଉଣୀଙ୍କୁ ପ୍ରଦାନ କରିଥିଲେ । ରାଜ୍ୟ ସରକାରଙ୍କ ପକ୍ଷରୁ ମୃତ୍ୟୁ ବରଣ କରିଥିବା ସାମ୍ବାଦିକ ମାନଙ୍କ ନିମିତ୍ତ ୪ଲକ୍ଷ ଟଙ୍କା ସହାୟତା ରାଶି କିପରି ଅୟସ କାନ୍ତଙ୍କ ପରିବାର ପାଇ ପାରିବେ ସେଥି ନିମନ୍ତେ ଜିଲ୍ଲା ପ୍ରେସକ୍ଲବ ପକ୍ଷରୁ ସମସ୍ତ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତଶ୍ରୁତି ପ୍ରଦାନ କରଯାଇଥିଲା କ୍ଷ ଜିଲ୍ଲା ପ୍ରେସ କ୍ଲବର ଏଭଳି ମହନୀୟତା କାର୍ଯ୍ୟ ପାଇଁ ସାଧାରଣ ଉଚ୍ଚ ପ୍ରଶଂସା କରାଯାଇଛି ।

## ହାଇଟେକ କମ୍ପ୍ୟୁଟର ତାଲିମ କେନ୍ଦ୍ର ଦ୍ୱାରା ଓକେସିଏଲର ପ୍ରଚାର-ପ୍ରସାର ରଥର ଶୁଭାରମ୍ଭ



ଉମରକୋଟ, (ମହାଭାରତ) : ଉମରକୋଟ ସହରର ମେଡିକାଲ ରୋଡ ଠାରେ ଥିବା ହାଇଟେକ କମ୍ପ୍ୟୁଟର ତାଲିମ କେନ୍ଦ୍ର ଦ୍ୱାରା ପ୍ରଚାର ପ୍ରସାର ରଥକୁ ରିବନ କାଟି ଶୁଭାରମ୍ଭ କରାଯାଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବରେ ସରକାରୀ ଶିକ୍ଷ ତାଲିମ ଅନୁଷ୍ଠାନର ଭାଇସ ପ୍ରିନସିପାଲ ଶ୍ରୀ ପ୍ରଦୀପ କୁମାର ବର୍ମନ ଯୋଗ ଦେଇଥଇଲେ ଅନୁଷ୍ଠାନର ଅଧକ୍ଷ ଡାକ୍ତର ପଙ୍କଜ ଲୋଚନ ମିଶ୍ର କମ୍ପ୍ୟୁଟର ଶିକ୍ଷାର ପ୍ରଚାର ପ୍ରସାର ପାଇଁ ଏହି ପ୍ରଚାର ରଥର ଶୁଭାରମ୍ଭ କରିଥିଲେ । ଢକଉଖ ର ପ୍ରଚାର ରଥ ମାଧ୍ୟମରେ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ରେ ଯାଇ ଯୁବ ପିଢ଼ିଙ୍କୁ ଡିଜିଟାଲ ଶିକ୍ଷାର ଗୁରୁତ୍ୱ, ରୋଜଗାର ସୃଷ୍ଟିର ସୁଯୋଗ ଓ ବିଭିନ୍ନ ପ୍ରଶିକ୍ଷଣ କୋର୍ସ ବିଷୟରେ ସଚେତନ କରାଯିବ। ବିଶେଷକରି ଯୁବପିଢ଼ୀଙ୍କୁ ସୂଚନା ପ୍ରଯୁକ୍ତି କ୍ଷେତ୍ରରେ ଆଗକୁ ବଢ଼ିବା ପାଇଁ ପ୍ରେରିତ କରାଯିବ ବୋଲି କୁହାଯାଇଛି। ଅନୁଷ୍ଠାନର ଅଧକ୍ଷ ଡାକ୍ତର ପଙ୍କଜ ଲୋଚନ ମିଶ୍ର କମ୍ପ୍ୟୁଟର ଶିକ୍ଷାର ପ୍ରଚଳନ ପାଇଁ ଢଝଉଓଞ୍ଜ ର ଏକ ଅଭିନବ ପ୍ରୟାସକୁ ଆଗେଇ ନେଇଥିଲେ।

## ଉଦଳା ସତ୍ୟସାଇ ସେବା ସମିତି ପକ୍ଷରୁ ଗ୍ରାମ ସେବା କାର୍ଯ୍ୟକ୍ରମ

ଉଦଳା, (ମହାଭାରତ) : ଉଦଳା ସତ୍ୟସାଇ ସମିତି ପକ୍ଷ ରୁ ଚୁଳିଆପୋଷି ରେ ଗ୍ରାମସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ପୂର୍ବ ନିର୍ଦ୍ଧାରିତ ସମୟ ଅନୁସାରେ ସକାଳ ୭ଘଟିକା ରେ ଚୁଳିଆପୋଷି ହନୁମାନ ମନ୍ଦିର ପରିସରରେ ବେଦ ପାଠ ଓ ଭଜନ କରାଯାଇଥିଲା ତତ ପରେ ଉଦଳା ସତ୍ୟସାଇ ମନ୍ଦିର ର ଭକ୍ତମାନେ ଚୁଳିଆପୋଷି ମନ୍ଦିର ପରିସରରେ ସଫେଇ କାର୍ଯ୍ୟ କରିଥିଲେ। ସଫେଇ ପରେ ସମସ୍ତେ ଚୁଳିଆପୋଷି ଗ୍ରାମରେ ଜଣେ ନାରାୟଣ ଙ୍କୁ ଅମୃତ କଳସ ସମେତ ସକାଳ ଟିଫିନ ପାଇଁ ଖାଦ୍ୟ ଦେଇଥିଲେ। ଗ୍ରାମରୁ ହନୁମାନ ମନ୍ଦିର ପରିସରରେ ଆବାହନ କରାଯାଇଥିବା ସତ୍ୟସାଇ ବାବାଙ୍କୁ ଆରତୀ ପୂର୍ବକ କାର୍ଯ୍ୟକ୍ରମ ଶେଷ କରାଯାଇଥିଲା।ଉକ୍ତ କାର୍ଯ୍ୟକ୍ରମ କୁ ସଫଳ କରାଇବା ପାଇଁ ଗ୍ରାମର ଅରବିନ୍ଦ ମୁଦୁଲି, ୱାର୍ଡ ମେମ୍ବର ଟିକି ମୁଦୁଲି ସହଯୋଗ କରିଥିବା ବେଳେ ଆବାହକ ମାନସ କୁମାର ଆଚାର୍ଯ୍ୟ ତଦାରଖ କରଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଭକ୍ତ ଦିଲ୍ଲୀପ କୁମାର ଜେନା, ଅନ୍ତର୍ଯ୍ୟାମୀ ମୁଦୁଲି, ସୁବଳ କୁମାର ବେହେରା, ରୁନୁଗୋପାଳ ରାୟ, ବିଜୟ କୁମାର ବେହେରା, ରାଜେନ୍ଦ୍ର ବେହେରା, ଶଶୀକାନ୍ତ ମିଶ୍ର, ଜୟନ୍ତୀ ରାୟ, ସ୍ମୃତି ରେଖା ବେହେରା, ଶାଶ୍ୱତୀ ଆଚାର୍ଯ୍ୟ, ବୀଣାପାଣି ମୁଦୁଲି, ଶୁଭଲକ୍ଷ୍ମୀ ପଣ୍ଡା, ମମତା ବିନ୍ଧାଣି, ପ୍ରଭାସିନୀ ବିନ୍ଧାଣି, ମମତା ବେହେରା, ଜ୍ୟୋତିଶା ମାଝୀ, ସାଇସ୍ମିତା ସେନାପତି ପ୍ରମୁଖ କାର୍ଯ୍ୟକ୍ରମ ରେ ସାମିଲ ସହଯୋଗ କରିଥିଲେ।

## ପାରାଦୀପ ଓପନ କରାଟେ ଚାମ୍ପିୟାନସିପ, ଯୋଗଦେଲେ ରାଜ୍ୟ ର କୋଣ ଅନୁକୋଣରୁ କରାଟେ ପ୍ରତିଯୋଗୀ

ପାରାଦୀପ, (ମହାଭାରତ) : ଅନ୍ତର୍ଜାତୀୟ ଗୋସୁକୋ କରାଟେ ଆସୋସିଏସନ ଆନୁକୂଲ୍ୟରେ ପାରାଦୀପ ମୁନିସିପାଲିଟି କଲ୍ୟାଣ ମଣ୍ଡପ ଠାରେ ରାଜ୍ୟସ୍ତରୀୟ ପାରାଦୀପ ଓପନ କରାଟେ ଚାମ୍ପିୟାନସିପ ରେ ଯୋଗଦେଇଛନ୍ତି ରାଜ୍ୟର କୋଣ ଅନୁକୋଣ ରୁ ଆସିଥିବା ଛୋଟରୁ ବଡ଼ କରାଟେ ପ୍ରତିଭା । ଯେଉଁଭଳି ପିଲାଟି ବଢିବା ସହିତ ଶିକ୍ଷାର ଆବଶ୍ୟକ ରହିଛି ଠିକ ସେହିଭଳି ପିଲାଟିର ସ୍ୱାସ୍ଥ୍ୟ, ଶାରୀରିକ





ଗଠନ ନିମନ୍ତେ କ୍ରୀଡାର ଆବଶ୍ୟକ ରହିଛି । ବିଶେଷ କରି ଆତ୍ମରକ୍ଷା ପାଇଁ କରାଟେ ସବୁଠାରୁ ଗୁରୁତ୍ୱପୂର୍ଣ ବୋଲି କହିଛନ୍ତି ଉପସ୍ଥିତ ଅତିଥି ଓ ଅଭିଭାବକ। ଆଜିର ସମାଜ ରେ ଯେଉଁଭଳି ପରିସ୍ଥିତି ସୃଷ୍ଟି ହୋଇଛି ପୁଅ ହେଉ କିମ୍ବା ଝିଅ ନିଜର ଆତ୍ମରକ୍ଷା ଗୁରୁତ୍ୱପୂର୍ଣ ହୋଇପଡିଛି, ପିଲାଟିକୁ ଯଦି ଛୋଟବେଳୁ ଏହିସବୁ କଳା ପ୍ରଶିକ୍ଷଣ ନେଇଥାଏ ତେବେ ଆବଶ୍ୟକ ସ୍ଥଳେ ନିଜ ସହିତ ଅନ୍ୟକୁ ସୁରକ୍ଷା ପ୍ରଦାନ କରାଇପାରିବ ବୋଲି କହିଛନ୍ତି ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳ ଓ କରାଟେ ପ୍ରଶିକ୍ଷକ ସଞ୍ଜୟ ସାହା । ମୁନିସିପାଲିଟି କଲ୍ୟାଣ ମଣ୍ଡପ ଠାରେ ଆୟୋଜିତ ପାରାଦୀପ ଓପନ କରାଟେ ଚାମ୍ପିୟାନସିପ ରେ ରାଜ୍ୟ ର ବିଭିନ୍ନ ପ୍ରାନ୍ତରୁ ପ୍ରତିଯୋଗୀ ମାନେ ଭାଗନେଇ ନିଜ ନିଜର ପ୍ରତିଭା ପ୍ରଦର୍ଶନ କରିଛନ୍ତି । କ୍ରମାଗତ ଭାବରେ ପଞ୍ଚମ ବର୍ଷ ପାରାଦୀପ ରେ ଏହି ରାଜ୍ୟ ସ୍ତରୀୟ ପାରାଦୀପ ଓପନ କରାଟେ ଚାମ୍ପିୟାନସିପି ଆୟୋଜିତ ହେଉଥିବା ନେଇ କହିଛନ୍ତି କରାଟେ ପ୍ରଶିକ୍ଷକ ସଞ୍ଜୟ ସାହା । ଆଜିର ଏହି କାର୍ଯ୍ୟକ୍ରମ ରେ ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳ, ପାରିଷଦ ସୁବ୍ରତ ପ୍ରଧାନ,ପ୍ରତାପ ନାୟକ, ଶିକ୍ଷମନ୍ତ୍ରୀ ଙ୍କ ପାରାଦୀପ ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂ, ସାମ୍ବାଦିକ ସଞ୍ଜୟ ମିଶ୍ରଙ୍କ ସହିତ ବହୁ ବୁଦ୍ଧିଜୀବୀ ଓ ବନ୍ଦର ଅଧିକାରୀ ଯୋଗଦେଇଥିଲେ ।

## ଗ୍ରୀଷ୍ମ ପ୍ରବାହରେ ପାନୀୟଜଳ ସଙ୍କଟ ସମୟରେ ପାରାଦୀପରେ ଭୁତଳ ଜଳ ହରିଲୁଟ

ପାରାଦୀପ, (ମହାଭାରତ) : ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ କୁ ନେଇ ସାରା ରାଜ୍ୟରେ ତ୍ରାହି ତ୍ରାହି ଡାକୁଥିବା ବେଳେ ବିଭିନ୍ନ ସ୍ଥାନରେ ପାନୀୟ ଜଳ ସଙ୍କଟ ଉତ୍କଟ ରୂପ ଧାରଣ କରିଲାଣି । କିନ୍ତୁ ବନ୍ଦର ନଗରୀ ପାରାଦୀପ ରେ ଦେଖିବାକୁ ମିଳିଛି ଏହାର ବ୍ୟତିକ୍ରମ । ପାରାଦୀପ ର ବିଭିନ୍ନ ସ୍ଥାନରେ ଭୁତଳ ଜଳ ମୋଟର ସାହାଯ୍ୟରେ ହରିଲୁଟ ହେଉଥିବା ଦେଖିବାକୁ ମିଳିଛି । ପାରାଦୀପ ମୁନିସିପାଲିଟି ର ବିଭିନ୍ନ ୱାର୍ଡରେ ରହିଥିବା ପମ୍ପ ହାଉସ ରୁ ଟ୍ରାକ୍ଟର ଦ୍ୱାରା ପାଣି ଲୁଟ ହେଉଥିବା ବେଳେ ସବୁଠୁ ସ୍ପର୍ଶକତାର ଘଟଣା ଲାଇଟହାଉସ ବେଳାଭୂମି ରୁ ବୋରିଂ କରାଯାଇ ସ୍ପଷ୍ଟ ଦିବାଲୋକ ରେ ଦୈନନ୍ଦିନ ପଚାଶ ରୁ ଉର୍ଦ୍ଧ୍ୱ ଟ୍ରାକ୍ଟର ପାଣି ହରିଲୁଟ ହେଉଥିବା ଦେଖିବାକୁ ମିଳିଛି ।ଏ ନେଇ ପାଣି ଲୋଡ଼ କରି ଯାଉଥିବା ଟ୍ରାକ୍ଟର ମାନଙ୍କୁ ପଚାରିବାରୁ ଏହା ଫରେଷ୍ଟ ଡିପାର୍ଟମେଣ୍ଟ ର ପାଣି ଯାଉଛି ବୋଲି କହିଛନ୍ତି । ଏହି ପାଣି ଲୋଡ଼ ହେଉଥିବା ସ୍ଥାନରେ କିଛି ଅସାମାଜିକ ଯୁବକ ଏହାକୁ ପ୍ରୋଟେକ୍ସନ ଦେଉଥିବା ଖବର ମଧ୍ୟ ହସ୍ତଗତ ହୋଇଛି । କାହା ନିର୍ଦ୍ଦେଶ ରେ ସମୁଦ୍ରକୂଳ ଅଞ୍ଚଳ ରୁ ବୋରିଂ କରାଯାଇ ବାହାରକୁ



ପାଣି ଯାଉଛି ତାହାକୁ ନେଇ ସ୍ଥାନୀୟ ପରିବେଶବିତ ଓ ଜନସାଧାରଣ ପ୍ରଶ୍ନ କରିଛନ୍ତି । ପୂର୍ବରୁ ଦଶଫୁଟ ଗଭୀର ରେ ମିଠାପାଣି ବାହାରୁଥିବା ବେଳେ ବର୍ତ୍ତମାନ ପରିସ୍ଥିତି ରେ ଏହା ଦୁଇଶହ ଫୁଟ ଖୋଳିଲେ ମଧ୍ୟ ମିଠାପାଣି ବାହାରିବା ଦୁସ୍ୱପ୍ନ ପାଲଟିଗଲାଣି । କେବଳ ଲାଇଟହାଉସ ବେଳାଭୂମି ନୁହେଁ ଷଣ୍ଢକୁଦ ବସ୍ତିରେ ଏକାଧିକ ସ୍ଥାନରେ ଏହିଭଳି ବେଆଇନ ବୋରିଂ କରାଯାଇ ସର୍ଭିସିଂ ସେଣ୍ଟର,ମିନେରାଲ ୱାଟର ସହିତ ଏକାଧିକ ସ୍ଥାନରେ ଟ୍ରାକ୍ଟର ଦ୍ୱାରା ପାଣି ବିକ୍ରି କରାଯାଉଛି । ଏତିକି ନୁହେଁ କଂସାରୀ ପାଟିଆ ଅଞ୍ଚଳ ରେ ଖୁଲମଖୁଲା ଏକାଧିକ ସ୍ଥାନରେ ମୋଟର ସାହାଯ୍ୟରେ ଭୁତଳ ଜଳ କୁ ବ୍ୟବସାୟ କରାଯାଉଥିବା ଦେଖିବାକୁ ମିଳିଥିଲେ ମଧ୍ୟ ଏହି ବିଭାଗ ରେ ଥିବା ଅଧିକାରୀ ଙ୍କ ପାଖରେ ଖବର ନାହିଁ । ଦିନକୁ ଦିନ ଗ୍ରୀଷ୍ମ ପ୍ରବାହ ବଢୁଥିବା ବେଳେ ବିଭିନ୍ନ ଅଞ୍ଚଳ ରେ ପାନୀୟଜଳ ସଙ୍କଟ ଉତ୍କଟ ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଯଦି ବିଭାଗୀୟ ଅଧିକାରୀ ଏହି ଭୁତଳ ଜଳ ହରିଲୁଟ ପ୍ରସଙ୍ଗ ରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଆଗାମୀ ଦିନରେ ବାଧହୋଇ ଏହି ବେଆଇନ କାର୍ଯ୍ୟ କୁ ରୋକିବା ପାଇଁ ସ୍ଥାନୀୟ ଜନସାଧାରଣ ରାଜରାସ୍ତା କୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି ।

## ବ୍ଲକସ୍ତରୀୟ ମନରେଗା ଜନ ଶୁଣାଣି

ନବରଙ୍ଗପୁର ଜିଲ୍ଲା(ମହାଭାରତ)ରାଇଘର ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ ଠାରେ ୨୦୨୫-୨୬ ଆର୍ଥିକ ବର୍ଷର ମନରେଗା ଜନ ଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶିବିରରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆ ଯୋଗ ଦେଇଥିବା ବେଳେ ଗୋଷ୍ଠୀ ଓ ଉନ୍ନୟନ ନ ଅଧିକାରୀ ରିତୁ ସିଂ, ଅତିରିକ୍ତ ଶିକ୍ଷା ଅଧିକାରୀ ନେପାଳ ଦେ, ଏପିଓ ଏସନ ଭୂୟାଁ, ବିଏସଏ ତପ ତପନ ମଣ୍ଡଳ ପ୍ରମୁଖ ଯୋଗ ଦେଇ ତା ୦୧:୦୪: ୨୦୨୪ରିଖ ଠାରୁ ୩୧:୦୩:୨୫ ରିଖ ପର୍ଯ୍ୟନ୍ତ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଓ ସମଗ୍ର ଶିକ୍ଷାର ଜନ ଶୁଣାଣି କରିଥିଲେ ।ଅତିଗଣ ମନରେଗା ମାଧ୍ୟମରେ ।କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପ ଗୁଡିକରେ ସ୍ୱଚ୍ଛତା ଆଣିବା ହିଁ ଏହି ଜନ ଶୁଣାଣି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି କହିଥିଲେ। ତେବେ ବିଭିନ୍ନ ପଞ୍ଚାୟତରେ୍ ବରାନିତ ହୋଇଥିବା ପ୍ରକଳ୍ପ ଗୁଡିକର ଶୁଣାଣି କରିଥିବା ବେଳେ କେତେକ କାର୍ଯ୍ୟରେ ତ୍ରୁଟିକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ ଜିଲ୍ଲା ସ୍ତରୀୟ ଅଧିକାରୀ । ଏହି ଜନ ଶୁଣାଣି କାର୍ଯ୍ୟକ୍ରମରେ ମୁଖ୍ୟତଃ କାର୍ଯ୍ୟର ମାନ ଏବଂ ଶ୍ରମିକମାନଙ୍କ ସମସ୍ୟା ଗୁଡିକ ସମ୍ପର୍କରେ ଆଲୋଚନା ହୋଇଥିଲା ।ଅଡ଼ିଟ ସମୟରେ ସମସ୍ତ ରେକର୍ଡ ଦେବାକୁ ବିଭାଗୀୟ ଅଧିକାରୀଙ୍କୁ ଉପଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସମସ୍ତ ବିଭାଗର ଅଧିକାରୀ ୨୬ ଗୋଟି ପଞ୍ଚାୟତର ପିଇଓ, ଏଡିଇଓ ଜିଆରଏସ, ଭିଆରପି କର୍ମୀ, ସହ ଯୋଗାଣ ସହାୟକ ସମସ୍ତେ ଉପସ୍ଥିତ ଥିଲେ । ତେବେ ୨୬ ଗୋଟି ପଞ୍ଚାୟତ ସ୍ତରରେ ହୋଇଥିବା ଅଭିଯୋଗର ଦସ୍ତାବିଜ ବ୍ଲକସ୍ତରୀୟ କାର୍ଯ୍ୟକ୍ରମରେ ଉଲ୍ଲେଖ ହୋଇଥିବାବେଳେ ଅନେକ ଅଭିଯୋଗ ସାମ୍ନାକୁ ଆସିଛି। ବିଭିନ୍ନ ବିଭାଗର ନାନା ସମସ୍ୟା ସଂପର୍କରେ ଏଡିଟର ଉପସ୍ଥାପନା କରିଥିଲେ।

## ଜିଲ୍ଲା ସ୍ତରୀୟ କାର୍ଯ୍ୟକାରିଣୀ ବୈଠକ



ଲକ୍ଷ୍ମୀପୁର (ମହାଭାରତ) କୋରାପୁଟ ଜିଲ୍ଲା ସାମ୍ବାଦିକ ସଂଘ ପକ୍ଷରୁ ଲକ୍ଷ୍ମୀପୁର ସ୍ଥିତ ବାସନ୍ତୀ କଲ୍ୟାଣୀ ମଣ୍ଡପ ଠାରେ ଶସଧର ରାଉତ ଙ୍କୁ ନେତୃତ୍ୱରେ ଜିଲ୍ଲା ସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ଗମ୍ଭୀର ଭାବରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀର ଲୋକପ୍ରିୟ ବିଧାୟକ ଶ୍ରୀଯୁକ୍ତ ପବିତ୍ର ସାଉଁନ୍ତା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ।ବୈଠକରେ ଉପସ୍ଥିତ ସାମ୍ବାଦିକ ବନ୍ଧୁମାନଙ୍କ ସହ ଆଲୋଚନା କରି ବିଧାୟକ ଶ୍ରୀ ସାଉଁନ୍ତା ସାମ୍ବାଦିକମାନଙ୍କ ବିଭିନ୍ନସମସ୍ୟା, ସୁବିଧା-ଅସୁବିଧା ଓ ପେଶାଗତ ଚ୍ୟାଲେଞ୍ଜ ସମ୍ପର୍କରେ ସଚେତନତା ଜଣାଇଥିଲେ। ସେ କହିଥିଲେ ଯେ, ସାମ୍ବାଦିକମାନେ ସମାଜର ଚତୁର୍ଥ ସ୍ତମ୍ଭ ଭାବେ କାର୍ଯ୍ୟ କରୁଥିବାରୁ ତାଙ୍କ ସମସ୍ୟାର ସମାଧାନ ପାଇଁ ସରକାର ଗୁରୁତ୍ୱ ଦେବା ଆବଶ୍ୟକ। ଏହା ସହିତ ସେ ସମସ୍ତ ଦାବି ଓ ଅଭିଯୋଗକୁ ରାଜ୍ୟ ସରକାରଙ୍କ ଦୃଷ୍ଟିଗୋଚର କରାଇବା ପାଇଁ ଆଶ୍ୱାସନ ଦେଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସାଂସଦ ପ୍ରତିନିଧି କୈଳାସ ଖୋସ୍ଲା ଓ ଉପଦେଷ୍ଟା ଭାନି ଶଙ୍କର ମିଶ୍ର, ଜିଲ୍ଲା ଆଇନ ପରାମର୍ଶଦାତା ବାଲା ରାୟ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ର ବିଭିନ୍ନ ସ୍ଥାନ ରୁ ତଥା ପଟାଙ୍ଗି, ସେମିଳିଗୁଡା, ନନ୍ଦପୁର ଲମତାପୁଟ ଲକ୍ଷ୍ମୀପୁର, ବନ୍ଧୁଗାଁ କୋରାପୁଟ, ଜୟପୁର, ଦଶମନ୍ତପୁର ,ସୁନାବେଡ଼ା ସହ ପଡୋଶୀ ମାଲକାନଗିରି ଜିଲ୍ଲାର ବହୁ ସଂଖ୍ୟକ ସଦସ୍ୟ ଉପସ୍ଥିତ ଥିଲେ। ଏଥିରେ ଓୟୁଜେ ରାଜ୍ୟ ଉପସଭାପତି ଶ୍ରୀ ବିଶ୍ୱାଳ ଏବଂ ରାଜ୍ୟ ସମ୍ପାଦକ ଶ୍ରୀ ଦାସ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।ଏହି ବୈଠକରେ ଅବିଭକ୍ତ କୋରାପୁଟ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ପ୍ରିଣ୍ଟମିଡିଆ ଓ ଇଲେକ୍ଟ୍ରୋନିକ ମିଡିଆର ଅନେକ ସାମ୍ବାଦିକ ଉପସ୍ଥିତ ଥିଲେ। ସାମ୍ବାଦିକ ସଂଘର ସଂଗଠନ ଶକ୍ତି ବୃଦ୍ଧି, ସଦସ୍ୟମାନଙ୍କ କଲ୍ୟାଣ, ଓ ଆଗାମୀ ଦିନର କାର୍ଯ୍ୟପଦ୍ଧତି ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲାୟ ସମଗ୍ର ବୈଠକ ଗମ୍ଭୀର ଓ ଫଳଦାୟକ ପରିବେଶରେ ସମ୍ପନ୍ନ ହୋଇଥିବା ସହ, ଆଗାମୀ ଦିନରେ ସାମ୍ବାଦିକମାନଙ୍କ ଅଧିକାର ଓ ସୁବିଧା ପାଇଁ ସଂଘ ଆହୁରି ସକ୍ରିୟ ଭାବେ କାମ କରିବାକୁ ସଙ୍କଳ୍ପ ଗ୍ରହଣ କରାଯାଇଥିଲା ।

## ବିବେକାନନ୍ଦ ଡ୍ରାମାଟିକ କ୍ଲବ ର ନାଟକ ସୁଖ ଝରଣା କୁ ଦୁଃଖ ବାରଣାମଞ୍ଚସ୍ଥ

ବାଲିପାଟଣା,(ମହାଭାରତ)ବାଲିପାଟଣା ବ୍ଲକ ଅନ୍ତର୍ଗତ ତୁରିନ୍ତିରା ବିବେକାନନ୍ଦ ଡ୍ରାମାଟିକ କ୍ଲବ ର ପଞ୍ଚମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ସମାଜସେବୀ କିଶୋର ଜେନା ଯୋଗଦାନ କରି କ୍ଲବ ର ଉତ୍ତୋରତ୍ତର ଉନ୍ନତି କାମନା କରିବା ସହିତ ସଦସ୍ୟ ମାନଙ୍କୁ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଉତ୍ସାହିତ କରିଥିଲେ । ଏହି ଅବସରରେ କ୍ଲବ ର ସଦସ୍ୟ ମାନଙ୍କ ଦ୍ୱାରା ହସ କାନ୍ଦ ଭରା ସାମାଜିକ ନାଟକ 'ସୁଖ ଝରଣା କୁ ଦୁଃଖ ବାରଣା' ମଞ୍ଚସ୍ଥ ହୋଇଥିଲା। ମାଷ୍ଟର ପ୍ରଭାକର ତ୍ରିପାଠୀ ଙ୍କ ନିର୍ଦ୍ଦେଶନାରେ ପରିଚାଳିତ ଏହି ସାମାଜିକ ନାଟକ ରେ ଅଭିନୟ କରିଥିବା କଳାକାର ମାନଙ୍କ ନିଖୁଣ ଅଭିନୟ ଦର୍ଶକ ମାନଙ୍କ ମନ ମୋହିଥିଲା ।ନିଜର ଅହଙ୍କାର ଓ ଆତ୍ମଗର୍ବ ପାଇଁ କିପରି ସମ୍ପର୍କରେ ଫାଟ ସୃଷ୍ଟି ହୁଏ ଏବଂ ଏହାର ପରିଣତି କେତେ ଭୟଙ୍କର ହୋଇଥାଏ ଏହାକୁ ନେଇ ଏକ ସାମାଜିକ ବାର୍ତ୍ତା ପ୍ରଦାନ କରିବା ଏହି ନାଟକର ବିଶେଷତ୍ୱ ଥିଲାୟ ଅଭିନୟରେ ଚିତ୍ରସେନ ସାହୁ,କୈଳାସ ମହାନ୍ତି,ଅଭିମନ୍ୟୁ ସେଠୀ,ଜ୍ଞାନ ରଞ୍ଜନ ଦାସ,ଗଦାଧର ମୁଦୁଲି,ସୌମ୍ୟରଞ୍ଜନ ବେହେରା,ଅରୁଣ ଶତପଥୀ,ବସନ୍ତ କୁମାର ବାରିକ, ଗଣେଶ ପ୍ରସାଦ ଦାସ, ରାକେଶ ତ୍ରିପାଠୀ,ମଧୁ ବେହେରା,ପ୍ରକାଶ ଚନ୍ଦ୍ର ବେହେରା ଙ୍କ ସମେତ ଅତିଥି କଳାକାର ଅନିତା ବିଶ୍ୱାସ ଏବଂ ତାଙ୍କ ସାଥି କଳାକାର ମାନଙ୍କ ର ନିଖୁଣ ଅଭିନୟ କୁ ଦର୍ଶକ ମାନେ ଭୂରି ଭୂରି ପ୍ରଶଂସା କରିଥିଲେ ।ଗୌତମ ମଲିକ ମଞ୍ଚ ପରିଚାଳନା କରିଥିବା ବେଳେ ଉତ୍ସବ ପରିଚାଳନାରେ ସ୍ଥାନୀୟ ଗ୍ରାମବାସୀ ଏବଂ ତୁରିନ୍ତିରା କ୍ରିକେଟ କ୍ଲବ ର ସମସ୍ତ ସଦସ୍ୟ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଶୋଷ ମେଣ୍ଟାଉଛି ନଦୀ ପାଣି



କପ୍ତିପଦା -(ମହାଭାରତ ):କପ୍ତିପଦା - ଖରା ବଢ଼ିବା ସାଙ୍ଗକୁ ଜଳ କଷ୍ଟ ମଧ୍ୟ ବଢିବାରେ ଲାଗିଛି। ପାନୀୟ ଜଳ ପାଇଁ ଗ୍ରାମବାସୀମାନେ କରୁଛନ୍ତି ସଂଘର୍ଷୟ ଗାଁ ରେ ନଳକୂପ ଅଛି ହେଲେ ପିଇବା ଉପଯୋଗୀ ହୋଇନଥିବାରୁ ଗାଁ ଲୋକଙ୍କୁ ଭରସା ଏବେ ନଦୀୟ ପାନୀୟ ଜଳ ସମସ୍ୟା ପାଇଁ ଗ୍ରାମବାସୀମାନେ ସ୍ଥାନୀୟ ଜନ ପ୍ରତିନିଧିଙ୍କୁ ଜଣାଇ ଆସୁଥିଲେ ମଧ୍ୟ ଏହାର ସୁଫଳ ପାଇପାରୁନାହାନ୍ତି। ମୟୂରଭଞ୍ଜ ଜିଲ୍ଲା ଉଦଳା ବ୍ଲକ ବଡ଼ଖମଣ ପଞ୍ଚାୟତ ର ଏ ହେଉଛି ବନ୍ଧସାହି ଗ୍ରାମ ।ଏହି ଗ୍ରାମରେ ୨୫ ରୁ ଊର୍ଦ୍ଧ୍ୱ ପରିବାର ଥିବାବେଳେ ଏମାନଙ୍କ ପାଇଁ ପାନୀୟ ଜଳ ମୁଖ୍ୟ ସମସ୍ୟା। ଗ୍ରାମରେ ଗୋଟିଏ ଡଗୁଏଲ୍ ସମ୍ପୂର୍ଣ୍ଣ ଅଚଳ ଅବସ୍ଥାରେ ଥିବାବେଳେ ଆଉ ଗୋଟିଏ ନଳକୂପରେ ଆଇରନ ପାଣି ବାହାରୁଥିବାରୁ ତାହା ପିଇବା ଉପଯୋଗୀ ହୋଇପାରୁନାହିଁ। ତେବେ ୨୫ ପରିବାର ଙ୍କ ପାଇଁ ଏକମାତ୍ର ଭରସା ନଦୀର ପାଣି। ବର୍ଷା ହେଉ କି ଅନ୍ୟ ଦିନ ହେଉ ପ୍ରତ୍ୟେକ ଦିନ ଗ୍ରାମବାସୀମାନେ ଏହି ନଦୀ ପାଣି ଉପରେ ନିର୍ଭର କରିଥାନ୍ତି। ସରକାର ଯୋଜନା କରୁଛନ୍ତି ସତ କିନ୍ତୁ ବାସ୍ତବ କ୍ଷେତ୍ରରେ ପ୍ରଶାସନିକ ଅଣଦେଖା ଏହି ଗ୍ରାମରେ ପାନୀୟ ଜଳର ସମସ୍ୟାକୁ ଦେଖିଲେ ସ୍ପଷ୍ଟ ବାରିହେବ। ନିର୍ବାଚନ ଆସିଲେ ନେତା ଓ ମନ୍ତ୍ରୀ ଗ୍ରାମକୁ ଅନେକ ପ୍ରତିଶ୍ରୁତି ଦେଇଥାନ୍ତି। ହେଲେ ନିର୍ବାଚନ ସରିଲେ ଏହି ଗ୍ରାମରେ ଆଉ ସେମାନଙ୍କର ଦେଖା ମିଳେନାହିଁ ବୋଲି କହିଛନ୍ତି ଗ୍ରାମବାସୀ ।ଆଗକୁ ଆହୁରି ତାତି ବଢ଼ିବାର ସମ୍ଭାବନା ଥିବାବେଳେ ଗ୍ରାମବାସୀଙ୍କର ଜଳକଷ୍ଟ ସେମାନଙ୍କର ଦୁଃଖକୁ ଦ୍ୱିଗୁଣିତ କରିଦେଇଛି। ପ୍ରତ୍ୟେକ ବର୍ଷ ଖରାଦିନ ଆସିଲେ ନଦୀ ର ପାଣି ସୁଖିଯାଉଥିବା ବେଳେ ଗ୍ରାମବାସୀମାନଙ୍କର ପାନୀୟ ଜଳର ଦୁର୍ଦ୍ଦଶା ବଢ଼ିଯାଇଥାଏ। ତେବେ ଆଗାମୀ ଦିନରେ ସ୍ଥାନୀୟ ପ୍ରଶାସନ ଏହି ଗ୍ରାମବାସୀମାନଙ୍କର ଜଳ କଷ୍ଟ ସମସ୍ୟାର ସମାଧାନ କେବେ କରିବେ ତାହାକୁ କେବଳ ଅପେକ୍ଷା।

## ବାଉଁଶ ବୋଝେଇ ଦୁଇ ଗାଡି ଜବତ



ଦଶପଲ୍ଲା,(ମହାଭାରତ): ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଚଢ଼େୟାପଲ୍ଲୀ ନିକଟସ୍ଥ କଣ୍ଟିପଦର ସ୍ଥିତ ରିଜର୍ଭ ଜଙ୍ଗଲରୁ କଟା ହୋଇ ଦୁଇଟି ଗାଡ଼ିରେ ବୋଝେଇ ହୋଇ ଆସୁଥିବା ୮୬ ଟି କଞ୍ଚା ବାଉଁଶ ସହ ବୋଝେଇ କରି ଆଣୁଥିବା ଦୁଇ ଗାଡିକୁ ଦଶପଲ୍ଲା ବନ ବିଭାଗ ଜବତ କରିଛନ୍ତି କୌଣସି ସୂତ୍ରରୁ ଖବର ପାଇ ଦଶପଲ୍ଲା ବନାଚଂଳ ଅଧିକାରୀ ଶ୍ରୀନିବାସ ଦାସଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ବନ ବିଭାଗ ଟିମ୍ ଅତର୍କିତ ଚଢାଉ କରି ହନୁମନ୍ତ ଠାରୁ ଏସବୁ ଜବତ କରିଛନ୍ତି ଜବତ ବାଉଁଶର ଆନୁମାନିକ ମୂଲ୍ୟ ୨୦ ହଜାର ଟଙ୍କା ହେବ ବୋଲି ବିଭାଗୀୟ ସୂତ୍ରରୁ ଜଣାପଡିଛି । ଅନ୍ୟ ପକ୍ଷରେ ଗାଡି ଛାଡି ଚାଳକ ଫେରାର୍ ହୋଇଯାଇଥିବାରୁ ଆଂଚଳିକ ପରିବହନ ଠାରୁ ସବିଶେଷ ତଥ୍ୟ ସଂଗ୍ରହ ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବନାଞ୍ଚଳ ଅଧିକାରୀ ଶ୍ରୀ ଦାସ ପ୍ରକାଶ କରିଛନ୍ତି ।

# ପଣାଯାତ୍ରା ମହୋତ୍ସବରେ ପ୍ରତିଭା ସମ୍ବର୍ଦ୍ଧିତ



କୃଷ୍ଣପ୍ରସାଦ,(ମହାଭାରତ ):ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ତିତିପ ପଞ୍ଚାୟତର ଦେଉଳପଡ଼ା ଠାରେ ୩୫ ମୌଜା ପରିଚାଳନା କମିଟି ଆନୁକୂଲ୍ୟରେ ଚାଲିଥିବା ୭୯ ତମ ପଣାଯାତ୍ରା ମହୋତ୍ସବରେ ପ୍ରତିଭା ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି ।ପରିଚାଳନା କମିଟି ସଭାପତି ସୁରେନ୍ଦ୍ର ନାଥ ମାଝୀ ସଭାରେ ଅଧ୍ୟକ୍ଷତା କରିଥିଲେ। ଏହି ଐତିହାସିକ ପଣାଯାତ୍ରା ମହୋତ୍ସବ ଶାନ୍ତି ଶୃଙ୍ଖଳା ଦାୟିତ୍ୱରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା କୃଷ୍ଣପ୍ରସାଦ ଥାନା ଆଇଆଇସି ବିଚିତ୍ରାନନ୍ଦ ପ୍ରଧାନଙ୍କୁ ଉତ୍ତରୀୟ ସହିତ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ୩୫ ମୌଜା ପରିଚାଳନା କମିଟି, ଧନିଶ୍ରୀ କନଷ୍ଟ୍ରକ୍ସନ ବଡ଼ଝାଡ଼, ବାବା କମଳେଶ୍ୱର ଦେବ ଗୋଲଡେନ କ୍ଲବ ପକ୍ଷରୁ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ଭାଷ୍ୟକାର, ବିମାନରେ ବିଜେ କରିଥିବା ଠାକୁରଙ୍କ ଟାହ୍ୟା ପ୍ରତିଯୋଗିତା ତଥା ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ପ୍ରତିଭା ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଯାତ୍ରା ପଡ଼ିଆର ସ୍ୱଚ୍ଛତା ନିମନ୍ତେ ବାବା କମଳେଶ୍ୱର ଦେବ ଗୋଲଡେନ କ୍ଲବର ସଭାପତି ଉତ୍କଳ କେଶରୀ ଜେନା, ସମ୍ପାଦକ ବିକାଶ କୁମାର ଜେନା ଏବଂ ଗ୍ରୀନ ପାରିକୁଦ ସଂଗଠନର ବରିଷ୍ଠ ସଦସ୍ୟା ଅମିତା ତରେଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସୁନ୍ଦର ଟାହ୍ୟା ନିମନ୍ତେ ଟୁବୁକାର ଶ୍ରୀ ରାମଚନ୍ଦ୍ର ଦେବ ଏବଂ ଗୋଲପୁରର ବାଲୁଙ୍କେଶ୍ୱର ଦେବଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ତୁଳସୀ ଗଣନାଟ୍ୟରେ ମୁଖ୍ୟ ଭୂମିକାରେ ଅଭିନୟ କରୁଥିବା ପାରିକୁଦ ମାଟିର ଝିଅ ସୋନାଲି ପଣ୍ଡା ( କାଗଜି ପଲେଇ )ଙ୍କୁ ଧନିଶ୍ରୀ କନଷ୍ଟ୍ରକ୍ସନ ମୁଖ୍ୟ ପରିଚାଳକ ଅଭୟ କୁମାର ମହାପାତ୍ର ମାନପତ୍ର ସହିତ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ।

## କୃଷ୍ଣପ୍ରସାଦ ବ୍ଲକ ଅଞ୍ଚଳରେ ଜଳଛତ୍ର ଖୋଲିବାକୁ ଦାବି

କୃଷ୍ଣପ୍ରସାଦ(ମହାଭାରତ ): ଗ୍ରୀଷ୍ମଋତୁ ଆରମ୍ଭରୁ ରାଜ୍ୟରେ ଦିନକୁ ଦିନ ପ୍ରଚଣ୍ଡ ରୌଦ୍ରତାପ ବୃଦ୍ଧି ପାଇବାରେ ଲାଗିଛି । ଫଳରେ ଦିନ ୮ଟା ହେଲେ ବିଭିନ୍ନ କାର୍ଯ୍ୟ ନେଇ ବାହାରକୁ ବାହାରିବା କଷ୍ଟକର ହୋଇପଡ଼ିଛି । ପ୍ରଚଣ୍ଡ ରୌଦ୍ରତାପ ପ୍ରଭାବରେ ଅସହ୍ୟ ଗୁଳୁଗୁଳି ଅନୁଭୂତ ହେଉଥିବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି । ଦିନବେଳା ପ୍ରଚଣ୍ଡ ରୌଦ୍ରତାପରେ ରାସ୍ତା ଘାଟ ଜନଶୂନ୍ୟ ପାଲଟିଯାଉଛି । ରାଜ୍ୟ ଓ କେନ୍ଦ୍ର ସରକାର ଜଳ ଯୋଗାଣରେ ବିଭିନ୍ନ ଜନହିତକର ଯୋଜନା କରିବା ସହିତ ଗାଁ କଲ୍ୟାଣ ସମିତି ପକ୍ଷରୁ ଜଳଛତ୍ର ଖୋଲିବା ବ୍ୟବସ୍ଥା ଥିବା ବେଳେ ଆଜି ପର୍ଯ୍ୟନ୍ତ ଜଳଛତ୍ର ନଖୋଲିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ରାସ୍ତାରେ ଯାତାୟାତ କରୁଥିବା ସମସ୍ତ ବାଟୋଇ ପାଣି ମୁନ୍ଦେ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପୋଖରୀ ଗାଡ଼ିଆ ଶୁଖିବାକୁ ଲାଗିଥିବା ବେଳେ ଗୋରୁଗାଈଙ୍କ ଅବସ୍ଥା କହିଲେ ନସରେ ।କୃଷ୍ଣପ୍ରସାଦ ବ୍ଲକ ଅଞ୍ଚଳରେ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଥିବା ବେଳେ ଯୋଗାଣ ହେଉଥିବା ଜଳ ଯଥେଷ୍ଟ ନୁହେଁ ବୋଲି ସ୍ଥାନୀୟ ଲୋକମାନେ ପ୍ରକାଶ କରିଛନ୍ତି ।ପାଇପ ଯୋଗେ ପାନୀୟ ଜଳ ଯୋଗାଣ ଯୋଗୁଁ କୃଷ୍ଣପ୍ରସାଦ ଅଞ୍ଚଳରେ ନଳକୂପ ଖନନ ସଂଖ୍ୟା କମିଯାଇଛି ।ଏହାର ତୁରନ୍ତ ସମାଧାନ ନିମନ୍ତେ ପ୍ରତି ଛକରେ ଜଳଛତ୍ର ଖୋଲିବା, ପାନୀୟ ଜଳ ସମସ୍ୟା ସମାଧାନ କରିବା ସହିତ ଦିନକୁ ୩ଘଣ୍ଟା ଜଳଯୋଗାଣ କରିବା ଓ ବିଭିନ୍ନ ସରକାରୀ ତଥା ବେସରକାରୀ କାର୍ଯ୍ୟାଳୟରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ କରିବା ପାଇଁ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ କୃଷ୍ଣପ୍ରସାଦ ବ୍ଲକ ଅଞ୍ଚଳର ସମସ୍ତେ ଜନସାଧାରଣ ଦୃ ଦାବି କରୁଛନ୍ତି ।

# ପଲିଥିନ ତଳେ ବିତୁଛି ଜୀବନ, ଆବାସ ଯୋଜନା ସାତ ସପନୟ



କପ୍ତିପଦା -(ମହାଭାରତ ):କପ୍ତିପଦା - ସରକାରୀ ଯୋଜନା ସାତ ସପନ ।ସେଇଠି ଖାଇବା ସେଇଠି ଶୋଇବା ସେଇଠି ରହିବା ନା ଅଛି ଭଲ କବାଟ ନା ଅଛି ଭଲ ମଜବୁତ୍ୟ ପଲିଥିନ ତଳେ ବିତୁଛି ଜୀବନ। ଗୋଟିଏ ପଟେ ଗରିବୀ ଓ ଅନ୍ୟ ପଟେ ଆବାସ ଯୋଜନାରୁ ବଞ୍ଚିତ ହୋଇଥିବା ସୁଭଦ୍ରା ଙ୍କ ଦୁଃଖକୁ ଦ୍ୱିଗୁଣିତ କରିଦେଇଛି। ଅତି ଦୟନୀୟ ଅବସ୍ଥାରେ ପଡ଼ିରହିଛନ୍ତି ମୟୂରଭଞ୍ଜ ଜିଲ୍ଲା ଉଦଳା ବ୍ଲକ ବହୁବନ୍ଧ ପଞ୍ଚାୟତ ନାବରା ଗ୍ରାମର ସୁଭଦ୍ରା ପରିଡ଼ା ଙ୍କ ପରିବାର। ଆଜକୁ ଏକ ବର୍ଷ ହେବ ପଲିଥିନ ତଳେ ଜୀବନ ବିତୁଥିବା ବେଳେ ନା ପଡ଼ିଛି ସରପଞ୍ଚ ଓ ପ୍ରଶାସନର ନଜରୟ ସତେ ଯେମିତି ସୁଭଦ୍ରାଙ୍କ ପାଇଁ ପଲିଥିନ ହୋଇଛି ସାହା ଭରଷାୟ ଖରା,ବର୍ଷା କି ଶୀତ ହେଉ ଭାଗ୍ୟକୁ ଆଦରି ସୁଭଦ୍ରା ଓ ତାଙ୍କ ପରିବାର ଏହି ପଲିଥିନ ତଳେ ବିତାଉଛନ୍ତି ଜୀବନ। ସରକାରୀ ଯୋଜନାରେ ଆବାସ ଘର ପାଇଁ ସୁଭଦ୍ରାଙ୍କର ଘର ପାଇବାରେ ତାଲିକାରେ ନାମ ରହିଥିଲା ।ହେଲେ ଭାଗ୍ୟର ବିଡ଼ମ୍ବନା ସେହି ତାଲିକାରୁ ଘର ପାଇବାରୁ ବଞ୍ଚିତ ହେଲେ ସୁଭଦ୍ରା ।ସବୁଠୁ ବଡ଼ କଥା ହେଉଛି ଯେଉଁ ପଲିଥିନ ତଳେ ସୁଭଦ୍ରା ତାଙ୍କ ପରିବାର ଜୀବନ ବିତାଉଛନ୍ତି ସେହି ପଲିଥିନ ତଳେ ତାଙ୍କ ସହ ପଶୁ ବି ଆଶ୍ରୟ ନେଉଛି। ତେବେ ଏ ସବୁ ଦୃଶ୍ୟକୁ ଦେଖିଲେ ଲାଗେ ଆବାସ ଯୋଜନା ସୁଭଦ୍ରାଙ୍କ ପାଇଁ ସତେ ଯେମିତି ଉପହାସ। ପଲିଥିନ ତଳେ ବିତାଉଥିବା ଜୀବନ ସୁଭଦ୍ରାଙ୍କ ପାଇଁ ଦିନରେ ସୂର୍ଯ୍ୟ ଓ ରାତିରେ ତାରା ତାଙ୍କ ପାଇଁ ଯେମିତି ନିତିଦିନିଆ ଭାଗ୍ୟରେ ପରିଣତ ହୋଇଛି। ତାର କୁନି କୁନି ପିଲା ଏବଂ ପରିବାରଙ୍କୁ ନେଇ ରାତି ହେଉ କି ଦିନ ହେଉ ଏହି ପଲିଥିନ ତଳେ ବିତୁଛି ଜୀବନ ।ସରକାରଙ୍କର ଯୋଜନା ଅନେକ ହେଲେ ପଲିଥିନ ତଳେ ଜୀବନ ବିତାଉଥିବା ଏହି ସୁଭଦ୍ରାଙ୍କ ପାଇଁ ଏହି ଯୋଜନା କେତେ କାର୍ଯ୍ୟକାରୀ ହେଉଛି ତାହା ସ୍ପଷ୍ଟ ବାରି ହେଉଛି ଆବାସ ଯୋଜନା ଘର ଖଣ୍ଡିଏ ପାଇଁ ସୁଭଦ୍ରା ବାରମ୍ବାର ସ୍ଥାନୀୟ ସରପ□କୁ ଗୁହାରି କରୁଥିଲେ ମଧ ତାହା ଆଜି ପର୍ଯ୍ୟନ୍ତ ମିଳିପାରୁନଥିବା କହିଛନ୍ତି ସୁଭଦ୍ରା। ତେବେ ଦେଖିବାକୁ ବାକି ରହିଲା ସ୍ଥାନୀୟ ପ୍ରଶାସନ ସୁଭଦ୍ରାଙ୍କ ପ୍ରତି କେବେ ସହଯୋଗର ହାତ ବଢ଼ାଉଛି।

## କଳିମେଳା ବ୍ଲକରେ ସାଇବର ସଚେତନତା କାର୍ଯ୍ୟକ୍ରମ

ମାଲକାନଗିରି(ମହାଭାରତ): ମାଲକାନଗିରି ଜିଲ୍ଲାର କଳିମେଳା ବ୍ଲକରେ ସାଇବର ସଚେତନତାକୁ ଗୁରୁତ୍ୱ ଦେଇ ଏକ ବିଶେଷ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏହି କାର୍ଯ୍ୟକ୍ରମରେ ସାଇବର ସେଲର ଗୌତମ କୀର୍ତନିଆ ଏବଂ ସେଲର ସମରେନ୍ଦ୍ର ବିଶୋଇ ଯୋଗଦେଇ ଉପସ୍ଥିତ ଲୋକଙ୍କୁ ସଚେତନ କରିଥିଲେ। କାଲିମେଳା ଥାନା ଅଧିକାରୀ ପ୍ରଭୁଦତ୍ତ ବିଶ୍ୱାଳ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମ ଥାନା ଅଧିକାରୀ ଓ ସୋସିଆଲ ମିଡିଆ ଇନଫ୍ଲୁଏନ୍ସର ତାପସଙ୍କ ସହଯୋଗରେ ସଫଳତାର ସହ କରାଯାଇଥିଲା ।ସେମାନେ ସାଧାରଣ ଲୋକମାନଙ୍କୁ ଅନଲାଇନ୍ ଠକେଇ, ଶେୟରିଂ ଓ ସୋସିଆଲ ମିଡିଆ ଦୁରୁପଯୋଗ ବିଷୟରେ ସଚେତନ କରିଥିଲେ। ବ୍ୟାଙ୍କ ଖାତା ସମ୍ବନ୍ଧୀୟ ସୂଚନା କାହାକୁ ନଦେବା, ଅଜଣା ଲିଙ୍କ କ୍ଲିକ୍ ନକରିବା ଓ ସନ୍ଦେହଜନକ ଫୋନ୍ କଲ୍ରୁ ସାବଧାନ ରହିବା ପାଇଁ ପରାମର୍ଶ ଦିଆଯାଇଥିଲା ।କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ଏବଂ ସୋସିଆଲ ମିଡିଆ ଇନଫ୍ଲୁଏନ୍ସର ।।

## ଖଣି ମାଫିଆଙ୍କ ଚରାଭୂଇଁ ପାଲଟିଛି ନୟାଗଡ

# ୧୦ ମାସରେ ୭୮ ଗାଡ଼ି ଜବତ, ୨୮ ଲକ୍ଷ ଜରିମାନା



ନୟାଗଡ, ( ମହାଭାରତ ) : ଖଣି ମାଫିଆଙ୍କ ବିନା ଲାଇସେନ୍ସରେ ନୟାଗଡ଼ ଜିଲ୍ଲାରେ ଅବାଧ ଲଘୁ ଖଣିଜ ଲୁଟ୍ ଚଳାଇଛନ୍ତି। ଖଣି ବିଭାଗ, ରାଜସ୍ୱ ବିଭାଗ, ପୁଲିସ ସମସ୍ତେ ଦେଖି ନ ଦେଖିବା ପରି ଅଭିନୟ କରୁଛନ୍ତି। ଲୋକ ଦେଖାଣିଆ ଚଢ଼ଉ କରି ଜବତ ହେଉଥିବା ଗାଡ଼ି ଓ ଖଣିଜ ସମ୍ପଦ ପରିମାଣ କିଛି କମ୍ ନୁହେଁ । ଖଣି ବିଭାଗ ହେଉ ବା ପୁଲିସ, ଗାଡ଼ି ଜବତ କରି ଜରିମାନା କରୁଥିଲେ ମଧ୍ୟ ଏହା ସେତେଟା ଫଳପ୍ରଦ ହେଉ ନାହିଁ। ଦିନ ରାତି ମାଫିଆ ମାନେ ନିଜ କାରବାର ଚଳାଉଥିବା ଦେଖିବାକୁ ମିଳିଛି। ଖଣି ବିଭାଗରୁ ମିଳିଥିବା ତଥ୍ୟ ମୁତାବକ, ଜିଲ୍ଲାରେ ମୋଟ୍ ୧୧୧ଟି ଲଘୁ ଖଣିଜ ଉତ୍ସ ରହିଥିବା ବେଳେ ବର୍ତ୍ତମାନ ୨୯ଟି ଚାଲୁ ରହିଛି। ବାକି ୮୨ଟି ବିଭିନ୍ନ ପ୍ରମାଣପତ୍ର ଦେଇପାରିନଥିବାରୁ ଖଣି ବିଭାଗ ପକ୍ଷରୁ ଏହାକୁ ବନ୍ଦ କରି ଦିଆଯାଇଛି। ଭାପୁର ବ୍ଲକରେ ୨୩ଟି ଉତ୍ସରୁ ବର୍ତ୍ତମାନ ୪ଟି ଚାଲୁଥିବା ବେଳେ ଦଶପଲ୍ଲାରେ ସମସ୍ତ ୭ଟି ଯାକ ଖଣି ଉତ୍ସକୁ ବନ୍ଦ କରି ଦିଆଯାଇଛି। ଗଣିଆରେ ୫ଟି ରୁ ବତ୍ତମାନ ୨ଟି ଉତ୍ସ ଚାଲିଥିବା ବେଳେ ଖଣ୍ଡପଡ଼ାରେ ୨୦ଟି ରୁ ୬ଟି, ନୟାଗଡ଼ରେ ୭ଟିରୁ ଗୋଟିଏ, ନୂଆଗାଁରେ ୧୧ଟିରୁ ଗୋଟିଏ, ଓଡ଼ଗାଁରେ ୭ଟି ରୁ ୨ ଓ ରଣପୁର ତହସିଲ ଅଧୀନରେ ୩୧ଟି ରୁ ୧୩ଟି ପଥର ଖଣି ଉତ୍ସ ଚାଲୁଥିବା ଜଣାପଡ଼ିଛି। ମାତ୍ର ଯେଉଁ ଉତ୍ସ ଗୁଡ଼ିକ ଏବେ ବନ୍ଦ ହୋଇଯାଇଛି, ସେଠାରୁ ମଧ୍ୟ ମାଫିଆ ମାନେ ଲଘୁ ଖଣିଜ ଲୁଟ୍ ଜାରି ରଖିଛନ୍ତି। ଗତ ବର୍ଷ ଏପ୍ରିଲରୁ ଚଳିତ ୨୦୨୬ ଫେବୃଆରୀ ମଧ୍ୟରେ ଖଣି ଓ ଜିଲ୍ଲା ପୁଲିସର ବିଭିନ୍ନ ଥାନା ପକ୍ଷରୁ ମୋଟ୍ ୭୮ଟି ଗାଡ଼ି ଜବତ କରାଯାଇଥିବା ବେଳେ ୨୭ ଲକ୍ଷ ୭୫ ହଜାର ୮୮୪ ଟଙ୍କା ଜରିମାନା ଆଦାୟ ହୋଇଛି। ପୂର୍ବରୁ ଖଣି ଓ ବାଲି ସୈରାତ ତହସିଲ ଅଧୀନରେ ଥିଲା ବର୍ତ୍ତମାନ ଏହା ଖଣି ବିଭାଗ ଅଧୀନରେ। ଖଣି ବିଭାଗରେ ସ୍ୱଚ୍ଛତା ଆଣିବା ପାଇଁ ଉଦ୍ଦେଶ୍ୟ ରଖି ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଥିଲେ। ମାତ୍ର ଏହାର ପ୍ରକୃତ ଉଦ୍ଦେଶ୍ୟ ସାଧିତ ହୋଇ ପାରୁ ନାହିଁ। ତହସିଲ ଅଧୀନରେ ଥିବା ସମସ୍ତ ପଥର ଖଣିର ରେକର୍ଡ଼ ଏବେ ଖଣି ବିଭାଗ ଅଧୀନକୁ ଆସିଗଲାଣି। ପୂର୍ବରୁ ତହସିଲ ଅଧୀନରେ ରହିଥିବା ସମୟରେ ଖଣି ମାଲିକ ମାନେ ସାଂଘାତିକ ଜାଲିଆତି କରୁଥିଲେ। ବର୍ତ୍ତମାନ ଏହାର ଖୋଳତାଡ଼ କରାଯାଇ ବାକି ଥିବା ରାଜସ୍ୱ ଟଙ୍କା ଜମା କରିବା ପାଇଁ ବିଭାଗ ପକ୍ଷରୁ ଖଣି ମାଲିକ ମାନଙ୍କୁ ଚିଠି କରାଯାଉଛି। ମାତ୍ର ଏତେ ପରିମାଣର ଟଙ୍କା ଜମା କରିବା ପାଇଁ ମାଲିକ ମାନେ ରାଜି ହେଉନଥିବାରୁ ଖଣି ଗୁଡ଼ିକୁ ଖୋଲା ଯାଇପାରୁ ନଥିବା ଜଣାପଡ଼ିଛି। ଫଳରେ ଜିଲ୍ଲାରେ ଅଧିକାଂଶ ଖଣି ଉତ୍ସ ଗୁଡ଼ିକ ବନ୍ଦ ପଡ଼ିଛି। ସରକାରୀ ଖାତାରେ ବନ୍ଦ ପଡ଼ିଥିବା ଏହି ଉତ୍ସ ଗୁଡ଼ିକ ଏବେ ରୀତିମତ ଚାଲୁ ରହିଥିବା ଦେଖିବାକୁ ମିଳିଛି ବର୍ତ୍ତମାନ କେରେଣ୍ଡାଟାଙ୍ଗି ଗ୍ରାମ ପଞ୍ଚାୟତ ଅଧୀନ ନୂଆପଡ଼ା ଗାଁରେ ଏକ ବେଆଇନ ଖଣି ଚାଲୁଥିବା ଅଭିଯୋଗ ହୋଇଛି। ଦିନକୁ ଦୁଇ ଥର ସେଠାରେ ବ୍ଲାଷ୍ଟିଂ କରାଯାଇ ପାହାଡ଼ ଫଟାଯାଇ ପଥର ଚାଲାଣ କରାଯାଉଛି। ଦୈନିକ ୨୦୦ ରୁ ୩୦୦ ଟ୍ରିପ୍ ଚାଲାଣ ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏମିତିକି ପୁଲିସ ଓ ଖଣି ବିଭାଗ ସବୁ ଜାଣିଥିଲେ ମଧ କିଛି ବି ପଦକ୍ଷେପ ନିଆଯାଉ ନାହିଁ। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ପ୍ରବଳ ଅସନ୍ତୋଷ ଦେଖିବାକୁ ମିଳୁଛି ଏଣୁ ଏ ନେଇ ତୁରନ୍ତ ପଦକ୍ଷେପ ନେବା ପାଇଁ ସାଧାରଣରେ ଦାବି ହୋଇଛି।







## ଆମେରିକାରେ ଆତତାୟୀର ଗୁଳିରେ ୮ ଶିଶୁ ମୃତ

ଲୁଇଜିଆନା : ଆତତାୟୀର ଗୁଳିରେ ୮ ଶିଶୁ ମୃତ । ଆମେରିକାର ଲୁଇଜିଆନାରେ ଗଣହତ୍ୟାର ଅଭାବନୀୟ ଘଟଣା । ମୃତ ଶିଶୁଙ୍କ ବୟସ ଏକ ବର୍ଷରୁ ୧୪ ବର୍ଷ ମଧ୍ୟରେ । ଘରୋଇ ବିବାଦରୁ ଆତତାୟୀ ଗଣହତ୍ୟା କରିଥିବା ଅନୁମାନ କରାଯାଉଛି । ଆତତାୟୀ ଜଣକ ବିଭିନ୍ନ ଲୋକଙ୍କ ଘରେ ପଶି ଆଖିବୁଜା ଗୁଳିମାଡ଼ କରିଥିଲା । ପରେ ଆତତାୟୀ ଜଣକ ପୋଲିସ ଗୁଳିରେ ପ୍ରାଣ ହରାଇଥିବା ସେଭରପୋର୍ଟ ପୋଲିସ ମୁଖ୍ୟ ୱାନେ ସ୍ମିଥ କହିଛନ୍ତି । ସ୍ଥାନୀୟ ପୋଲିସ ପ୍ରତିନିଧି କ୍ରିସ୍ ବୋର୍ଡେଲନ୍ ଙ୍କ ଅନୁଯାୟୀ, ରବିବାର ସକାଳେ ଜଣେ ବ୍ୟକ୍ତି ଗୁଳି ଚଳାଇବାରୁ ବିବାଦ ଆରମ୍ଭ ହୋଇଥିଲା । ସେ ଏକାକୀ କାର୍ଯ୍ୟ କରିଥିବା ବିଶ୍ୱାସ କରାଯାଉଛି । ଆମେରିକୀୟ ପ୍ରସାରକ ଘଇଉ କୁ ଦେଇଥିବା ମନ୍ତବ୍ୟରେ ବୋର୍ଡେଲନ୍ ଗୁଳି କରିଥିବା କିଛି ପିଲାଙ୍କୁ ତାଙ୍କର "ବଂଶଜ" ବୋଲି ବର୍ଣ୍ଣନା କରିଛନ୍ତି । ଗୁଳିକାଣ୍ଡ ପରେ ସନ୍ଦିଗ୍ଧ ବ୍ୟକ୍ତି ଏକ ଚୋରି କାରରେ ପଳାଇବାକୁ ଚେଷ୍ଟା କରିଥିଲେ ଏବଂ ପୋଲିସ ତାଙ୍କୁ ଗୁଳି କରିଥିଲା । ପିଛା କରିବା ସମୟରେ କୌଣସି ଅଧିକାରୀ ଆହତ ହୋଇ ନଥିଲେ। ରାଜ୍ୟ ପୋଲିସ ଘଟଣା ସହିତ ଜଡିତ ଫଟୋ, ଭିଡିଓ କିମ୍ବା ସୂଚନା ଥିବା ଲୋକଙ୍କୁ ଲୁଇସିଆନା ରାଜ୍ୟ କର୍ତ୍ତୃପକ୍ଷଙ୍କ ସହିତ ସେୟାର କରିବାକୁ କହିଛି ।

## ଶାନ୍ତି ଆଲୋଚନାରେ ବ୍ୟବଧାନ ଥିବାରୁ ହର୍ମୁଜ ପ୍ରଣାଳୀ ଅବରୋଧ ହୋଇଛି: ଇରାନ

ୱାସିଂଟନ/ଇସଲାମାବାଦ: ଇରାନ ବିଶ୍ୱ ଶକ୍ତି ଯୋଗାଣର ପ୍ରମୁଖ ରଣନେ ?ତିକ ଜଳପଥ ଉପରେ ପୁନଃ ନିୟନ୍ତ୍ରଣ ହାସଲ କରିବା ପରେ ରବିବାର ହର୍ମୁଜ ପ୍ରଣାଳୀ ଦେଇ ଜାହାଜ ଚଳାଚଳ ପୁଣି ବନ୍ଦ ହୋଇଯାଇଛି। ଇରାନର ଶୀର୍ଷ ବୁଝାମଣାକାରୀ ମହମ୍ମଦ ବାକର କାଲିବାଫ୍ କହିଛନ୍ତି ଯେ, ଆଣବିକ ପ୍ରସଙ୍ଗ ଓ ହର୍ମୁଜ ପ୍ରଣାଳୀ ଉପରେ ଉଭୟ ପକ୍ଷ ସହମତ ହେବାଠାରୁ ବହୁତ ଦୂରରେ ଅଛନ୍ତି। ଇରାନ ପୂର୍ବରୁ ଘୋଷଣା କରିଥିଲା ଯେ, ଏହା ହର୍ମୁଜ ଦେଇ ଜାହାଜ ଚଳାଚଳ ପାଇଁ ଅନୁମତି ଦେବ। କିନ୍ତୁ ୱାସିଂଟନ ଇରାନ ବନ୍ଦର ଉପରେ ନିଜର ଅବରୋଧ ଜାରି ରଖି ଅସ୍ତ୍ରବିରତି ଚୁକ୍ତିନାମା ଉଲ୍ଲଂଘନ କରିଥିବା ଅଭିଯୋଗ କରି ଶନିବାର ସ୍ଥିତି ବଦଳାଇ ଦେଇଛି। ଏହା ପୁଣି ହର୍ମୁଜକୁ ନିଜ କବ୍‌ଜାକୁ ନେଇଛି। ଶନିବାର ଦୁଇଟି ଭାରତୀୟ ଜାହାଜ ପ୍ରଣାଳୀ ଦେଇ ଯିବାକୁ ଚେଷ୍ଟା କରୁଥିବା ବେଳେ



ଆକ୍ରମଣ ହୋଇଥିବା ଖବର ମିଳିବା ପରେ ସିପିଂ ତଥ୍ୟରୁ ଜଣାପଡିଛି ଯେ ସଂକୀର୍ଣ୍ଣ ଜଳପଥ ଦେଇ ଯାତାୟାତ ରବିବାର ସକାଳେ ବନ୍ଦ ହୋଇଯାଇଛି। ରବିବାର ସକାଳେ ଚୀନ୍ ମାଲିକାନାରେ ଥିବା ଗୋଟିଏ ଟ୍ୟାଙ୍କର ଏବଂ ଭାରତୀୟ ମାଲିକାନାରେ ଥିବା ଏକ ଗ୍ୟାସ୍ କ୍ୟାରିଅର୍ ପୂର୍ବ ଦିଗକୁ ଯାଉଥିବାର ଦେଖିବାକୁ ମିଳିଥିଲା। କିନ୍ତୁ ମେରାଇନ୍ ଟ୍ରାଫିକ୍ ଜାହାଜ-ଟ୍ରାକିଂ ତଥ୍ୟ ଅନୁଯାୟୀ, ସେମାନଙ୍କୁ ଫେରାଇ ଦିଆଯାଇଛି ଏବଂ ମଧ୍ୟରାତ୍ରି (ଜିଏମ୍‌ଟି- ଭାରତୀୟ ସମୟ ସକାଳ ସାଢ଼େ ୫ଟା) ପରେ ଅନ୍ୟ କୌଣସି ଜାହାଜ ଗଲ୍ଫରେ ପ୍ରବେଶ କରିନାହାନ୍ତି କିମ୍ବା ଛାଡି ନାହାନ୍ତି। ଇତିମଧ୍ୟରେ ପାକିସ୍ତାନର ମଧ୍ୟସ୍ଥତା ଦ୍ୱାରା ସଂଘର୍ଷକୁ ସମାପ୍ତ କରିବା ପାଇଁ ଉଦ୍ୟମକୁ ଅନିଶ୍ଚିତତା ଘେରି ରହିଛି। ଦଶନ୍ଧି ମଧ୍ୟରେ ଆମେରିକା ଓ ଇରାନ ମଧ୍ୟରେ ପ୍ରଥମ ପ୍ରତ୍ୟକ୍ଷ ଆଲୋଚନା ଗତ ସପ୍ତାହରେ କୌଣସି ଚୁକ୍ତିନାମା ବିନା ଶେଷ ହୋଇଥିଲା, କିନ୍ତୁ ବୁଧବାର ଅସ୍ତ୍ରବିରତି ଶେଷ ହେବା ପୂର୍ବରୁ ପୁନଃ ଆଲୋଚନା ଆରମ୍ଭ ପାଇଁ ପ୍ରସ୍ତୁତି ଚାଲିଥିବା ଜଣାପଡିଛି।

ଆମେରିକାରେ ପେଟ୍ରୋଲ ମୂଲ୍ୟ ବୃଦ୍ଧି, ମୁଦ୍ରାସ୍ଫୀତି ବୃଦ୍ଧି ଏବଂ ନିଜର ଅନୁମୋଦନ ରେଟିଂ ହ୍ରାସ ପାଇବା ସହିତ ନଭେମ୍ବରରେ ହେବାକୁ ଥିବା ମଧ୍ୟବର୍ତ୍ତୀ ନିର୍ବାଚନରେ କଂଗ୍ରେସରେ ସଂକୀର୍ଣ୍ଣ ସଂଖ୍ୟାଗରିଷ୍ଠତା ରକ୍ଷା କରିବାକୁ ଯୁଦ୍ଧରୁ ବାହାରିବା ପାଇଁ ଟ୍ରମ୍ପଙ୍କ ଉପରେ ଚାପ ବୃଦ୍ଧି ପାଇଛି।

ଶନିବାର ହ୍ୱାଇଟ୍ ହାଉସ୍‌ରେ ବରିଷ୍ଠ ଜାତୀୟ ସୁରକ୍ଷା ସହାୟକମାନଙ୍କୁ ଭେଟିଥିବା ଟ୍ରମ୍ପ କହିଛନ୍ତି ଯେ ବହୁତ ଭଲ ବାର୍ତ୍ତାଳାପ ଚାଲିଛି, କିନ୍ତୁ ସେ ଅନ୍ୟ କୌଣସି ବିବରଣୀ ଦେଇନାହାନ୍ତି। ଇରାନର ମୁଖ୍ୟ ବୁଝାମଣାକାରୀ ମହମ୍ମଦ ବକର କାଲିବାଫ୍ ରାଷ୍ଟ୍ରାୟତ୍ତ ଗଣମାଧ୍ୟମକୁ କହିଛନ୍ତି ଯେ ଆଲୋଚନା ନେଇ ଅଗ୍ରଗତି ହୋଇଛି, କିନ୍ତୁ ଆମ ମଧ୍ୟରେ ଏକ ବଡ଼ ଦୂରତା ରହିଛି। କିଛି ପ୍ରସଙ୍ଗ ଅଛି ଯାହା ଉପରେ ଆମେ ଜିଦ୍ ଧରିଥାଉ ... ସେମାନଙ୍କର ଲାଲ୍ ରେଖା ମଧ୍ୟ ଅଛି। ଇସ୍ରାଏଲ୍ ସୈନ୍ୟବାହିନୀ ଓ ଇରାନ ସମର୍ଥିତ ହେଜବୁଲ୍ଲା ମଧ୍ୟରେ ଯୁଦ୍ଧ ଶେଷ କରିବା ପାଇଁ ଗୁରୁବାର ଇସ୍ରାଏଲ୍ ଓ ଲେବାନନ୍ ମଧ୍ୟରେ ଆମେରିକା ମଧ୍ୟସ୍ଥତାରେ ୧୦ ଦିନିଆ ଅସ୍ତ୍ରବିରତି ଚୁକ୍ତି ପରେ ଶୁକ୍ରବାର ଇରାନ ହର୍ମୁଜ ପ୍ରଣାଳୀକୁ ଅସ୍ଥାୟୀ ଭାବରେ ଖୋଲିବାକୁ ଘୋଷଣା କରିଥିଲା। କିନ୍ତୁ ଇରାନ ବନ୍ଦର ଉପରେ ଅବରୋଧ ମାଧ୍ୟମରେ ଆମେରିକା ଅସ୍ତ୍ରବିରତି ଉଲ୍ଲଂଘନ କରିଥିବା ଅଭିଯୋଗ କରି ଶନିବାର ଏହା ନିଷ୍ପତ୍ତି ବଦଳାଇଥିଲା। ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ମୋଜତାବା ଖେମିନିଙ୍କ ଏକ ବିବୃତିରେ କୁହାଯାଇଛି ଯେ ଇରାନର ନୌସେନା ଏହାର ଶତ୍ରୁମାନଙ୍କୁ ହରାଇବାକୁ ପ୍ରସ୍ତୁତ ଅଛି। ଇରାନର ପଦକ୍ଷେପକୁ ବ୍ଲାକମେଲ ବୋଲି କହିଥିବା ଟ୍ରମ୍ପ ଆମେରିକାର ଅବରୋଧକୁ ସମର୍ଥନ କରିଛନ୍ତି ଏବଂ ବୁଧବାର ଅସ୍ତ୍ରବିରତି ସମାପ୍ତ ହେବା ପୂର୍ବରୁ ଏକ ଦୀର୍ଘକାଳୀନ ଚୁକ୍ତି ନ ହେଲେ ପୁନର୍ବାର ବୋମା ପକାଇବା ଆରମ୍ଭ କରିବେ ବୋଲି ଧମକ ଦେଇଛନ୍ତି।

## ବାଣ ଫ୍ୟାକ୍ଟ୍ରିରେ ଭୟଙ୍କର ବିସ୍ଫୋରଣ, ୨୩ ଜଣଙ୍କର ମୃତ୍ୟୁ

ତାମିଲନାଡୁ : ତାମିଲନାଡୁରେ ଏକ ବାଣ ଫ୍ୟାକ୍ଟ୍ରିରେ ଭୟଙ୍କର ବିସ୍ଫୋରଣ । ବିସ୍ଫୋରଣରେ ୨୩ ଜଣଙ୍କ ମୃତ୍ୟୁ, ୪ ଜଣ ଗୁରୁତର ସୂଚନା । ବିରୁଧୁନଗର ନିକଟସ୍ଥ କଟ୍ଟାନାରପଟ୍ଟିଠାରେ ଥିବା ଫ୍ୟାକ୍ଟ୍ରିରେ ଘଟିଛି ଏହି ବିସ୍ଫୋରଣ। ବିସ୍ଫୋରଣ ଯୋଗୁ ଫ୍ୟାକ୍ଟ୍ରି ପରିସରରେ ଥିବା ଥିବା କେତେକ ବିଲ୍ଡିଂ ଛପର ଉଡିଯାଇଛି । ଆଜି ଅପରାହ୍ଣରେ ଘଟିଛି ଏହି ବିସ୍ଫୋରଣ । ବିସ୍ଫୋରଣ ବେଳେ ଶ୍ରମିକ ମାନେ ଫ୍ୟାକ୍ଟ୍ରିରେ କାର୍ଯ୍ୟରତ ଥିଲେ । ଫ୍ୟାନ୍ସି ବାଣ ତେନ୍ ପ୍ରସ୍ତୁତିରେ ଲାଗିପଡିଥିଲେ ଶ୍ରମିକ । କେହି କିଛି ବୁଝିବା ପୂର୍ବରୁ ହଠାତ ବିସ୍ଫୋରଣ ହୋଇଥିଲା । ଫ୍ୟାକ୍ଟ୍ରି ପରିସରରେ ଚାରିଆଡକୁ ବ୍ୟାପିଯାଇଥିଲା ନିଆଁ ଓ କଳା ଧୂଆଁ । ବିସ୍ଫୋରଣ ସମୟରେ ପ୍ରାୟ ୩୦ ଜଣ ଶ୍ରମିକ ଥିବା ସୂଚନା ରହିଛି । ତେବେ ବିସ୍ଫୋରଣ କେଉଁ ପରିସ୍ଥିତିରେ ଓ କେମିତି ହେଲା ସେନେଇ ପ୍ରକୃତ କାରଣ ସ୍ପଷ୍ଟ ହୋଇନି । ଅଘଟଣ ପରେ ତୁରନ୍ତ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି । ଆହତ ଓ ଗୁରୁତରଙ୍କୁ ବିରୁଧୁନଗର ସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ ସହ ତଦାରଖ ଲାଗି ଦୁଇ ଜଣ ମନ୍ତ୍ରୀଙ୍କୁ ଘଟଣାସ୍ଥଳକୁ ପଠାଇଛନ୍ତି ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ.କେ ଷ୍ଟାଲିନ୍ । ଏଥିସହ ଆବଶ୍ୟକ ସହାୟତା କରିବାକୁ ଜିଲ୍ଲାପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି । ଘଟଣା ନେଇ ଗଭୀର ଦୁଃଖ ପ୍ରକାଶ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ଗୁରୁତରଙ୍କୁ ଆଶୁଆରୋଗ୍ୟ କାମନା କରିଛନ୍ତି ପ୍ରଧାନମନ୍ତ୍ରୀ । ସେହିପରି ମୃତକଙ୍କ ପରିବାର ଲୋକଙ୍କୁ ସମବେଦନା ଜଣାଇଛନ୍ତି ଏମ.କେ ଷ୍ଟାଲିନ ।

## ଖେମିନିଙ୍କ ଆଦେଶ ହେଲେ ଖୋଲିବ ହର୍ମୁଜ, କୌଣସି ମୂର୍ଖଙ୍କ ଟ୍ୱିଟ୍ ଦ୍ୱାରା ନୁହେଁ

ତେହେରାନ: ହର୍ମୁଜ ପ୍ରଣାଳୀକୁ ନେଇ ଇରାନ ଓ ଆମେରିକା ମଧ୍ୟରେ ବିବାଦ ଚାଲିଛି। ଏହି କୂଟନୈତିକ ବିବାଦ ଏବେ ସୋସିଆଲ ମିଡ଼ିଆରେ ବ୍ୟକ୍ତିଗତ ଆକ୍ରମଣରେ ପରିଣତ ହୋଇଛି। ସଦ୍ୟତମ ଘଟଣାକ୍ରମରେ, ଇରାନର ନୌସେନା ଏକ ବାଣିଜ୍ୟିକ ଜାହାଜକୁ ସ୍ପଷ୍ଟ ବାର୍ତ୍ତା ପଠାଇଛି ଯେ ଜଳପଥ ଏପର୍ଯ୍ୟନ୍ତ ବନ୍ଦ ଅଛି ଏବଂ କେବଳ ସର୍ବୋଚ୍ଚ ନେତା ମୋଜତବା ଖେମିନିଙ୍କ ନିର୍ଦ୍ଦେଶରେ ଖୋଲାଯିବ। ଜାହାଜ ଓ ଇରାନ ନୌସେନା ମଧ୍ୟରେ ବାର୍ତ୍ତାଳାପର ଅଡିଓ ସାମ୍ନାକୁ ଆସିଛି। ଏଥିରେ ଇରାନ ନୌସେନା କହିଛି ଯେ ପ୍ରଣାଳୀ କେ ?ଣସି 'ମୂର୍ଖଙ୍କ ଟ୍ୱିଟ୍' ଦ୍ୱାରା ନୁହେଁ, ବରଂ ଖେମିନିଙ୍କ ନିର୍ଦ୍ଦେଶରେ ଖୋଲାଯିବ। ବ୍ଲୁମବର୍ଗ ରିପୋର୍ଟ ଅନୁଯାୟୀ, କତରରୁ ଲୋଡିଂ ପରେ ପାରସ୍ୟ ଉପସାଗରରେ ଫସି ରହିଥିବା ଅତି କମ୍‌ରେ ପାଞ୍ଚଟି ଏଲ୍‌ଏନ୍‌ଜି ଜାହାଜ ମନ୍ଥର



ହୋଇଯାଇଥିଲା କିମ୍ବା ହର୍ମୁଜ ନିକଟରୁ ଫେରିଥିଲା। ଇରାନ କର୍ତ୍ତୃପକ୍ଷ ଜାହାଜଗୁଡ଼ିକୁ ଚେତାବନୀ ଦେଇଥିଲେ ଯେ ମାର୍ଗ ବନ୍ଦ ରହିଛି। ଶନିବାର ଦୁଇଟି ଭାରତୀୟ ଜାହାଜକୁ ଟାର୍ଗେଟ୍ କରିବା ପରେ ଏହି ଘଟଣା ଘଟିଥିଲା। ଏହା ପୂର୍ବରୁ ଶୁକ୍ରବାର ଇରାନର ବୈଦେଶିକ ମନ୍ତ୍ରୀ ସୟିଦ ଅବ୍ବାସ ଆରାଘଚି କହିଛନ୍ତି ଯେ, ହର୍ମୁଜ ପ୍ରଣାଳୀ ସମ୍ପୂର୍ଣ୍ଣ ଖୋଲା ଅଛି, କିନ୍ତୁ କିଛି ଘଣ୍ଟା ମଧ୍ୟରେ ମିଲିଟାରୀ କମାଣ୍ଡ ସେହି ବିବୃତିକୁ ପ୍ରତ୍ୟାହାର କରି କହିଛି ଯେ ଏହି ମାର୍ଗ ବର୍ତ୍ତମାନ କଠୋର ସାମରିକ ନିୟନ୍ତ୍ରଣ ଅଧୀନରେ ଅଛି। ତେବେ ଇରାନ ନୌସେନା 'ମୂର୍ଖ' ଶବ୍ଦଟି ଟ୍ରମ୍ପଙ୍କ ପ୍ରତି ଉଲ୍ଲେଖ କରିଛି ବୋଲି କୁହାଯାଉଥିବା ବେଳେ ଏହା ନିଜ ଦେଶର ବିଦେଶ ମନ୍ତ୍ରୀଙ୍କ ଲାଗି ବ୍ୟବହାର କରାଯାଇଥିବା ସୋସିଆଲ ମିଡ଼ିଆରେ ଦାବି କରାଯାଇଛି।

## ବାଇକ୍ ଓଭରଟେକ୍ ଘଟଣାକୁ ନେଇ ପୋଡ଼ାଜଳା ଓ ଭଙ୍ଗାରୁଜା, ୧୭ ଗିରଫ

ଅହମଦାବାଦ: ଗୁଜରାଟର ଅହମଦାବାଦ ଜିଲ୍ଲାର ଧନ୍ଧୁକା ସହରରେ ଏକ ବାଇକ୍ ଓଭରଟେକ୍ ଘଟଣାକୁ ନେଇ ବିବାଦରେ ଜଣେ ୩୫ ବର୍ଷୀୟ ବ୍ୟକ୍ତିଙ୍କ ମୃତ୍ୟୁ ଘଟିବା ପରେ ହିଂସା ଆରମ୍ଭ ହୋଇଥିଲା। ଦୋକାନ ଓ ଗାଡିରେ ନିଆଁ ଲଗାଇ ଦିଆଯାଇଥିଲା, ଯାହା ବ୍ୟବସାୟୀମାନଙ୍କୁ ସେମାନଙ୍କ ବ୍ୟବସାୟ ବନ୍ଦ କରିବାକୁ ବାଧ କରିଥିଲା। ଏହି ଘଟଣାରେ ୧୭ ଜଣଙ୍କୁ ଗିରଫ କରାଯାଇଛି।

ଜିଲ୍ଲା ପୁଲିସ ସୁପରିଣ୍ଟେଣ୍ଡେଣ୍ଟ ଓମ୍ ପ୍ରକାଶ ଜାଠଙ୍କ ନେତୃତ୍ୱରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିବାରେ ସଫଳ ହୋଇଥିଲା। ଏହି ହତ୍ୟାକାଣ୍ଡ ମାମଲାରେ ଦୁଇ ମୁଖ୍ୟ ଅଭିଯୁକ୍ତ ସମୀର ଓ ରିଜୱାନଙ୍କ ସମେତ ଅନ୍ୟ ୧୫ ଜଣଙ୍କୁ ପୋଡ଼ାଜଳା ଓ ଭଙ୍ଗାରୁଜା ଅଭିଯୋଗରେ ଗିରଫ କରାଯାଇଥିଲା।ଏହି ଘଟଣା ସେତେବେଳେ ଆରମ୍ଭ ହୋଇଥିଲା ଯେତେବେଳେ ଧର୍ମେଶ ନାମକ ଜଣେ ସ୍ଥାନୀୟ ବାସିନ୍ଦା ବାଇକ୍ ଓଭରଟେକ୍ କରିବା ନେଇ ଦୁଇ ଅଣହିନ୍ଦୁ ଯୁବକଙ୍କ ସହ ଯୁକ୍ତିତର୍କ କରିଥିଲେ।

ଏହି ସଂଘର୍ଷ ହିଂସାତ୍ମକ ରୂପ ନେଇଥିଲା ଏବଂ ତାଙ୍କୁ ଛୁରୀରେ ହତ୍ୟା କରାଯାଇଥିଲା, ଯାହା ଏହି ଅଞ୍ଚଳରେ କ୍ରୋଧ ସୃଷ୍ଟି କରିଥିଲା ଏବଂ ହିଂସା ଦ୍ରୁତ ଗତିରେ ବୃଦ୍ଧି ପାଇଥିଲା। ଏହା ପରେ କ୍ରୋଧିତ ଜନତା ବଜାରରେ ଥିବା ଦୋକାନଗୁଡ଼ିକରେ ନିଆଁ ଲଗାଇ ଦେଇଥିଲେ ଏବଂ ବ୍ୟବସାୟୀମାନଙ୍କୁ ଶୀଘ୍ର ସେମାନଙ୍କ ପ୍ରତିଷ୍ଠାନ ବନ୍ଦ କରିବାକୁ କହିଥିଲେ। ପୁଲିସ କହିଛି ଯେ, ତଦନ୍ତ ଚାଲିଛି ଏବଂ ଅଟକ ଥିବା ଲୋକଙ୍କୁ ପଚରାଉଚରା କରାଯାଉଛି। ଗୁଜବ ପ୍ରଚାର ନ କରିବାକୁ ଏବଂ କର୍ତ୍ତୃପକ୍ଷଙ୍କୁ ସହଯୋଗ କରିବାକୁ ଅଧିକାରୀମାନେ ନିବେଦନ କରିଛନ୍ତି। ପ୍ରଶାସନ କହିଛି ଯେ ପରିସ୍ଥିତି ବର୍ତ୍ତମାନ ନିୟନ୍ତ୍ରଣରେ ଅଛି, ଅଧିକ ଅଶାନ୍ତିକୁ ରୋକିବା ପାଇଁ ସୁରକ୍ଷା କଡ଼ାକଡ଼ି କରାଯାଇଛି।

## ତାମିଲନାଡୁରେ ବାଣ ବିସ୍ଫୋରଣ, ଅନେକ ମୃତ

ତାମିଲନାଡୁ : ତାମିଲନାଡୁ ବିରୁଧନଗର ବାଣ କାରଖାନାରେ ବିସ୍ଫୋରଣ ହୋଇଛି । ବିସ୍ଫୋରଣରେ ୧୬ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନେକ ଗୁରୁତର ରହିଛନ୍ତି । କାରଖାନା ଭିତରେ ଅନେକ କର୍ମଚାରୀ ଫସିଥିବା ଆଶଙ୍କା କରାଯାଉଛି । ମୃତ୍ୟୁ ସଂଖ୍ୟା ଆଗକୁ ବଢିପାରେ ବୋଲି ଅନୁମାନ କରାଯାଉଛି । ଘଟଣା ସ୍ଥଳରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ତେବେ ବିସ୍ଫୋରଣ ଯୋଗୁଁ ଲୋକମାନେ ଏତେତେଣେ ଦୌଡିଥିଲେ । ବିସ୍ଫୋରଣ ଯୋଗୁଁ ଭୟଙ୍କର ନିଆଁ ଦେଖାଦେଇଛି । ଏହାପୂର୍ବରୁ ଫେବୃଆରୀରେ ଆନ୍ଧ୍ରପ୍ରଦେଶରେ ଏଭଳି ଅଘଟଣ ଘଟିଥିଲା । ବାଣ କାରଖାନାରେ ବିସ୍ଫୋରଣ ଯୋଗୁଁ ଅତିକମରେ ୧୮ ଜଣଙ୍କ ଜୀବନ ଚାଲିଯାଇଥିଲା ।

## ଶ୍ରୀନଗର ଏୟାରପୋର୍ଟରେ ଦୁଇ ଆମେରିକୀୟ ନାଗରିକ ଅଟକ, ଚେକିଂ ବେଳେ ମିଳିଲା ସାଟେଲାଇଟ୍ ଫୋନ୍

ଜମ୍ମୁ କଶ୍ମୀର : ଶ୍ରୀନଗର ଏୟାରପୋର୍ଟରୁ ୨ ଜଣ ଆମେରିକୀୟ ନାଗରିକଙ୍କୁ ପୋଲିସ ଗିରଫ କରିଛି । ଏମାନଙ୍କ ଠାରୁ ଜିନିଷ ଯାଞ୍ଚ ବେଳେ ସାଟେଲାଇଟ ଫୋନ ମିଳିଛି । ଏୟାରପୋର୍ଟ ସିକ୍ୟୁରିଟି ପ୍ରଥମେ ପଚରାଉଚରା କରିବା ପରେ ପୋଲିସକୁ ହସ୍ତାନ୍ତର କରିଛି । ସେମାନେ ଆମେରିକାର ମାଣ୍ଟାନା ରାଜ୍ୟର ବୋଲି ଜଣାପଡିଛି । ଖବର ମୁତାବକ, ଏୟାରପୋର୍ଟରେ ପ୍ରତିଦିନ ଭଳି ସିକ୍ୟୁରିଟି ଯାଞ୍ଚ ବେଳେ ଆମେରିକୀୟ ନାଗରିକଙ୍କ ଜିନିଷ ସ୍କାନ କରାଯାଇଥିଲା । ସେମାନଙ୍କ ବ୍ୟାଗରେ ଗାର୍ମିନ କମ୍ପାନୀର ଏକ ସାଟେଲାଇଟ ଫୋନ ମିଳିଥିଲା । ଏହି କମ୍ପାନୀର ଫୋନ ଜିପିଏସ ଏବଂ ସାଟେଲାଇଟ ଡିଭାଇସ ନିର୍ମାଣ କରେ । ତେଣୁ ସେମାନଙ୍କୁ ତୁରନ୍ତ ଅଟକା ଯାଇଥିଲା ଏବଂ ସୁରକ୍ଷାକର୍ମୀ ଯାଞ୍ଚ କରିଥିଲେ । ତେବେ ଏମାନେ ଆମେରିକାରୁ ଶ୍ରୀନଗର କାହିଁକି ଆସିଥିଲେ ଏବଂ ଏମାନଙ୍କ ପାଖରେ ସାଟେଲାଇଟ ଫୋନ କ'ଣ କରୁଛି, ତାହା ଯାଞ୍ଚ ଚାଲିଛି ।

## ଭାରତୀୟ ଜାହାଜକୁ ଖୋଲା ଧମକ ଦେଲା ଇରାନ

ନୂଆଦିଲ୍ଲୀ, ୧୯ ।୪: ମଧ୍ୟପ୍ରାଚ୍ୟରେ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ପଥ ହର୍ମୁଜ ପ୍ରଣାଳୀରେ ପୁଣି ଥରେ ଉତ୍ତେଜନା ଦେଖାଦେଇଛି। ସମ୍ପ୍ରତି, ଇରାନର ସାମରିକ ବାହିନୀ (ଓଜଏଉ) ଏହି ପଥ ଦେଇ ଯାଉଥିବା ଏକ ଭାରତୀୟ ଜାହାଜକୁ ଅଟକାଇ ତୁରନ୍ତ ଫେରିବାକୁ ନିର୍ଦ୍ଦେଶ ଦେଇଛି। ଭାରତୀୟ ଜାହାଜର କ୍ୟାପ୍ଟେନ ଏବଂ ଓଜଏଉ ନୌସେନା କମାଣ୍ଡରଙ୍କ ମଧ୍ୟରେ ସମ୍ପୂର୍ଣ୍ଣ ଆଦାନପ୍ରଦାନର ଏକ ଅଡିଓ ରେକର୍ଡିଂ ସାମ୍ନାକୁ ଆସିଛି। 'ଭାଗ୍ୟ ଲକ୍ଷ୍ମୀ' ନାମକ ଭାରତୀୟ ଜାହାଜର କର୍ମଚାରୀମାନେ ଇରାନୀ ନୌସେନା ସହିତ ଏହି ଆଲୋଚନାର ସମ୍ପୂର୍ଣ୍ଣ ପ୍ରତିଲିପି ସେୟାର କରିଛନ୍ତି। ଅଡିଓ ରେକର୍ଡିଂରେ ସ୍ପଷ୍ଟ ଭାବରେ ଇରାନୀ କ୍ୟାପ୍ଟେନ କହିଛନ୍ତି ଯେ ହରମୁଜ ପ୍ରଣାଳୀ ବର୍ତ୍ତମାନ ବନ୍ଦ ଅଛି ଏବଂ କୌଣସି ଜାହାଜକୁ ଯିବାକୁ ଅନୁମତି ନାହିଁ; ତେଣୁ ସେ ଜାହାଜକୁ ତୁରନ୍ତ ଫେରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଭାରତୀୟ କ୍ୟାପ୍ଟେନ ନିର୍ଦ୍ଦେଶକୁ ସ୍ୱୀକାର କରିଛନ୍ତି, ନିଶ୍ଚିତ କରିଛନ୍ତି ଯେ ସେ ହରମୁଜ ପ୍ରଣାଳୀ ବନ୍ଦ ରହିଛି ବୋଲି ବାର୍ତ୍ତା ପୁନରାବୃତ୍ତି କରୁଛନ୍ତି ; ଯେଉଁଠାରେ ଇରାନୀ କ୍ୟାପ୍ଟେନ ସମ୍ମତି ଦେଇଛନ୍ତି। ପରବର୍ତ୍ତୀ ସମୟରେ, ଜାହାଜଟି

## ଇରାନ ସହିତ ଆଲୋଚନା ପାଇଁ ପାକିସ୍ତାନ ଆସିପାରନ୍ତି ଭାନ୍ସ

ୱାସିଂଟନ: ପାକିସ୍ତାନରେ ଇରାନ ଓ ଆମେରିକା ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ଶାନ୍ତି ଆଲୋଚନା ପାଇଁ ପ୍ରସ୍ତୁତି ଚାଲିଛି। ଆମେରିକା ପକ୍ଷରୁ ଏହି ଆଲୋଚନା ପାଇଁ ସକାରାତ୍ମକ ମନ୍ତବ୍ୟ ରହିଥିବାବେଳେ ଇରାନ କିଛି ସ୍ପଷ୍ଟ କରିନାହିଁ। ଆମେରିକା ପ୍ରତିନିଧି ଦଳ ସୋମବାର ଇସଲାମାବାଦରେ ପହଞ୍ଚି ପାରନ୍ତି ବୋଲି କୁହାଯାଉଥିବାବେଳେ ଏଥର ଆମେରିକା ପ୍ରତିନିଧି ଦଳରେ ଉପରାଷ୍ଟ୍ରପତି ଜେଡି ଭାନ୍ସ ରହିବେ କି ନାହିଁ ତାକୁ ନେଇ ଦ୍ୱନ୍ଦ୍ୱ ଲାଗି ରହିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରବିବାର ଅତିକମ୍‌ରେ ଦୁଇଟି ସାକ୍ଷାତକାରରେ ଭାନ୍ସ ଇସଲାମାବାଦ ଆସୁନଥିବା କହିଛନ୍ତି। ସୁରକ୍ଷା କାରଣରୁ ଭାନ୍ସଙ୍କୁ ଏହି ଗସ୍ତରେ ସାମିଲ କରାଯାଇନାହିଁ ବୋଲି କହିଥିଲେ। ?ତେବେ ହ୍ୱାଇଟ ହାଉସ୍ ପକ୍ଷରୁ ଏକ ନ୍ୟୁଜ ଚାନେଲକୁ କୁହାଯାଇଛି ଯେ, ଭାନ୍ସ ଓ ଟ୍ରମ୍ପଙ୍କ ସ୍ୱତନ୍ତ୍ର ପ୍ରତିନିଧି ଷ୍ଟିଭ୍ ୱିଟ୍‌କଫ୍ ଓ ଜାରେଡ କୁଶନର ସୋମବାର ପାକିସ୍ତାନ ଯିବେ। ଅନ୍ୟପକ୍ଷରେ ଟ୍ରମ୍ପ ନିଜେ ଇରାନ ସହିତ ଆଲୋଚନାରେ ସାମିଲ ହେବାକୁ ଚାହୁଁଥିଲେ। କିନ୍ତୁ ଆମେରିକା ସିକ୍ରେଟ ସର୍ଭିସ ଉଭୟ ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି ଏକା ସାଙ୍ଗରେ ପାକିସ୍ତାନ ଗସ୍ତ କରିବାକୁ ସମର୍ଥନ କରିନାହାନ୍ତି।

## ଇରାନକୁ ଟ୍ରମ୍ପଙ୍କ ଅନ୍ତିମ ଚେତାବନୀ:ସର୍ତ୍ତ ମାନିବା ପାଇଁ ଶେଷ ସୁଯୋଗ

ୱାସିଂଟନ: ଯଦି ଇରାନ ୟୁରାନିୟମ ସମୃଦ୍ଧୀକରଣ ଏବଂ ସାମୁଦ୍ରିକ ନିୟନ୍ତ୍ରଣ ଉପରେ ଆମେରିକାର ସର୍ତ୍ତ ମାନିବାକୁ ମନା କରେ, ତେବେ ଆମେରିକା ଆଲୋଚନାରୁ ଆକ୍ରମଣକୁ ଓହ୍ଲାଇବ ଏବଂ ଇରାନ ଏହାର ଭୟାନକ ପରିଣତି ଭୋଗିବାକୁ ବାଧ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚେତାବନୀ ଦେଇଛନ୍ତି। ସେ କହିଛନ୍ତି ଯେ ସର୍ତ୍ତମାନିବା ପାଇଁ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ହିଁ ଇରାନ ପାଇଁ ଶେଷ ସୁଯୋଗ। ଇସଲାମାବାଦରେ ଚାଲିଥିବା ବର୍ତ୍ତମାନର କୂଟନୈତିକ ପ୍ରୟାସ ଉପରେ ସମଗ୍ର ବିଶ୍ୱର ନଜର ରହିଥିବା ବେଳେ ରାଷ୍ଟ୍ରପତି ଟ୍ରମ୍ପଙ୍କ ଆକ୍ରମଣାତ୍ମକ ଆଭିମୁଖ୍ୟ ଏହି ପ୍ରକ୍ରିୟାକୁ ଅଧିକ ଜଟିଳ କରିଦେଇଛି। ହ୍ୱାଇଟ୍ ହାଉସ୍ ପାରମ୍ପାରିକ କୂଟନୀତିର ସୀମା ପାର କରିସାରିଛି ବୋଲି ଆଜି ଇରାନକୁ ସଙ୍କେତ ଦେଇଛି ଏବଂ ବୁଧବାର ସୁଦ୍ଧା ଚୁକ୍ତିରେ ପହଞ୍ଚିବାକୁ ଇରାନ ବାଧ ବୋଲି ଟ୍ରମ୍ପଙ୍କ ବୟାନ ପୁଣି ଉତ୍ତେଜନା ବଢ଼ାଇ ଦେଇଛି। ଆମେରିକାର ସ୍ୱତନ୍ତ୍ର ଦୂତ ଷ୍ଟିଭ୍



ୱିଟକୋଫ୍ ଏବଂ ଜାରେଡ୍ କୁଶନର୍ ?ଙ୍କ ନେତୃତ୍ୱରେ ଆମେରିକୀୟ ପ୍ରତିନିଧି ଦଳ ଆସନ୍ତାକାଲି ଇସଲାମାବାଦ ପହଞ୍ଚିବେ। ସେରେନା ହୋଟେଲ ଏବଂ 'ରେଡ୍ ଜୋନ୍' ଚତୁଃପାର୍ଶ୍ୱରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଉକ୍ତ ଅଂଚଳରେ ମୋବାଇଲ୍ ସିଗ୍ ?ନାଲ ଜାମ୍ କରାଯାଇଛି ଏବଂ ଯାନ ଚଳାଚଳ ଉପରେ ମଧ୍ୟ କଟକଣା ଲଗାଯାଇଛି। ଇରାନକୁ ତାର ସମସ୍ତ ସମୃଦ୍ଧ ୟୁରାନିୟମ ଗଚ୍ଛିତ ଭଣ୍ଡାର ହସ୍ତାନ୍ତର କରିବାକୁ ଆମେରିକା ସର୍ତ୍ତ ରଖିଛି ଏବଂ ଇରାନ ସଂସଦର ବାଚସ୍ପତି ମହମ୍ମଦ ବାଘେର ଗାଲିବାଫ୍ ଏହାକୁ ଅସମ୍ଭବ ବୋଲି ଦର୍ଶାଇ ପ୍ରତ୍ୟାଖ୍ୟାନ କରିଛନ୍ତି। ଅନ୍ୟପକ୍ଷରେ ତେହେରାନ ଆମେରିକାର ସାମୁଦ୍ରିକ ଅବରୋଧର ତୁରନ୍ତ ଅନ୍ତ ଦାବି କରିଛି, । ଉଲ୍ଲଂଘନ ଏବଂ ଅସ୍ଥିରତା ହର୍ମୁଜ ପ୍ରଣାଳୀରେ ଗୁଳି ବିନିମୟ ଏବଂ ଜାହାଜଗୁଡ଼ିକ ଉପରେ ଆକ୍ରମଣ ପରେ ପରିବେଶ ଆହୁରି ତିକ୍ତ ହୋଇଛି। ରାଷ୍ଟ୍ରପତି ଟ୍ରମ୍ପ ଅଭିଯୋଗ କରିଛନ୍ତି ଯେ ଇରାନ ସେନା ଶନିବାର ଦିନ ବିଭିନ୍ନ ଜାହାଜ ଉପରେ ଗୁଳି ଚଳାଇ ଦୁଇ ସପ୍ତାହର ଅସ୍ତ୍ରବିରତିକୁ ସମ୍ପୂର୍ଣ୍ଣ ଉଲ୍ଲଂଘନ କରିଛି। ତେହେରାନ ଯଦିଓ ଦାବି କରୁଛି ଯେ ଏହା କେବଳ ଅନଧିକୃତ ପ୍ରବେଶ ବିରୁଦ୍ଧରେ ନିଜର ସାମୁଦ୍ରିକ ସାର୍ବଭୌମତ୍ୱକୁ ରକ୍ଷା କରୁଥିଲା, କିନ୍ତୁ ଏହି ଘଟଣା ୱାସିଂଟନକୁ ପୁଣି ଥରେ ସାମରିକ କାର୍ଯ୍ୟାନୁଷ୍ଠାନ ପାଇଁ ଏକ ସୁଯୋଗ ଦେଇଛି ।ଏହି ସଙ୍କଟ ସମୟରେ ପାକିସ୍ତାନ ଫିଲ୍ଡ ମାର୍ଶଲ ଅସୀମ ମୁନୀରଙ୍କ ଭୂମିକା ଏବେ ଚର୍ଚ୍ଚାରେ ରହିଛି। ପାକିସ୍ତାନର ରାଜନେତାଙ୍କୁ ପଛରେ ପକାଇ ସେ କୂଟନୀତିରେ ଶ୍ରେୟ ନେବାକୁ ଜୋର୍‌ଦାର ପ୍ରୟାସ ଚଳାଇଛନ୍ତି। ପାକିସ୍ତାନୀ ସେନା ମୁଖ୍ୟଙ୍କ ପ୍ରତି ଟ୍ରମ୍ପଙ୍କ ସର୍ବସାଧାରଣ ପ୍ରଶଂସା ମଧ୍ୟ ଚର୍ଚ୍ଚାରେ ରହିଛି।

## ପୁଷ୍କର ଘାଟିରେ ୧୫୦ ଫୁଟ ତଳକୁ ଖସିଲା ବସ୍, ଚାଲିଗଲା ୨ ଜୀବନ

ଆଜମେର : ରାଜସ୍ଥାନ ଆଜମେର ଜିଲ୍ଲାରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ଆଜମେର ଜିଲ୍ଲା ସ୍ଥିତ ପ୍ରସିଦ୍ଧ ତୀର୍ଥ ସ୍ଥଳ ପୁଷ୍କର ପାହାଡରୁ ଅନିୟନ୍ତ୍ରିତ ହୋଇ ଖସିଲା ବସ୍ । ଫଳରେ ଦୁଇ ଜଣକ ଜୀବନ ଚାଲିଯାଇଥିବା ବେଳେ ୧୨ରୁ ଅଧିକ ଆହତ ହୋଇଛନ୍ତି । ସମସ୍ତଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଖବର ମୁତାବକ, ଏକ ଘରୋଇ ବସ୍ ପୁଷ୍କର ଘାଟିର ବିପଦପୂର୍ଣ୍ଣ ମୋଡରେ ଯାଉଥିବା ବେଳେ ଅନିୟନ୍ତ୍ରିତ ହୋଇ ୧୫୦ ଫୁଟ ଖାଇକୁ ଖସିପଡିଥିଲା । ବସରେ ମୋଟ ୩୧ ଜଣ ଯାତ୍ରୀ ଥିଲେ । ସ୍ଥାନୀୟ ଲୋକ ତୁରନ୍ତ ଉଦ୍ଧାର କାର୍ଯ୍ୟ କରିତିଲେ । ପୁଷ୍କର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମଧ୍ୟ ରେସକ୍ୟୁ ଅପରେସନ କରିଥିଲା । ବହୁତ କଠିନ ପରିଶ୍ରମ କରିବା ପରେ ଆହତଙ୍କୁ ବସ ଭିତରୁ ଉଦ୍ଧାର କରାଯାଇଥିଲା । ସେମାନଙ୍କୁ ଆମ୍ବୁଲାନ୍ସ ଜରିଆରେ ହସପିଟାଲରେ ଭର୍ତ୍ତି କରାଯାଇଥିଲା । ଏମାନଙ୍କ ଭିତରୁ ଜଣେ ପିଲା ସମେତ ଦୁଇ ଜଣଙ୍କ ଜୀବନ ଚାଲିଯାଇଥିବା ବେଳେ ୫ ଜଣ ଗୁରୁତର ରହିଛନ୍ତି । ଏମାନଙ୍କୁ ଆଜମେର ଜବାହରଲାଲ ନେହରୁ ହସପିଟାଲରେ ଭର୍ତ୍ତି କରାଯାଇଛି । ପୋଲିସ ବସକୁ ଜବତ କରି ଯାଞ୍ଚ ଆରମ୍ଭ କରିଛି ।

# ଚେନ୍ନାଇକୁ ୧୦ ରନରେ ହରାଇଲା ହାଇଦ୍ରାବାଦ



ନୂଆଦିଲ୍ଲୀ : ଚେନ୍ନାଇକୁ ହରାଇଲା ହାଇଦ୍ରାବାଦ । ଉଝକକୁ ୧୦ ରନରେ ହରାଇଲା ଝଜଐ । ୧୯୫ ରନର ବିଜୟ ଲକ୍ଷ୍ୟ ରହିଥିବାବେଳେ ଚେନ୍ନାଇ ୮ ୱିକେଟ୍ ହରାଇ ୧୮୪ ରନ୍ କରିବାରେ ସକ୍ଷମ ହୋଇଛି । ହାଇଦ୍ରାବାଦ ପକ୍ଷରୁ ଇଶାନ ମଲିଙ୍ଗା ୩, ନୀତିଶ କୁମାର ରେଡ୍ଡି ୨, ଶାକିବ୍ ହୁସେନ୍, ଶିଭାଙ୍ଗ କୁମାର ଏବଂ ପ୍ରଫୁଲ ହିଙ୍ଗେ ଗୋଟିଏ ଲେଖାଏଁ ୱିକେଟରେ ନେବାରେ ସଫଳ ହୋଇଛନ୍ତି । ଶେଷ ଓଭର ଗୁଡ଼ିକରେ କମ୍ବୁଜ ଦଳକୁ ଜିତାଇବା ପାଇଁ ପ୍ରୟାସ କରିଥିଲେ । ସେ ୮ ବଲରୁ ୧୩ କରିଥିଲେ ତଥାପି ଦଳକୁ ଜିତାଇ ପାରିନଥିଲେ । ୧୯୫ ରନକୁ ପିଛା କରୁଥିବାବେଳେ ଚେନ୍ନାଇ ଓପନର ସଞ୍ଜୁ ସାମସନ ମାତ୍ର ୭ ରନ କରି ଆଉଟ୍ ହୋଇଥିଲେ । ଏହାସହ ସାଥୀ ଖେଳାଳି ଅଧିନାୟକ ରତୁରାଜ ଗାଏକ୍ୱାଡ ୧୯ ରନ କରିବାରେ ସକ୍ଷମ ହୋଇଥିଲେ । ଦଳର ବାକି ବ୍ୟାଟ୍ସମ୍ୟାନଙ୍କ ମଧ୍ୟରେ ଆୟୁଷ ମାହତ୍ରେ ୩୦, ସର୍ଫରାଜ ଖାନ ୨୫ କରିଥିଲେ। ଦଳର ଭରଷାଯୋଗ୍ୟ ବ୍ୟାଟ୍ସମ୍ୟାନ୍ ବ୍ରେଭିସ୍ ଆଜି ଖାତା ଖୋଲିବା ପୂର୍ବରୁ ଆଉଟ୍ ହୋଇଥିଲେ । ଟିମ୍ ସେଫର୍ଟ ଏବଂ ଶିଭମ ଦୁବେ ଦଳ ପାଇଁ ସଂଘର୍ଷ କରିଥିଲେ । ଦୁବେ ୨୧ ରନ କରିଥିବାବେଳେ ସେଫର୍ଟ ୩୪ ରନ କରିଥିଲେ ।

ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା ଚେନ୍ନାଇ । ହାଇଦ୍ରାବାଦକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା । ୯ ୱିକେଟରେ ୧୯୪ ରନ କରିଥିଲା ହାଇଦ୍ରାବାଦ । ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା ଚେନ୍ନାଇ । ହାଇଦ୍ରାବାଦକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା । ହାଇଦ୍ରାବାଦର ଦୁଇ ଓପନର ବ୍ୟାଟ୍ସମ୍ୟାନ ଭଲ ଆରମ୍ଭ କରିଥିଲେ । ହେଡ ୨୩ ରନ କରିଥିବାବେଳେ ଅଭିଶେକ ଶର୍ମା ୫୯ ରନ କରିବାରେ ସକ୍ଷମ ହୋଇଥିଲେ ।

ଅଧିନାୟକ ଇଶାନ କିଷନ ଆଜିର ମ୍ୟାଚ୍‌ରେ ଖାତା ଖୋଲିନଥିବାବେଳେ ପରେ ପରେ କ୍ଲାସେନ ୫୯ ରନ କରିଥିଲେ। ବାକି ବ୍ୟାଟ୍ସମ୍ୟାନଙ୍କ ମଧ୍ୟରେ ନିଶିତ କୁମାର ରେଡ୍ଡି ୧୨, ଶଲିଲ ଅରୋରା ୧୩ ରନ କରିଛଥିଲେ । ଦଳର ବାକି କୌଣସି ଖେଳାଳି ବଡ଼ ପାଳି ଖେଳିନାହାନ୍ତି । ସେପଟେ ଚେନ୍ନାଇ ପକ୍ଷରୁ କମ୍ବୁଜ୍ ସର୍ବାଧିକ ୩ ୱିକେଟ୍ ନେଇଥିବାବେଳେ ମୁକେଶ ଚୌଧୁରୀ ୨ ଏବଂ ଗୁରମିତ ସିଂହ ଗୋଟିଏ ୱିକେଟରେ ସନ୍ତୁଷ୍ଟ ହୋଇଥିଲେ ।

# ସି.ଏମ୍. ଟ୍ରଫି ନିମନ୍ତେ ଜିଲ୍ଲାସ୍ତରୀୟ କ୍ରୀଡା ପ୍ରତିଯୋଗିତା ଆରମ୍ଭ



ଢେଙ୍କାନାଳ,୧୯।୪: ଚଳିତ ବର୍ଷ ସି.ଏମ୍. ଟ୍ରଫି ହାସଲ ନିମନ୍ତେ ଜିଲ୍ଲା ସ୍ତରୀୟ କ୍ରୀଡା ପ୍ରତିଯୋଗିତା ଆରମ୍ଭ ହୋଇଛି । କ୍ରୀଡ଼ା ଓ ଯୁବ ସେବା ବିଭାଗ ଓ ଜିଲ୍ଲା କ୍ରୀଡ଼ା ସଂଘର ମିଳିତ ଆନୁକୂଲ୍ୟରେ ଢେଙ୍କାନାଳ ମୁଖ୍ୟ ଷ୍ଟାଡ଼ିୟମ ଠାରେ ଆଜି ସକାଳେ ଆୟୋଜିତ ଏହି ଜିଲ୍ଲା ସ୍ତରୀୟ କ୍ରୀଡା ମହାକୁମ୍ଭକୁ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠି ଶୁଭାରମ୍ଭ କରିଥିଲେ । ଏହି କ୍ରୀଡା ପ୍ରତିଯୋଗିତା, ଗ୍ରାମାଞ୍ଚଳ ସହିତ ସମଗ୍ର ଜିଲ୍ଲାରେ ଲୁଚି ରହିଥିବା କ୍ରୀଡା ପ୍ରତିଭାର ଉନ୍ମେଷ ଘଟାଇ , ରାଜ୍ୟ ତଥା ଜାତୀୟ ସ୍ତରରେ କ୍ରୀଡାବିତମାନଙ୍କୁ ପ୍ରତିଷ୍ଠିତ କରାଇପାରିବ ବୋଲି ସେ ପ୍ରକାଶ କରିଥିଲେ । ଜିଲ୍ଲା ପରିଷଦର ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । କ୍ରୀଡା ଅଭ୍ୟାସ ଦ୍ୱାରା ଶାରିରୀକ କ୍ଷମତା ବୃଦ୍ଧି ହେବା ସହ ନିୟମିତ ଅଭ୍ୟାସ ଫଳରେ ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ପ୍ରତିଷ୍ଠା ଆଣିଦେବ ବୋଲି ସେ ମତବ୍ୟକ୍ତ କରିଥିଲେ । ନିୟମିତ ଅଭ୍ୟାସ କରି ନିଜକୁ ପ୍ରତିଷ୍ଠିତ କରିବା ପାଇଁ ସେ ପିଲାମାନଙ୍କୁ ଉତ୍ସାହିତ କରିଥିଲେ । ପ୍ରାରମ୍ଭରେ ଜିଲା କ୍ରୀଡା ସଂଘର ସଂପାଦକ ନଳିନୀ କୁମାର ଦାଶ, ଏହି କ୍ରୀଡା ସମାରୋହରେ କବାଡ଼ି, ଭଲିବଲ୍, ଖୋ-ଖୋ ଏବଂ ଫୁଟବଲ ଖେଳ ପ୍ରତିଯୋଗିତାରେ ସମସ୍ତ ବ୍ଲକ ଅଞ୍ଚଳର ମୋଟ୍ ୬୨ ଟି ଦଳ ଅଂଶ ଗ୍ରହଣ କରିଛନ୍ତି ଏବଂ ଏହା ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ସୂଚନା ଦେଇଛନ୍ତି । ଏହି ଉଦ୍ଘାଟନୀ କାର୍ଯ୍ୟକ୍ରମରେ ଉପ-ଜିଲ୍ଲାପାଳ ବିବୁଧ ଗଡ଼ନାୟକ, ଜିଲ୍ଲା କ୍ରୀଡା ଅଧିକାରୀ ଦୟାନିଧି ପାତ୍ର, ଜିଲ୍ଲା ଶାରିରୀକ ଶିକ୍ଷା ଅଧିକାରୀ ସୁଜାତା ପଟ୍ଟନାୟକ ପ୍ରମୁଖ ଯୋଗ କ୍ରୀଡାବିତ୍ ମାନଙ୍କୁ ଉତ୍ସାହିତ କରିଥିଲେ ।

# ବିଜୟ ଦେଲେ 'କିଲର୍ ମିଲର୍'



ନୂଆଦିଲ୍ଲୀ,୧୯।୦୪; କ୍ରିକେଟରେ ପ୍ରାୟତଃ କୁହାଯାଏ ଯେ, ଜଣେ ଖେଳାଳିଙ୍କୁ ତାଙ୍କର ଶେଷ ସଟ୍ ଦ୍ୱାରା ନୁହେଁ, ବରଂ ପରବର୍ତ୍ତୀ ସଟ୍ ଦ୍ୱାରା ବିଚାର କରାଯାଏ । କିଲର ମିଲର୍ ଭାବରେ ଜଣାଶୁଣା ଡେଭିଡ୍ ମିଲର୍ ପୁଣି ଥରେ ଏହାକୁ ପ୍ରମାଣିତ କରିଛି। କିଛି ଦିନ ତଳେ ସମାଲୋଚନାର ଶିକାର ହୋଇଥିଲେ । ଗୁଜରାଟ ଟାଇଟନ୍ସ ବିପକ୍ଷରେ ଶେଷ ୨ଟି ବଲରେ ୨ ରନ ସ୍କୋର କରିବାରେ ବିଫଳ ହେବା ପରେ ସେ ଭାଙ୍ଗିପଡିଥିଲେ । ଏହି ପରାଜୟ କେବଳ ସ୍କୋରବୋର୍ଡରେ ନାମ ଲେଖାଇ ନଥିବା ବରଂ ଫିନିସର ଭାବରେ ତାଙ୍କ ପ୍ରତିଛବି ଉପରେ ପ୍ରଶ୍ନ ଉଠାଇଥିଲା। କିନ୍ତୁ କ୍ରିକେଟରେ ଗୋଟିଏ ଜିନିଷ ଭଲ ଯାହା ତୁମକୁ ଦ୍ୱିତୀୟ ସୁଯୋଗ ଦେଇଥାଏ । ମିଲର ସେହି ସୁଯୋଗର ହାତଛଡା ନକରି ନିଜକୁ ପ୍ରମାଣିତ କରିଛନ୍ତି ।

ଘରୋଇ ମଇଦାନରେ ପ୍ରଥମ ପରାଜୟର ସମ୍ମୁଖୀନ ହୋଇଛି ଡିଫେଣ୍ଡିଂ ଚାମ୍ପିଅନ ବେଙ୍ଗାଲୁରୁ । ପ୍ରଥମ ୫ଟି ମ୍ୟାଚ୍‌ରୁ ୪ଟି ମ୍ୟାଚ୍ ଜିତି ପଏଣ୍ଟ ତାଲିକାର ଦ୍ୱିତୀୟ ସ୍ଥାନ ଦଖଲ କରିଥିବା ବେଙ୍ଗାଲୁରୁକୁ ଗତ ସିଜନ ଭଳି ଏଥର ମଧ୍ୟ ଦିଲ୍ଲୀ ପରାଜିତ କରିଛି । ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଅନୁଷ୍ଠିତ ଚଳିତ ଆଇପିଏଲ୍‌ରେ ୨୬ତମ ଲିଗ୍ ମୁକାବିଲାରେ ଦିଲ୍ଲୀ ୬ ୱିକେଟ୍‌ରେ ବିଜୟ ହାସଲ କରିଥିଲା । ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ବେଙ୍ଗାଲୁରୁ ୮ ୱିକେଟ୍ ହରାଇ ୧୭୫ ରନ ସଂଗ୍ରହ କରିଥିଲା । ଜବାବରେ ଦିଲ୍ଲୀ ୪ ୱିକେଟ୍ ହରାଇ ୧୭୯ ରନ କରି ବିଜୟ ହାସଲ କରିଥିଲା । ମ୍ୟାଚ୍ ବିଜୟୀ ଅର୍ଦ୍ଧଶତକ ପାଇଁ ଟ୍ରିଷ୍ଟନ ଷ୍ଟବ୍ସ ପ୍ଲେୟାର ଅଫ୍ ଦ ମ୍ୟାଚ୍ ବିବେଚିତ ହୋଇଥିଲେ । ଗୁଜରାଟ ବିପକ୍ଷରେ ଦିଲ୍ଲୀକୁ ଜିତାଇ ପାରି ନଥିବା ଡେଭିଡ୍ ମିଲର ସବୁ ବକେୟା ଭରଣା କରିଥିଲେ। । ଅନ୍ତିମ ଓଭରରେ ଦଳକୁ ବିଜୟ ପାଇଁ ୧୫ ରନ ଆବଶ୍ୟକ ହେଉଥିବାବେଳେ ମିଲର ୨ଟି ଛକା ଓ ଗୋଟିଏ ଚୌକା ମାରିଥିଲେ ଓ ଦିଲ୍ଲୀ ବିଜୟ ହାସଲ କରିଥିଲା । ଆରସିବି ବିପକ୍ଷରେ ଦିଲ୍ଲୀ ଅସୁବିଧାରେ ପଡିଥିଲା । ଏହି ସମୟରେ ମିଲର କ୍ରିଜରେ ଥିଲେ ଏଥର ଟିକେ ବି ତ୍ରୁଟି କଲେ ନାହିଁ ବରଂ ବ୍ୟାଟରେ ଜବାବ ଦେଇଥିଲେ । ୧୭୬ ରନରେ ଟାର୍ଗେଟକୁ ପିଛା କରୁଥିବା ୧୮ରନରେ ଦିଲ୍ଲୀ ୩ଟି ୱିକେଟ ହରାଇଥିଲା । ରାହୁଲ, ଷ୍ଟବ ଇନିଂସକୁ ସୁଧାରଥିଲେ। ଶେଷ ଓଭରରେ ବୋଲର ଥିଲେ ସେଫର୍ଡ । ସାମ୍ନାରେ ଥିଲେ କିଲର୍ ମିଲର । ସେହି ମିଲର ଯିଏ ଗୁଜରାଟ ବିପକ୍ଷରେ ୨ ରନ କରିପାରିନଥିଲେ। ଆରସିବି ବିପକ୍ଷରେ ୧୯.୩ରେ ଛକା, ୧୯.୪ରେ ପୁଣି ଛକା ଏବଂ ୧୯.୫ ବଲରେ ଚୌକା ମାରି ଦିଲ୍ଲୀକୁ ଦମଦାର ବିଜୟ ଦେଇଥିଲେ। । ୨୨୦ ଷ୍ଟ୍ରାଇକରେଟ୍‌ରେ ୨୨ରନ୍‌କରି ଅପରାଜିତ ରହିଥିଲେ ମିଲର୍।

# ଅଗରକରଙ୍କ କଣ୍ଟ୍ରାକ୍ଟ ବଢାଇବ ବିସିସିଆଇ

ନୂଆଦିଲ୍ଲୀ,୧୯/୦୪; ନିକଟରେ ଏକ ରିପୋର୍ଟ ଆସିଥିଲା ଟିମ୍ ଇଣ୍ଡିଆର ମୁଖ୍ୟ ଚୟନକର୍ତ୍ତା ଅଜିତ୍ ଅଗରକର ବିସିସିଆଇକ କାର୍ଯ୍ୟକାଳ ବଢାଇବାକୁ ଅନୁରୋଧ କରିଥିଲେ । ଏହା ପ୍ରଥମ ଥର ନୁହେଁ ଯେ, ଅଗରକର ବିସିସିଆଇକୁ ଏପରି ଅନୁରୋଧ କରିଥିଲେ ପୂର୍ବରୁ ସେ ଚୁକ୍ତି ବଢାଇ ସାରିଛନ୍ତି । ବର୍ତ୍ତମାନ ଟିମ୍ ଇଣ୍ଡିଆ ସହିତ ସେ ତାଙ୍କର ଚୁକ୍ତି ଜୁନ୍ ୨୦୨୬ ପର୍ଯ୍ୟନ୍ତ ରହିବେ । କିନ୍ତୁ ଏକ ରିପୋର୍ଟ ଆସିଛି ଯେ, ବିସିସିଆଇ ତାଙ୍କ ଚୁକ୍ତିକୁ ଗୋଟିଏ ବର୍ଷା ପାଇଁ ବଢାଇବ । ଫଳରେ ୨୦୨୭ ବିଶ୍ୱକପ ପର୍ଯ୍ୟନ୍ତ ଟିମ୍ ଇଣ୍ଡିଆର ଚିଫ୍ ସିଲେକ୍ଟର ରହିବେ ଅଜିତ୍ ଅଗରକର ।

।ତୀୟ ଗଣମାଧ୍ୟମ ଇଣ୍ଡିଆନ୍ ଏକ୍ସପ୍ରେସରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ଅଗରକରଙ୍କ ଚୁକ୍ତିନାମା ଜୁନ୍ ୨୦୨୭ ପର୍ଯ୍ୟନ୍ତ ଗୋଟିଏ ବର୍ଷ ବଢିବ । ଆସନ୍ତାବର୍ଷ ଅକ୍ଟୋବର ଏବଂ ନଭେମ୍ବରରେ ଦିନିକିଆ ବିଶ୍ୱକପ ହେବାକୁ ଯାଉଥିବାରୁ ବିସିସିଆଇ ନିଷ୍ପତ୍ତି ନେଇ ଅଗରକରଙ୍କୁ ଦୀର୍ଘ ସମୟ ପାଇଁ ରଖିବାକୁ ଆଗ୍ରହ ପ୍ରକାଶ କରିଛି । ବିସିସିଆଇର ଜଣେ ଅଧିକାରୀ କହିଛନ୍ତି, ଅଗରକରଙ୍କ କାର୍ଯ୍ୟକାଳ ମଧ୍ୟରେ ଦଳ ସୁଗମ ଭାବରେ ପରିବର୍ତ୍ତନ ହୋଇଛି । ସେ ନିର୍ଭୟରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି । ବୋର୍ଡ ଅନୁଭବ କରୁଛି କି ତାଙ୍କୁ ରହିବା ଦରକରା । ଆଇପିଏଲ ମ୍ୟାଚ୍ ସମୟରେ ବିସିସିଆଇ ଅଧିକାରୀମାନେ ତାଙ୍କ ସହିତ କଥା ହୋଇ ଅପଡେଟ୍ ପ୍ରଦାନ କରିବେ । ବୋର୍ଡ ନିରନ୍ତରତା ଏବଂ ଅଭିଜ୍ଞତା ଚାହୁଁଥିଲାସ ବିଶେଷ କରି ଦୁଇ ଚୟନକର୍ତ୍ତା, ଆର.ପି ସିଂହ ଏବଂ ପ୍ରଜ୍ଞାନ ଓଝା ଗୋଟିଏ ବର୍ଷ ପୁରଣ କରିନାହାନ୍ତି ।



ଚିଫ୍ ସିଲେକ୍ଟର ଭାବେ ଅଜିତ୍ ଅଗରକରଙ୍କ କାର୍ଯ୍ୟକାଳ- ଅଗରକର ଜୁନ୍ ୨୦୨୩ ମସିହାରୁ ପୁରୁଷ ସିନିୟର ଚୟନ କମିଟିର ଅଧ୍ୟକ୍ଷ ଅଛନ୍ତି । ତାଙ୍କ କାର୍ଯ୍ୟକାଳ ମଧ୍ୟରେ ଭାରତ ୩ଟି ଆଇସିସି ଟାଇଟଲ ଜିତିଛି । ଦୁଇଟି ଟି-ଟ୍ୱେଣ୍ଟି ବିଶ୍ୱକପ ଏବଂ ଗୋଟିଏ ଚାମ୍ପିଅନ୍ସ ଟ୍ରଫି । ଟେଷ୍ଟ ଫଳାଫଳ ଆଶାନୁରୂପ ହୋଇନାହିଁ । ଭାରତ ଘରୋଇ ସ୍ତରରେ କ୍ରମାଗତ ଦୁଇଟି ସିରିଜ ହାରିଛି । ଏବଂ ବିଦେଶରେ ବର୍ଡର-ଗାଭାସ୍କର ଟ୍ରଫି ମଧ୍ୟ ହାରିଛି । ଏହା ହ୍ୱାଇଟ୍ ବଲ କ୍ରିକେଟର ସଫଳତାକୁ କିଛିଟା ଧୂଳିସାତ୍ କରିଛି । ଯେଉଁଠାରେ ଭାରତ ୩୩ ମ୍ୟାଚ୍ ମଧ୍ୟରୁ କେବଳ ଦୁଇଟି ହାରିଛି । ୨୦୨୩ ଏବଂ ୨୦୨୫ ଏସିଆ କପ୍ ମଧ୍ୟ ଜିତିଛି ।

ତାଙ୍କ କାର୍ଯ୍ୟକାଳ ମଧ୍ୟରେ, ଭାରତ ୩ଟି ଫର୍ମାଟରେ ପରିବର୍ତ୍ତନ ଏକ ସମୟ ଦେଖିଛି । ଟେଷ୍ଟ, ଦିନିକିଆ ଏବଂ ଟି-ଟ୍ୱେଣ୍ଟି । ରୋହିତ ଶର୍ମା ଏବଂ ରବିଚନ୍ଦ୍ରନ ଅଶ୍ୱିନ ଏବଂ ବିରାଟ କୋହଲିଙ୍କ ପରି ଅଭିଜ୍ଞ ଖେଳାଳିମାନେ ଅତି କମରେ ଅବସର ଘୋଷଣା କରିଛନ୍ତି । କୋହଲି ଏବଂ ରୋହିତ କେବଳ ଦିନିକିଆ ଖେଳୁଛନ୍ତି । ରୋ-କୋ ୨୦୨୭ ଦିନିକିଆ ବିଶ୍ୱକପ ଖେଳିବେ ନା ନାହିଁ ତାହା ପ୍ରମୁଖ ପ୍ରଶ୍ନ ହୋଇ ରହିଛି ।

# ପ୍ରତିଷ୍ଠିତ କୋଚ୍‌ଙ୍କ ବିରୋଧରେ ନିର୍ଯାତନା ଅଭିଯୋଗ ଆଣିଲେ ନୀରଜ ଚୋପ୍ରା ଓ ସୁମିତ

ନୂଆଦିଲ୍ଲୀ,୧୯।୪(: ପାରା ଅଲିମ୍ପିକ୍ସରେ ଦେଶ ପାଇଁ ଜାଭେଲିନରେ ସ୍ୱର୍ଣ୍ଣ ଜିତିଥିବା ସୁମିତ ଅଣ୍ଟିଲ ଦ୍ରୋଣାଚାର୍ଯ୍ୟ ସମ୍ମାନ ଜିତିଥିବା କୋଚ୍ ନାଭାଲ ସିଂହଙ୍କ ବିରୋଧରେ ଆଣିଛନ୍ତି ମାନସିକ ନିର୍ଯାତନ ଓ ଦୁର୍ବ୍ୟବହାରର ଅଭିଯୋଗ। ଏନେଇ ସେ ଭାରତୀୟ କ୍ରୀଡା ପ୍ରାଧିକରଣ ବା ସାଇରେ ଗୋଟିଏ ଲିଖିତ ଅଭିଯୋଗ ଦାଖଲ କରିଛନ୍ତି। ସୁମିତ ଆଣିଥିବା ଅଭିଯୋଗକୁ ସମର୍ଥନ କରିଛନ୍ତି ଦେଶର ସୁନା ପୁଅ ନୀରଜ ଚୋପ୍ରା। କୋଚ୍ ନାଭାଲ ସିଂହଙ୍କ ଆଚରଣ ଖେଳାଳିମାନଙ୍କ ପ୍ରତି କ୍ଷତି କାରଣ ବୋଲି ନୀରଜ କହିଛନ୍ତି। ୨୦୨୦ ଟୋକିଓ ଅଲିମ୍ପିକ୍ସ ଓ ୨୦୨୪ ପ୍ୟାରିସ ଅଲିମ୍ପିକ୍ସରେ ସୁମିତ ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେ ଅଭିଯୋଗ କରିଛନ୍ତି ଯେ ନାଭାଲ ସିଂହ ବାରମ୍ବାର ତାଙ୍କୁ ଓ ନୀରଜ ଚୋପ୍ରାଙ୍କୁ ଟାର୍ଗେଟ କରି ଆସିଛନ୍ତି। କୋଚ୍ ଶ୍ରୀ ସିଂହ ସବୁସୀମା ଅତିକ୍ରମ କରି ସେମାନଙ୍କ ପରିବାର ସଦସ୍ୟଙ୍କ ପ୍ରତି ଦୁର୍ବ୍ୟବହାର ପ୍ରଦର୍ଶନ କରିଛନ୍ତି।ସେ କହିଛନ୍ତି, "କୋଚ୍ ଶ୍ରୀ ସିଂହ ଆମକୁ ମାନସିକ ନିର୍ଯାତନା ଦେଇଥିଲେ। ସେହିପରି ମୋର ଓ ନୀରଜଙ୍କ ପରିବାର ଲୋକଙ୍କୁ ମଧ୍ୟ ସେ ଖରାପ ବ୍ୟବହାର କରିଛନ୍ତି। ଲାଗୁଛି ସେ ମାନସିକ ସ୍ତରରେ ଠିକ ନାହାନ୍ତି। ସମୟକ୍ରମେ ସ୍ଥିତି ଅଧିକ ଜଟିଳ ହେବାରୁ ମୁଁ ବାଧ ହୋଇ ପ୍ରାଧିକୃତ ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଛି। କୋଚ୍‌ଙ୍କ ଦୁର୍ବ୍ୟବହାରର ଭିଡିଓକୁ ମୁଁ ଜାଣିଶୁଣି ଆମର ମ୍ୟାନେଜରମାନଙ୍କୁ ପଠାଇବାକୁ ଚାହିଁବି। ଏହାଦ୍ୱାରା ସେମାନେ ଆମ ପାଖରେ ପହଞ୍ଚି ପାରିବେ।"

ସୁମିତଙ୍କ ଲିଖିତ ଅଭିଯୋଗ ପହଞ୍ଚିଛି ଓ ଏହି ପ୍ରସଙ୍ଗର ବିଚାର ଅଧିକୃତ ସଂଘ କରିବ ବୋଲି ସାଇ ପକ୍ଷରୁ କୁହାଯାଇଛି। ସାଇ ସ୍ପଷ୍ଟ କରିଛି ଯେ ନାଭାଲ ସିଂହ ସଂସ୍ଥା ଦ୍ୱାରା ନିଯୁକ୍ତ ହୋଇ ନାହାନ୍ତି। ଜାତୀୟ କୋଚିଂ କ୍ୟାମ୍ପ ଅଧୀନରେ ତାଙ୍କୁ ଭାରତୀୟ ଦୌଡ କୁଦ ମହାସଂଘ ନିଯୁକ୍ତି ଦେଇଛି।



୨୦୧୫ରେ ନାଭାଲ ସିଂହ ଦ୍ରୋଣାଚାର୍ଯ୍ୟ ସମ୍ମାନରେ ସମ୍ମାନୀତ ହୋଇଥିଲେ। ଏବେ ସେ ସଚିନ ଯାଦବଙ୍କୁ କୋଚିଂ ଦେଉଛନ୍ତି। ଗତବର୍ଷ ସଚିନ ଯାଦବ ବିଶ୍ୱ ଜାଭେଲିନ ଚାମ୍ପିୟନଶିପର ୪ର୍ଥ ସ୍ଥାନରେ ରହିଥିଲେ। ନୀରଜ ଚୋପ୍ରା ୮ମକୁ ଖସି ଯାଇଥିଲା। ସୁମିତ ଓ ନୀରଜ ତାଙ୍କ ବିରୋଧରେ ଅଭିଯୋଗ କରିଥିଲେ ହେଁ ଏଯାଏ ନାଭାଲ ସିଂହ କୌଣସି ପ୍ରତିକ୍ରିୟା ଦେଇ ନାହାନ୍ତି। ସୁମିତ ଆଣିଥିବା ଅଭିଯୋଗକୁ ନୀରଜ ଚୋପ୍ରାଙ୍କ ବ୍ୟତୀତ ପାରା ଜାଭେଲିନ ଥ୍ରୋଏର୍ସ ନବଦୀପ ସିଂହ ଓ ସନ୍ଦୀପ ଚୌଧୁରୀ ମଧ୍ୟ ସମର୍ଥନ କରିଛନ୍ତି। ସୁମିତ କହିଛନ୍ତି, "ପ୍ରାୟ ସପ୍ତାହ ତଳେ ସାଇର ଡିଜି(ହରି ରଞ୍ଜନ ରାଓ) ଓ ଟିଓପିଏସ ସିଇଓଙ୍କ ନିକଟରେ ଅଭିଯୋଗ ଦାଖଲ କରିଥିଲି। ପ୍ରଥମ ଶୁଣାଣିରେ ଟିଓପିଏସ୍ ସିଇଓ ଏନଏସ୍ ଜୋହାଲ ଆମକୁ ବୁଝାମଣା କରିବାକୁ କହିଥିଲେ।

# ରାଜସ୍ଥାନକୁ ୪ ୱିକେଟରେ ହରାଇଲା କେକେଆର

ନୂଆଦିଲ୍ଲୀ,୧୯।୪: ଚଳିତ ଆଇପିଏଲରେ କୋଲକାତାର ପ୍ରଥମ ବିଜୟ । ରାଜସ୍ଥାନକୁ ୪ ୱିକେଟରେ ହରାଇଲା କୋଲକାତା । ୨ ବଲ ପୂର୍ବରୁ ୧୫୬ ରନର ବିଜୟ ଲକ୍ଷ୍ୟ ପୂରଣ କଲା କକଜ । ଦଳର ଉପଅଧିନାୟକ ରିଙ୍କୁ ସିଂହଙ୍କ ଦମଦାର ଅର୍ଦ୍ଧଶତକ ବଳରେ ଦଳ ଚାଖିଛି ଚଳିତବର୍ଷର ପ୍ରଥମ ବିଜୟ ସ୍ୱାଦ । ୩୪ ବଲରୁ ୫୩ ରନର ପାଳି ଖେଳିଛନ୍ତି ରିଙ୍କୁ । ତାଙ୍କ ସହ ଅନୁକୂଳ ରୟ ୧୬ ବଲରୁ ୩୯ ରନ କରି ଦଳର ବିଜୟ ପ୍ରମୁଖ ସାରଥୀ ପାଲଟିଛନ୍ତି ।



୧୫୬ ରନକୁ ପିଛା କରୁଥିବାବେଳେ କୋଲକାତା ପ୍ରଥମରୁ ବ୍ୟାଟିଂ ବିପର୍ଯ୍ୟୟର ସାମ୍ନା କରୁଥିଲା । ଦୁଇ ଓପନର ସେଫର୍ଟ ଏବଂ ରାହାଣେ ଖାତା ଖୋଲିବା ପୂର୍ବରୁ ଆଉଟ୍ ହୋଇଥିଲେ । ପରେ ରଘୁବଂଶୀ ଏବଂ ଗ୍ରୀନ କିଛି ସମୟ ଦଳର ସ୍କୋର ଆଗକୁ ବଢ଼ାଇଥିଲେ । ରଘୁବଂଶୀ ୧୯ ବଲରୁ ୧୦ ରନ୍ କରିଥିବାବେଳେ ଗ୍ରୀନ୍ ୧୩ ବଲରୁ ୨୭ ରନ କରିଥିଲେ । ରମଣଦୀପ ସିଂହ ୧୩ ବଲରୁ ୧୦ ରନ କରିଛନ୍ତି । ସେପଟେ ଜାଡେଜା ରାଜସ୍ଥାନ ପକ୍ଷରୁ ସର୍ବାଧିକ ୨ଟି ୱିକେଟ ନେଇଛନ୍ତି। ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା ରାଜସ୍ଥାନ ରାଜସ୍ଥାନ । ଦଳ ୯ ୱିକେଟ ହରାଇ ୧୫୫ ରନ୍ କରିଥିଲା। ଦଳର ଦୁଇ ଓପନର ଜୟସ୍ୱାଲ ଏବଂ ବୈଭବ ସୂର୍ଯ୍ୟବଂଶୀ ଭଲ ଆରମ୍ଭ କରିଥିଲେ । ଜୟସ୍ୱାଲ ୩୯ ରନ କରିଥିବାବେଳେ ସୂର୍ଯ୍ୟବଂଶୀ ୪୬ ରନ କରିଛନ୍ତି । ଦଳର ବାକି ବ୍ୟାଟ୍ସମ୍ୟାନଙ୍କ ମଧ୍ୟରେ ପରାଗ ୧୨ ଏବଂ ହେଟମାୟାର ୧୫ କରିଥିଲେ। ଆଜିର ମ୍ୟାଚ୍‌ରେ ପୁଣି ବ୍ୟାଟିଂରେ ଫ୍ଲପ ହୋଇଛନ୍ତି ରବିନ୍ଦ୍ର ଜାଡେଜା । ସେ ୭ ବଲରୁ ୯ ରନ କରିବାରେ ସକ୍ଷମ ହୋଇଛନ୍ତି । ଦଳର ବାକି ବ୍ୟାଟ୍ସମ୍ୟାନ ଦୁଇ ଅଙ୍କ ଛୁଇଁ ପାରିନଥିଲେ। ଯଦିଓ ପ୍ରଥମରୁ କୋଲକାତା ବୋଲରଙ୍କ ଉପରେ ସୂର୍ଯ୍ୟବଂଶୀ ଏବଂ ଜୟସ୍ୱାଲ ମହଙ୍ଗା ପଡ଼ିଥିଲେ ତଥାପି ଶେଷ ସମୟରେ ଟ୍ରାକକୁ ଫେରିଥିଲେ । ଦୁଇ ସ୍ପିନର ବରୁଣ ଏବଂ ନାରାୟଣ ରାଜସ୍ଥାନ ବ୍ୟାଟିଂକୁ ଧ୍ୱଂସ କରିଥିଲେ।

# ଆର୍ଜେଣ୍ଟିନା ଫୁଟ୍‌ବଲ୍ ସଂଘ ବିରୋଧରେ ଆଉ ଏକ ଠକେଇ ଅଭିଯୋଗ

ମାୟାମି: ଆର୍ଜେଣ୍ଟିନା ଫୁଟ୍‌ବଲ୍ ସଂଘ ଓ ତାରକା ଖେଳାଳି ଲିଓନେଲ୍ ମେସିଙ୍କ ବିରୋଧରେ ଆଉ ଏକ ଠକେଇ ଅଭିଯୋଗ ଆସିଛି। ଆମେରିକାର ମିଆମିସ୍ଥିତ ଏକ ଇଭେଣ୍ଟ ପରିଚାଳନା ସଂସ୍ଥା ଭିଡ୍ ମ୍ୟୁଜିକ୍ ଗ୍ରୁପ୍‌ର ଅଭିଯୋଗ ଅନୁସାରେ ଏକ ପ୍ରଦର୍ଶନୀ ଫୁଟ୍‌ବଲ୍ ମ୍ୟାଚ୍ ଖେଳିବାକୁ ପ୍ରାୟ ୭ ନିୟୁତ ଡଲାର (ପ୍ରାୟ ୬୫ କୋଟି ଟଙ୍କା) ଗ୍ରହଣ କରିବା ସତ୍ତ୍ୱେ ଦଳ ମ୍ୟାଚ୍ ଖେଳିବାକୁ ଆସି ନଥିଲା। ଏ ନେଇ ସଂସ୍ଥା ପକ୍ଷରୁ ମିଆମିର ଏକ ଅଦାଲତରେ ମାମଲା ରୁଜୁ କରାଯାଇଛି। ଏହି ଅଭିଯୋଗ ଅନୁସାରେ ଗତ ଅକ୍ଟୋବର ମାସରେ ଭେନ୍‌ଜୁଏଲା ଓ ପୁଏର୍ତୋରିକୋ ବିପକ୍ଷରେ ଆର୍ଜେଣ୍ଟିନା ଦଳ ଦୁଇଟି ପ୍ରଦର୍ଶନୀ ମ୍ୟାଚ୍ ଖେଳିବାର ଥିଲା। ଚୁକ୍ତି ଅନୁସାରେ ଏସବୁ ମ୍ୟାଚ୍‌ରେ ମେସି ଖେଳିବା କଥା କିନ୍ତୁ ଅକ୍ଟୋବର ୧୦ରେ ଭେନ୍‌ଜୁଏଲା ବିପକ୍ଷ ମ୍ୟାଚ୍‌ରେ ସେ ନ ଖେଳି, ଷ୍ଟାଡିୟମ୍‌ରେ ବସି ଖେଳ ଦେଖିଥିଲେ। ଆହତ କାରଣ ଦର୍ଶାଇ ସେ ଖେଳି ନଥିବା କୁହାଯାଇଥିଲେ ବି ପରଦିନ ସେ ନିଜ କ୍ଲବ୍ ଇଣ୍ଟର୍ ମିଆମି ପକ୍ଷରୁ ଆଟ୍‌ଲାଣ୍ଟା ବିପକ୍ଷ ମ୍ୟାଚ୍‌ରେ ଖେଳିଥିଲେ। ଏହା ଦ୍ୱାରା ବିପୁଳ ଆର୍ଥିକ କ୍ଷତି ହୋଇଥିବା 'ଭିଡ୍' ଅଭିଯୋଗ କରିଛି।ତେବେ ଅକ୍ଟୋବର ୧୪ରେ ପୁଏର୍ତୋରିକୋ ବିପକ୍ଷ ମ୍ୟାଚ୍‌ରେ ସେ ଖେଳିଥିଲେ। ଚଳିତ ମାସ ଆରମ୍ଭରେ କେରଳର କ୍ରୀଡ଼ାମନ୍ତ୍ରୀ ଭି.ଅବଦୁ ରହମାନ ଅଭିଯୋଗ କରିଥିଲେ ଯେ ପ୍ରାୟ ୨୫୦ କୋଟି ଟଙ୍କା ନେଇ କେରଳରେ ଏକ ପ୍ରଦର୍ଶନୀ ମ୍ୟାଚ୍ ଖେଳିବାକୁ ଆର୍ଜେଣ୍ଟିନା ଫୁଟ୍‌ବଲ୍ ସଂଘ ଚୁକ୍ତି କରିଥିଲେ ବି ଖେଳିବାକୁ ଆସି ନଥିଲା।

# ମୁହାଁମୁହିଁ ହେବେ ରୋଣ୍ଡା ରାଉଜି ଓ କାରାନୋ

ନ୍ୟୁୟର୍କ: ମିକ୍ସଡ୍ ମାର୍ଶାଲ୍ ଆର୍ଟ (ଏମ୍ଏମ୍ଏ)ର ଏକ ମହା ଲଢ଼ ଆୟୋଜିତ ହୋଇଛି। ଦୁଇ ଖ୍ୟାତନାମା ଯୋଦ୍ଧା ରୋଣ୍ଡା ରାଉଜି ଓ କାରାନୋ ଆସନ୍ତା ମେ' ମାସ ୧୬ ତାରିଖରେ ପରସ୍ପର ବିରୋଧରେ ଏହି ଲଢ଼େଇରେ ଅବତୀର୍ଣ୍ଣ ହେବେ। ଏକ ସାମ୍ବାଦିକ ସମ୍ମିଳନୀରେ ରୋଣ୍ଡା ରାଉଜି ଏହି ଘୋଷଣା କରିଛନ୍ତି। ଏହି ଲଢ଼େଇ ଏମ୍ଏମ୍ଏ ଖେଳ ଇତିହାସରେ ଏକ ମାଇଲ୍‌ଖୁଣ୍ଟ ପ୍ରତିଷ୍ଠା କରିବ ବୋଲି ପ୍ରତିଶ୍ରୁତି ଦେଇଛି। ଏହି ପ୍ରତ୍ୟାବର୍ତ୍ତନ ଲଢ଼ ବିଷୟରେ ଘୋଷଣା କରି ରୋଣ୍ଡା ରାଉଜି କହିଛନ୍ତି 'ଏହା କେବଳ ଏକ ସର୍ବକାଳୀନ ଶ୍ରେଷ୍ଠ ମହିଳା ଲଢ଼ ନୁହେଁ, ଏହା ଜୀବନରେ ଥରେ ଘଟିବାଭଳି ଘଟଣା ହେବାକୁ ଯାଉଛି। କିଛି ବଡ ଅଭିଯାନର ଆରମ୍ଭ ହେବାକୁ ଯାଉଛି'। ପ୍ରଥମ ଆମେରିକୀୟ ମହିଳା ଭାବେ ଅଲିମ୍ପିକ୍ସ ପଦକ (ବେଜିଂ, ୨୦୦୮) ଜିତିଥିବା ରୋଣ୍ଡା ମଧ୍ୟ ପ୍ରଥମ ମହିଳା ଫାଇଟର୍ ଭାବେ ୟୁଏଫସିର ହଲ୍ ଅଫ୍ ଫେମ୍‌ରେ ସାମିଲ ହୋଇଥିଲେ। ୨୦୧୫ ମସିହାରେ ତାଙ୍କୁ ହୋଲି ହୋମ୍ ହରାଇବା ପୂର୍ବରୁ ସେ ୬ ଥର ବେଣ୍ଟମ୍‌ୱେଟ୍ ଟାଇଟଲ୍ ବଜାୟ ରଖିଥିଲେ ।ରୋଣ୍ଡା ଓ କାରାନୋଙ୍କ ଏହି ଲଢ଼ ମେ' ୧୬ ତାରିଖରେ ଅନୁଷ୍ଠିତ ହେବ ଏବଂ ନେଟ୍‌ଫ୍ଲିକ୍ସରେ ଏହାର ସିଧାପ୍ରସାରଣ ବି କରାଯିବ। ଏଥି ସହିତ ଏମ୍ଏମ୍ଏ ପ୍ରମୋସନ୍ କମ୍ପାନି 'ଏମ୍‌ଭିପି'ର ପଦାର୍ପଣ ମଧ୍ୟ ହେବ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ